# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

JEYPORE

◆VOLUME- 43 ◆ISSUE-106 ◆SUNDAY ◆12 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୦୬ ◆ରବିବାର ◆୧୨ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)





### ଆର୍‌ଜି କର ଡାକ୍ତରଖାନା ଘଟଣାର ପୁନରାବୃତ୍ତି

**ପଶ୍ଚିମବଙ୍ଗରେ ପୁଣି ଲଜ୍ଜା**

# ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ

**ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୧।୧୦ (ସମିସ):** ପଶ୍ଚିମବଙ୍ଗରେ ପୁଣି ଲଜ୍ଜା। ଆର୍‌ଜି କର ଡାକ୍ତରଖାନା ଛାତ୍ରୀ ଦୁଷ୍କର୍ମ ଘଟଣା ଭଳି ଆଉ ଏକ ଲୋମହର୍ଷକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କୋଲକାତାଠାରୁ ପ୍ରାୟ ୧୭୦କି.ମି. ଦୂର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁରର ଶୋଭାପୁର ନିକଟରେ ଅବସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ପଢୁଥିବା ଓଡ଼ିଶାର ଜଣେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ। ଶୁକ୍ରବାର ରାତିରେ ଛାତ୍ରୀଜଣଙ୍କ ନିଜର କିଛି ସାଙ୍ଗଙ୍କ ସହ କଲେଜ କ୍ୟାମ୍ପସ ବାହାରକୁ ରାତ୍ରିଭୋଜନ ପାଇଁ ଯାଇଥିବା ବେଳେ ତାଙ୍କ ସହ ଏହି ବର୍ବରୋଚିତ ଘଟଣା ଘଟିଛି। ରାତି ପ୍ରାୟ ୧୦ଟାରେ ୩ ଜଣ ଅଭିଯୁକ୍ତ ଏହି ଛାତ୍ରୀଙ୍କୁ କଲେଜ ନିକଟ ଏକ ନିଛାଟିଆ ସ୍ଥାନକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ମେଡିକାଲ କଲେଜର କର୍ମଚାରୀ, ଛାତ୍ରୀଙ୍କ ସାଙ୍ଗ ଓ ଅନ୍ୟ କିଛି ବ୍ୟକ୍ତିଙ୍କୁ ପଚରାଉଚରା କରି ଦୁର୍ବୃତ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ▸ପୃଷ୍ଠା-୭



**ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ; ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମମତାଙ୍କୁ କଲେ ଅନୁରୋଧ**

**ପଶ୍ଚିମବଙ୍ଗ ଯିବ ଓଡିଶା ପୁଲିସର ସ୍ୱତନ୍ତ୍ର ମହିଳା ଟିମ୍**



## ନବୀନ ନିବାସରେ ପିଏସି ବୈଠକ

**ଖୁବଶୀଘ୍ର ଘୋଷଣା ହେବେ ନୂଆପଡ଼ା ପ୍ରାର୍ଥୀ**


**ନବୀନଙ୍କ ଉପରେ ଆସ୍ଥା ଅତୁଟ, ଦଳୀୟ ପ୍ରାର୍ଥୀ ବହୁ ଭୋଟରେ ଜିତିବା ନେଇ ପ୍ରମିଳାଙ୍କ ଦୃଢ଼ୋକ୍ତି**

**ଭୁବନେଶ୍ୱର, ୧୧।୧୦ (ସମିସ):** ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଦଳର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ବିଭିନ୍ନ ସମସ୍ୟା, ରାଜ୍ୟ ସରକାରଙ୍କ ବିଫଳତା, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ମୁଖ୍ୟ ସଚେତିକା ତଥା ପିଏସି ସଦସ୍ୟା ପ୍ରମିଳା ମଲ୍ଲିକ ଏନେଇ ସୂଚନା ଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରସଙ୍ଗ ସହ ନୂଆପଡ଼ା ଉପନିର୍ବାଚନ ନେଇ ଆଲୋଚନା କରାଯାଇଛି। ଖୁବଶୀଘ୍ର ଦଳୀୟ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ। ଆମ ପ୍ରାର୍ଥୀ ବହୁ ଭୋଟରେ ନୂଆପଡ଼ା ଉପ ନିର୍ବାଚନ ଜିତିବେ ବୋଲି ଶ୍ରୀମତି ମଲ୍ଲିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ▸ପୃଷ୍ଠା-୭

## ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'



**ଭୁବନେଶ୍ୱର, ୧୧।୧୦ (ସମିସ):** ଓଡ଼ିଶାର ଅନ୍ତର୍ଜାତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଶ୍ୱେତାପର୍ଣ୍ଣା ପଣ୍ଡାଙ୍କୁ ୨୦୨୫ ବର୍ଷ ଲାଗି ସମ୍ମାନଜନକ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯିବ। ସୁଶ୍ରୀ ପଣ୍ଡାଙ୍କୁ ପୁରସ୍କାର ବାବଦରେ ମାନପତ୍ର, ସ୍ମୃତି ଫଳକ ଓ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ରାଜ୍ୟର ଅନ୍ୟ ଦୁଇ ମହିଳା କ୍ରୀଡ଼ାବିତ୍ ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନଙ୍କୁ ସମ୍ମାନିତ କରାଯିବ। ଉଭୟଙ୍କୁ ମାନପତ୍ର, ସ୍ମୃତିଫଳକ ସହ ୧.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ▸ପୃଷ୍ଠା-୭



# ଚୀନ୍‌କୁ ଟ୍ରମ୍ପ ପ୍ରହାର



## ଲଗାଇଲେ ଶହେ ପ୍ରତିଶତ ଶୁଳ୍କ



ୱାସିଂଟନ, ୧୧।୧୦ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ ବଡ଼ ଶୁଳ୍କ ପ୍ରହାର କରିଛନ୍ତି। ସେ ବେଜିଂ ଉପରେ ଶହେ ପ୍ରତିଶତ ଶୁଳ୍କ ଲଗାଇବା ପାଇଁ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ନୂଆ ଶୁଳ୍କ ନଭେମ୍ବର ୧ରୁ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ଏଥିସହିତ ଟ୍ରମ୍ପ ପୁଣି ଆଉ ଏକ ଶୁଳ୍କ ଯୁଦ୍ଧକୁ ଆହ୍ୱାନ ଦେଉଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଅଧିକ ବୃଦ୍ଧି ପାଇବ ବୋଲି କୁହାଯାଉଛି। କାରଣ ଟ୍ରମ୍ପ ପୂର୍ବରୁ ଚୀନ୍ ଉପରେ ୩୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ନୂଆକୁ ମିଶାଇ ବେଜିଂ ଉପରେ ମୋଟ ୧୩୦ ପ୍ରତିଶତ ଶୁଳ୍କ ଲଗାଗଲାଣି। ଏହା ଅନ୍ୟ ଦେଶ ଉପରେ ଲଗାଯାଇଥିବା ଶୁଳ୍କ ତୁଳନାରେ ସର୍ବାଧିକ।

### ରେୟାର ଆର୍ଥ ମ୍ୟାଟେରିଆଲରେ ରପ୍ତାନୀ କଟକଣା ଯୋଗୁଁ ଟ୍ରମ୍ପ କ୍ଷୁବ୍ଧ

### ଚୀନ୍ ବିଶ୍ୱକୁ ବନ୍ଦୀ ବନାଇବାକୁ ପ୍ରୟାସ କରୁଛି

କେବଳ ସେତିକି ନୁହେଁ, ଚୀନ୍ ଉପରେ ଡିଜିଟାଲ ପ୍ରହାର କରିବାକୁ ମଧ୍ୟ ଟ୍ରମ୍ପ ଚାହୁଁଛନ୍ତି। ସେ ନଭେମ୍ବର ୧ରୁ ସବୁ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେରର ରପ୍ତାନୀ ଉପରେ ନିୟନ୍ତ୍ରଣ କରିବାକୁ କହିଛନ୍ତି। ରେୟାର ଆର୍ଥ ମ୍ୟାଟେରିଆଲ ତଥା ବିରଳ ଖଣିଜ ପଦାର୍ଥ ଉପରେ ଚୀନ୍‌ର କଠୋର କଟକଣା ଲଗାଇବାରୁ ଟ୍ରମ୍ପ ଏହି ପଦକ୍ଷେପ ନେଇଛନ୍ତି। କିନ୍ତୁ ଏହାର ନକରାତ୍ମକ ପ୍ରଭାବ ଆମେରିକା ଉପରେ ପଡ଼ିଛି। ଶୁକ୍ରବାର ଆମେରିକା ସେୟାର ବଜାରରେ ଭୂକମ୍ପ ଆସିଛି। ଦିନକରେ ନିବେଶକମାନଙ୍କର ୧.୫ ଟ୍ରିଲିୟନ ଡଲାର କ୍ଷତି ହୋଇଛି। କିନ୍ତୁ ଚୀନ୍ ଉପରେ ଟ୍ରମ୍ପ ଲଗାଇଥିବା ଶୁଳ୍କ ଭାରତ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସୂଚନା ଅନୁଯାୟୀ, ଚୀନ୍ ଗତ ୯ ତାରିଖରେ 'ରେୟାର ଆର୍ଥ'ର ରପ୍ତାନୀକୁ ଅଧିକ କଡ଼ାକଡି କରିଦେଇଥିଲା। ଏହି ନୂଆ ନିୟମ ଅନୁସାରେ ଚୀନ୍‌ର ବିରଳ ଖଣିଜ ପଦାର୍ଥ କିମ୍ବା ଜ୍ଞାନକୌଶଳ ବ୍ୟବହାର କରୁଥିବା ବିଦେଶୀ କମ୍ପାନୀଙ୍କୁ ଲାଇସେନ୍ସ ନେବାକୁ ପଡ଼ିବ। ମାତ୍ର ବିଦେଶୀ ସେନା ସହ ଜଡ଼ିତ କମ୍ପାନୀଙ୍କୁ ଏହି ଲାଇସେନ୍ସ ପ୍ରଦାନ କରାଯିବ ନାହିଁ ବୋଲି ଚୀନ୍ ସ୍ପଷ୍ଟ କରିଦେଇଛି। ଏହାକୁ ନେଇ ଟ୍ରମ୍ପ କହିଛନ୍ତି ଯେ ଚୀନ୍‌ର ଏହି ନିଷ୍ପତ୍ତି ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ର ପାଇଁ ସମସ୍ୟା ସୃଷ୍ଟି କରିବ। ଏଭଳି କଟକଣା ଲଗାଇ ଚୀନ୍ ଶତ୍ରୁତାପୂର୍ଣ୍ଣ ଆଚରଣ କରୁଛି। ଏହି ଦେଶ ବିଶ୍ୱକୁ ବନ୍ଦୀ କରି ରଖିବାକୁ ପ୍ରୟାସ କରୁଛି। ଯଦି ଚୀନ୍ ପୁଣି କୌଣସି ପଦକ୍ଷେପ ନିଏ ତେବେ ତାହା ଉପରେ ଖୁବଶୀଘ୍ର ଶୁଳ୍କ ଲଗାଇ ଦିଆଯିବ। ସୂଚନା ଅନୁଯାୟୀ ଚୀନ୍ ପାଖରେ ୧୭ଟି ବିରଳ ଖଣିଜ ପଦାର୍ଥ ରହିଛି। ସେ ଏହାକୁ ଅନ୍ୟ ଦେଶକୁ ରପ୍ତାନୀ କରୁଛି। ଇଲେକ୍ଟ୍ରୋନିକ ସାମଗ୍ରୀ, ଇଭି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ହେଉଛି। ଚୀନ୍ ପୂର୍ବରୁ ୭ ରେୟାର ଆର୍ଥ ମ୍ୟାଟେରିଆଲ ଉପରେ ନିୟନ୍ତ୍ରଣ ରଖିଥିଲା। କିନ୍ତୁ ଗତ ୯ ତାରିଖରେ ଏଥିରେ ଆଉ ୫ଟିକୁ ସାମିଲ କରିଥିଲା।

## ରୋହତକ ଏସ୍‌ପିଙ୍କୁ ପଦରୁ ହଟାଗଲା

ରୋହତକ, ୧୧।୧୦(ଏଜେନ୍ସି): ହରିୟାଣାର ବରିଷ୍ଠ ଆଇପିଏସ୍ ଅଧିକାରୀ ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟା ମାମଲାରେ ଏକ ବଡ଼ ଧରଣର ପ୍ରଶାସନିକ ପଦକ୍ଷେପ ନିଆଯାଇଛି। ଏହି ମାମଲା ସହିତ ଜଡ଼ିତ ଥିବା ଅଭିଯୋଗରେ ବରିଷ୍ଠ ପୁଲିସ ଅଧିକାରୀ ତଥା ରୋହତକ ଏସ୍‌ପି ନରେନ୍ଦ୍ର ବିଜାରନିଆଙ୍କୁ ପଦରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଆଇପିଏସ୍ ଅଧିକାରୀ ସୁରିନ୍ଦର ସିଂ ଭୋରିଆଙ୍କୁ ନୂଆ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି ଓ ବିଜାରନିଆଙ୍କ ନିଯୁକ୍ତି ନେଇ ପୃଥକ ନିର୍ଦ୍ଦେଶ ଜାରି କରାଯିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ପୁରନ କୁମାର ଗତ ମଙ୍ଗଳବାର ଚଣ୍ଡିଗଡ଼ସ୍ଥିତ ନିଜ ସରକାରୀ ବାସଭବନରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରୁ ତାଙ୍କର ଏକ ୯ ପୃଷ୍ଠାର ସୁଇସାଇଡ୍ ନୋଟ୍ ପୁଲିସ ଜବତ କରିଥିଲା। ଏଥିରେ ପୁରନ କୁମାର ୧୨ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଦେବା ଓ ଭେଦଭାବ କରିଥିବାର ଅଭିଯୋଗ କରିଥିଲେ। ଅନୁଚିତ ନୋଟିସ ଜାରି କରି ସମସ୍ୟାରେ ପକାଇବା ଓ ପୋଷ୍ଟିଂରେ ଭେଦଭାବ କରିବା ନେଇ ସେ ଖୋଲାଖୋଲି ଭାବେ ଅଭିଯୋଗ କରିଥିଲେ। ତାଙ୍କ ଆଇଏଏସ୍ ପତ୍ନୀ ଅମନୀତ ପୁରନ କୁମାରଙ୍କ ଅଭିଯୋଗ କ୍ରମେ ୧୩ ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ମାମାଲା ରୁଜୁ କରାଯାଇଛି। ଏହି ଘଟଣା ନେଇ ମଧ୍ୟ ରାଜନୀତି ଆରମ୍ଭ ହୋଇଛି। ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା, କଂଗ୍ରେସ ସାଂସଦ ରଣଦୀପ ସୂର୍ଯ୍ୟୱାଲା ଏହି ଘଟଣାକୁ ନିନ୍ଦା କରିବା ସହ ପ୍ରଶାସନିକ ଉତ୍ପୀଡନର ଗମ୍ଭୀର ପରିଣାମ ବୋଲି ଅଭିହିତ କରିଥିଲେ।

## ଚନ୍ଦ୍ରଶେଖରଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ଭୀମ ଆର୍ମି ମୁଖ୍ୟ ତଥା ଉତ୍ତରପ୍ରଦେଶର ନାଗିନା ଲୋକସଭା ସାଂସଦ ଚନ୍ଦ୍ରଶେଖର ଆଜାଦ ରାବଣଙ୍କ ବିରୋଧରେ ତାଙ୍କ ବାନ୍ଧବୀ ରୋହିଣୀ ଘାବରୀ ଯୌନ ଶୋଷଣ ଓ ବ୍ଲାକମେଲ କରିବାର ଅଭିଯୋଗ ଆଣିଛନ୍ତି। ୪ ବର୍ଷ ହେବ ଆମେ ସମ୍ପର୍କରେ ଥିଲୁ ଓ ସମସ୍ତେ ଏ ବିଷୟରେ ଅବଗତ ଥିଲେ। କିନ୍ତୁ ସେ ସାଂସଦ ଭାବେ ନିର୍ବାଚିତ ହେବା ପରେ ସମ୍ପର୍କ ଶେଷ କରିବାକୁ କହୁଛନ୍ତି ବୋଲି ରୋହିଣୀ ଅଭିଯୋଗ କରିଛନ୍ତି। ସେ ମୋର ସବୁକିଛି ନଷ୍ଟ କରିଛନ୍ତି। ମୋର ଛବି ଓ ସଂଘର୍ଷ ସବୁ କିଛି ମାଟିରେ ମିଶିଛି ବୋଲି ରୋହିଣୀ କହିଛନ୍ତି। ରୋହିଣୀ ଜଣେ ପିଏଚ୍‌ଡି ସ୍କଲାର। ଏବେ ଏହିସବୁ ଅଭିଯୋଗ ନେଇ ରୋହିଣୀ ତାଙ୍କ ସହ ଆଇନଗତ ଲଢ଼େଇ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ପୁଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରି ନଥିବାରୁ ସେ ଚିନ୍ତିତ ଅଛନ୍ତି। ଚନ୍ଦ୍ରଶେଖର ନିଜର ବିବାହ କଥା ଲୁଚାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ସେ ଓକିଲଙ୍କ ପରାମର୍ଶ କ୍ରମେ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ରେକର୍ଡ କରିଛନ୍ତି ବୋଲି ରୋହିଣୀ କହିଛନ୍ତି। ରୋହିଣୀଙ୍କ ଘର ମଧ୍ୟପ୍ରଦେଶର ଇନ୍ଦୋରରେ। ସେ ସ୍ୱିଜରଲାଣ୍ଡର ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ପିଏଚ୍‌ଡି କରିବା ପାଇଁ ତାଙ୍କୁ ୧ କୋଟି ଟଙ୍କାର ସ୍କଲାର୍ସିପ ମିଳିଛି। ସେ ୫ ବର୍ଷ ହେବ ସ୍ୱିଜରଲାଣ୍ଡରେ ଚାକିରି କରୁଛନ୍ତି ଓ ଏନ୍‌ଜିଓ ଚଳାଉଛନ୍ତି। ସେ ୨୦୨୪ ମାର୍ଚ୍ଚ ୨୨ରେ ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରି ଚର୍ଚ୍ଚାକୁ ଆସିଥିଲେ। ଚନ୍ଦ୍ରଶେଖର ୨୦୨୪ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ମସଜିଦ୍‌ରେ ମୌଲାନାଙ୍କ ପତ୍ନୀ, ଦୁଇ ଝିଅଙ୍କୁ ହତ୍ୟା

ଲକ୍ଷ୍ନୌ, ୧୧।୧୦(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତରେ ଜଣେ ମୌଲାନାଙ୍କ ପତ୍ନୀ ଓ ଦୁଇ ଝିଅଙ୍କୁ ନିର୍ମମଭାବେ ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସିଛି। ୩ ଜଣଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ମସଜିଦ୍‌ର ଉପରେଥିବା ପ୍ରକୋଷ୍ଠରୁ ମିଳିଛି। ମୌଲାନା ଇବ୍ରାହିମ୍ ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କୁ ସ୍ୱାଗତ କରିବାକୁ ସାହାରନପୁର ଯାଇଥିବା ବେଳେ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ବାଗପତର ଦୋଘଘଟ ଥାନା ଅଞ୍ଚଳର ଗାଙ୍ଗନୋଲି ଗାଁରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତହେହଗୁଡିକ ମିଳିବା ପରେ ଏହି ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ମୃତ୍ୟୁବରଣ କରିଥିବା ମୌଲାନଙ୍କ ପତ୍ନୀ ହେଲେ ଇସରାନା (୩୦), ଝିଅ ସୋଫିଆ (୫) ଓ ଅମଖ୍ୟା (୨)। ହତ୍ୟାର କାରଣ ଜାଣିବା ପାଇଁ ପୁଲିସ ଯାଞ୍ଚ ଆରମ୍ଭ କରିଛି। ମୃତଦେହଗୁଡିକର ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ପୁଲିସ କହିଛି। ମୌଲାନା ଜଣକ ମସଜିଦ୍‌ରେ ନମାଜ ପଢ଼ାଇବାର କାର୍ଯ୍ୟ କରିଥାନ୍ତି। ନମାଜ ପଢ଼ିବାକୁ ଆସିଥିବା ଲୋକେ କୋଠରୀ ବାହାରେ ରକ୍ତ ବହୁଥିବାର ଦେଖିଥିଲେ। ପୁଲିସ ଏବେ ଲୋକଙ୍କୁ ପଚାରଉଚରା କରୁଛି। ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି। ୩ ଜଣଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଚୋଟ ମରାଯାଇଛି। ମୌଲାନାଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ଏହି ହତ୍ୟାକାଣ୍ଡ ଘଟାଯାଇଛି। ଅପ୍ରୀତିକର ସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରେ ରଖି ମସଜିଦ ନିକଟରେ ପୁଲିସ ଫୋର୍ସ ନିୟୋଜିତ କରାଯାଇଛି।

## ଦିଲ୍ଲୀରେ ବିହାର ନିର୍ବାଚନ ତାତି

ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀ କ୍ଷମତା କେନ୍ଦ୍ର ପାଲଟି ଯାଇଛି। ଏବେ ରାଜ୍ୟର ଅନେକ ନେତା ଦିଲ୍ଲୀରେ ଏକାଠି ହୋଇଛନ୍ତି। ବିହାର ରାଜନୀତି ଦିଲ୍ଲୀକୁ ସ୍ଥାନାନ୍ତର ହୋଇଯାଇଛି। ବିହାର ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀରେ ବୈଠକର ଧାରା ଜାରି ରହିଛି। ଦଳସ୍ତରରେ ବୈଠକ ଜାରି ରହିଥିବା ବେଳେ ଉଭୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟରେ ଆସନ ବଣ୍ଟନକୁ ନେଇ ଅଙ୍କକଷା ଜାରି ରହିଛି। ଏହାସତ୍ତ୍ୱେ ଏ ପର୍ଯ୍ୟନ୍ତ ଆସନ ବୁଝାମଣାର ସୂତ୍ର ବାହାରି ପାରି ନାହିଁ। ଏଥିଯୋଗୁ ସମସ୍ତଙ୍କ ଦୃଷ୍ଟି ନୂଆଦିଲ୍ଲୀ ଉପରେ ରହିଛି।

ବିହାର କୁରୁକ୍ଷେତ୍ରର ସବୁ ମହାରଥୀ ଏବେ ଦିଲ୍ଲୀରେ ଡେରା ଜମାଇଛନ୍ତି। ଏଠାରେ ବିଜେପି-ଏଲଜେପି ବୈଠକ ହେଉଛି। ଚିରାଗ ପାଶ୍ୱାନ, ଜିତନ ରାମ ମାନ୍‌ଝୀ ଏବଂ ଉପେନ୍ଦ୍ର କୁଶ୍ୱାହ ଦିଲ୍ଲୀରେ ଅଛନ୍ତି। ବିଜେପି ହେଉ କି କଂଗ୍ରେସ ପ୍ରାୟ ସବୁ ରାଜନୈତିକ ଦଳର ନେତା ଦିଲ୍ଲୀରେ ରହି ନିଜ ଦଳ ପାଇଁ ଅଧିକରୁ ଅଧିକ ଆସନ ଦାବି କରୁଛନ୍ତି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଘରେ ମାନଝୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟରେ ବୈଠକ ହୋଇଛି। ମାନଝୀ ୧୦ ଆସନ ମାଗୁଥିବା ବେଳେ ବିଜେପି ୭ଟି ଦେବାକୁ ଚାହୁଁଛି। ତେବେ ବିଜେପି ତୁଳନାରେ ଜେଡିୟୁ ଅଧିକ ଗୋଟିଏ ଆସନରେ ଲଢ଼ିବ ବୋଲି କୁହାଯାଉଛି। ଆସନ ବୁଝାମଣା ନେଇ ରବିବାର ଏନ୍‌ଡିଏ ପକ୍ଷରୁ ଘୋଷଣା କରାଯାଇପାରେ।

ଅନ୍ୟପଟେ ପାଟନାରେ 'ଇଣ୍ଡିଆ' ମେଣ୍ଟର ଆସନ ସୂତ୍ର ବାହାରି ପାରିନି। ତେଣୁ ଆରଜେଡି ମୁଖ୍ୟ ଲାଲୁ ଏବଂ ତେଜସ୍ୱୀ ଯାଦବ ଦିଲ୍ଲୀ ଯାଉଛନ୍ତି। ସେ କଂଗ୍ରେସ ହାଇକମାଣ୍ଡଙ୍କ ସହ ବୈଠକ କରିବେ। ଏହାପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କିନ୍ତୁ ଏ ପର୍ଯ୍ୟନ୍ତ କିଏ କେତେ ଆସନରେ ଲଢ଼ିବ ତାହା ସ୍ପଷ୍ଟ ହୋଇନାହିଁ। ଏହା ମଧ୍ୟରେ ଅସାଦୁଦ୍ଦିନ ଓୱେସିଙ୍କ ଦଳ ଏଆଇଏମଆଇଏମ ବିହାର ପାଇଁ ବଡ଼ ଘୋଷଣା କରିଛି। ସେ ତୃତୀୟ ସାମ୍ମୁଖ୍ୟ ଗଠନ କରିବାକୁ ପ୍ରୟାସ କରୁଛନ୍ତି। ମେଣ୍ଟ ନ ହେଲେ ଦଳ ଶହେ ଆସନରେ ଲଢିବ ବୋଲି ଓୱେସି ଘୋଷଣା କରିଛନ୍ତି। ରାଜ୍ୟରେ ନଭେମ୍ବର ୬ ଓ ୧୧ ତାରିଖରେ ନିର୍ବାଚନ ହେବ।

## ଅଫିସରେ ହାଜରହେଲେ ୫ 'ମୃତ' ଭୋଟର

ପାଟଣା, ୧୧।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଆଉ ମାସେରୁ କମ୍ ସମୟ ବାକି ଥିବା ବେଳେ ଧୋରାଇଆ ବ୍ଲକସ୍ଥିତ ବସ୍ତାର ଗାଁର ୫ ଜଣ ବାସିନ୍ଦା ଭୋଟର ତାଲିକାରେ ନିଜକୁ ମୃତ ବୋଲି ଜାଣିବାକୁ ପାଇଛନ୍ତି। ଗାଁର ୨୧୬ ନଂ ବୁଥର ଏହି ୫ ଜଣ ବାସିନ୍ଦା ବିଡିଓ ଅରବିନ୍ଦ କୁମାରଙ୍କୁ ଦେଖା କରି ଏ ନେଇ ଅବଗତ କରାଇଥିଲେ। 'ସାର ଆମେ ବଞ୍ଚିଛୁ' ବୋଲି ସେମାନେ ବିଡିଓଙ୍କୁ କହିଥିଲେ। ସାମାଜିକ କର୍ମୀ ଇନ୍ଦ୍ରଦେବ ମଣ୍ଡଳଙ୍କ ନେତୃତ୍ୱରେ ଏହି ୫ ଗ୍ରାମାବସୀ ଭୋଟ ଦେବାରୁ ବଞ୍ଚିତ ହେବ ବୋଲି ଆଶଙ୍କା ପ୍ରକାଶ କରିଥିଲେ। କିନ୍ତୁ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ପୁଣିଥରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ ସେ ବ୍ଲକର ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଥିଲେ। କୌଣସି ଯୋଗ୍ୟ ବ୍ୟକ୍ତି ଭୋଟ ଦେବାରୁ ବଞ୍ଚିତ ହେବେ ନାହିଁ ବୋଲି ବିଡିଓ କଥା ଦେଇଛନ୍ତି। ଉଲ୍ଲେଖଥାଉ କି ଚମ୍ପାରନର ବାଗାହୀ ପଞ୍ଚାୟତର ଦୁର୍ମି ଗାଁରେ ୧୫ ଜଣଙ୍କୁ ମୃତ ବୋଲି ଭୋଟର ତାଲିକାରେ ଦର୍ଶା ଯାଇଥିଲା। ସେହିପରି ୨୦୧୬ ପୂର୍ବରୁ ମୃତ୍ୟୁବରଣ କରିଥିବା କେତେଜଣ ଲୋକଙ୍କୁ ଜୀବିତ ଦର୍ଶାଯାଇ ଭୋଟର ତାଲିକାରେ ସାମିଲ କରାଯାଇଥିଲା। ବିଭିନ୍ନ ଅଭିଯୋଗ ପରେ ଅଧିକାରୀ ମାନେ ତ୍ରୁଟି ସଂଶୋଧନ କରିବାକୁ ପ୍ରୟାଶ କରିଛନ୍ତି। ଏଥର ବିହାର ବିଧାନସଭାର ୨୪୩ଟି ସିଟ୍ ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି।

## ତାଲିବାନ ମନ୍ତ୍ରୀଙ୍କ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ମିଳିଲାନି ଅନୁମତି; ତୀବ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ସାମ୍ବାଦିକ ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ଏଠାରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସେ ମହିଳା ସାମ୍ବାଦିକଙ୍କ ପ୍ରବେଶକୁ ମନା କରିଥିଲେ ଓ ଏ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ କଂଗ୍ରେସ ସାଂସଦ ତଥା ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଶ୍ନ ପଚାରିଛନ୍ତି। ଏହାଦ୍ୱାରା ମହିଳାଙ୍କ ଅପମାନ ହୋଇଛି ଓ ପ୍ରଧାନମନ୍ତ୍ରୀ ଏହା କିଭଳି ହେବାକୁ ଦେଲେ? ମହିଳା ହେଉଛନ୍ତି ଏହି ଦେଶର ମେରୁଦଣ୍ଡ। ଭାରତରେ ସକ୍ଷମ ମହିଳାଙ୍କ ଅପମାନ ହେବାକୁ କିଭଳି ଦିଆଗଲା ବୋଲି ସେ ପ୍ରଶ୍ନ ପଚାରିଛନ୍ତି।

**ଆମର କୌଣସି ଭୂମିକା ନାହିଁ; କେନ୍ଦ୍ର**

ଏହାର ଜବାବ ରଖିଛି ଭାରତ ବୈଦେଶିକ ମନ୍ତ୍ରଣାଳୟ। ଆଫଗାନ୍ ବିଦେଶ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଆମର କୌଣସି ଭୂମିକା ନାହିଁ। ଏହି ସାମ୍ବାଦିକ ସମ୍ମିଳନୀ ଆଫଗାନ ଦୂତାବାସରେ ଆୟୋଜିତ ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ଏହି ସାମ୍ବାଦିକ ସମ୍ମିଳନୀ ଡାକି ନଥିଲା ବୋଲି ସ୍ପଷ୍ଟ କରାଯାଇଛି। ଯେତେବେଳେ ଆଫଗାନ୍ ମନ୍ତ୍ରୀ ଦିଲ୍ଲୀରେ ପହଞ୍ଚିଥିଲେ, ସେତେବେଳେ ମୁମ୍ବାଇ ସ୍ଥିତ ଆଫଗାନସ୍ତାନର କାଉନସିଲ ଜେନେରାଲ ଶୁକ୍ରବାର ହାତଗଣିତ କେତେଜଣ ବରିଷ୍ଠ ସମ୍ବାଦିକଙ୍କୁ ନିମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତର କ୍ଷେତ୍ରରେ ଆସୁନାହିଁ। ତେଣୁ ଏହି ବିବାଦରେ ଭାରତର କୌଣସି ଭୂମିକା ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ମୁତ୍ତାକି କେବଳ ପୁରୁଷ ସାମ୍ବାଦିକଙ୍କ ସହ କଥା ହୋଇଥିଲେ। ମହିଳା ସାମ୍ବାଦିକଙ୍କ ବାରଣ ନେଇ କେବଳ ପ୍ରିୟଙ୍କା ଗାନ୍ଧୀ ନୁହଁ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ପି ଚିଦାମ୍ବରମ, ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବା ସହ ପ୍ରଶ୍ନ ପଚାରିଛନ୍ତି। । ମୁତ୍ତାକି ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ।

# ପାକ୍‌ରେ ବିସ୍ଫୋରକ ସ୍ଥିତି

## ଗୋଟିଏ ଦିନରେ ୨୩ ମୃତ; ୬୦ରୁ ଅଧିକ ଆହତ

ଲାହୋର, ୧୧।୧୦(ଏଜେନ୍ସି): ଗାଜା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଯୋଜନାକୁ ବିରୋଧ କରି ପାକିସ୍ତାନରେ ଉତ୍ତେଜନା ବୃଦ୍ଧି ପାଇଛି। କଠୋରପନ୍ଥୀ ତେହେରିକ-ଇ- ଲବାଇକ୍ ପାକିସ୍ତାନ (ଟିଏଲ୍‌ପି) ଏହି ଶାନ୍ତି ଯୋଜନାକୁ ବିରୋଧ କରି ଲାହୋରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଟିଏଲ୍‌ପିର ଲକ୍ଷାଧିକ ସମର୍ଥକ ଆମେରିକା ଦୂତାବାସ ନିକଟକୁ ଶୋଭାଯାତ୍ରା ନେବାକୁ ପ୍ରୟାସ କରିଥିଲେ। ପୁଲିସ ଅଟକାଇବାରୁ ସଂଘର୍ଷ ହୋଇଥିଲା। ପୁଲିସ ଗୁଳିରେ ଟିଏଲ୍‌ପିର ୧୧ ଜଣ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ୬୦ ଜଣ ଆହତ ହୋଇଛନ୍ତି। ଟିଏଲ୍‌ପି ଶନିବାର ବିକ୍ଷୋଭ ଶୋଭାଯାତ୍ରା ବାହର କରିବାର କାର୍ଯ୍ୟକ୍ରମ ଥିଲା। ଏହାକୁ ରୋକିବା ପାଇଁ ସରକାର ରାଜଧାନୀକୁ ଯାଉଥିବା ସବୁ ସଡ଼କକୁ ବ୍ଲକ କରିଥିଲେ। ଏଥିସହ ଇସ୍‌ଲାମାବାଦ ଓ ରାୱଲପିଣ୍ଡିରେ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ଟିଏଲ୍‌ପି ନେତାଙ୍କୁ ଗିରଫ କରିବାକୁ ଚେଷ୍ଟା କରାଯାଉଥିବା ବେଳେ ହିଂସା ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ ୨୦୧୭ରେ ଟିଏଲ୍‌ପି କଟରପନ୍ଥୀ ସଂଗଠନର ସ୍ଥାପନ ହୋଇଥିଲା।

### ଗାଜା ଶାନ୍ତି ଯୋଜନା ବିରୋଧରେ ହିଂସା, ପୁଲିସ ଗୁଳିରେ ୧୧ ନିହତ



### ଆତଙ୍କବାଦୀ-ପୁଲିସ ସଂଘର୍ଷ, ୧୨ ମୃତ

ଇସ୍‌ଲାମାବାଦ୍, ୧୧।୧୦(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱାର ଡେରା ଇସ୍‌ମାଇଲ ଖାନ୍‌ରେ ଶୁକ୍ରବାର ରାତିରେ ଏକ ପୁଲିସ ଟ୍ରେନିଂ ସେଣ୍ଟର ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୭ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି। ଏହାପରେ ସୁରକ୍ଷାକର୍ମୀଙ୍କ କର୍ଯ୍ୟାନୁଷ୍ଠାନରେ ୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି। ଆତଙ୍କବାଦୀମାନେ ପୂରା ପସ୍ତୁତିର ସହ ଟ୍ରେନିଂ ସେଣ୍ଟର ଉପରେ ଆକ୍ରମଣ କରିଥିଲେ। କିନ୍ତୁ ଏହାପରେ ପୁଲିସ ତଥା ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଫଳରେ ଆତଙ୍କବାଦୀମାନେ ପଛଘୁଞ୍ଚା ଦେଇଥିଲେ।

ରାତିରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ବୋଲି ସ୍ଥାନୀୟ ଡିଏସ୍‌ପି ହାଫିଜ ମହମ୍ମଦ ଆଦନାନ କହିଛନ୍ତି। ଆହତ ୧୩ ଜଣ ପୁଲିସ କର୍ମଚାରୀଙ୍କର ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରେନିଂ ସେଣ୍ଟରରୁ ୨୦୦ରୁ ଊର୍ଦ୍ଧ୍ୱ ପୁଲିସ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଗତକିଛି ମାସ ହେବ ପାକିସ୍ତାନରେ ହିଂସା ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୫ରେ ତୃତୀୟ କ୍ୱାର୍ଟରରେ ପାକିସ୍ତାନରେ ୪୬ ପ୍ରତିଶତ ହିଂସା ବୃଦ୍ଧି ପାଇଛି। ପାକିସ୍ତାନରେ ୩୨୯ଟି ହିଂସା ଘଟଣାରେ ୯୦୧ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫୯୯ ଲୋକ ଆହତ ହୋଇଛନ୍ତି। ଖାଇବର ପଖତୁନଖ୍ୱା ଓ ବେଲୁଚିସ୍ତାନରେ ୯୬ ପ୍ରତିଶତରୁ ଅଧିକ ହିଂସା ଦେଖିବାକୁ ମିଳିଛି ବୋଲି ସେଣ୍ଟର ଫର୍ ରିସର୍ଚ୍ଚ ଆଣ୍ଡ ସିକ୍ୟୁରିଟି ଷ୍ଟଡିଜ୍ (ସିଆରଏସ୍‌ଏସ୍)ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଡିଜିଟାଲ ଯୁଗରେ ମହିଳା ସବୁଠାରୁ ଅସୁରକ୍ଷିତ: ସିଜେଆଇ



ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ଆଜିର ଡିଜିଟାଲ ଯୁଗରେ ମହିଳା ସବୁଠାରୁ ଅସୁରକ୍ଷିତ ବୋଲି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ କହିଛନ୍ତି। ଟେକ୍ନୋଲୋଜି ଏବେ ସଶକ୍ତୀକରଣ କରିବା ବଦଳରେ ଶୋଷଣର ମାଧ୍ୟମରେ ପରିଣତ ହୋଇଛି। ଜୁଭେନାଇଲ ଜଷ୍ଟିସ୍ କମିଟି ଓ ୟୁନିସେଫ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀ 'ସେଫଗାର୍ଡିଂ ଦି ଗର୍ଲ ଚାଇଲ୍ଡ'ରେ ଯୋଗ ଦେଇ ଗବାଇ ଏହି କଥା କହିଛନ୍ତି। ଯୁବତୀମାନେ ଏବେ ଅନ୍‌ଲାଇନ୍ ହାରାସମେଣ୍ଟ, ସାଇବର ବୁଲିଂ, ଡିଜିଟାଲ ଷ୍ଟକିଂ, ବ୍ୟକ୍ତିଗତ ଡାଟାର ଦୂରୁପଯୋଗ ଓ ଡିପ୍‌ଫେକ୍ ଫଟୋ କାରଣରୁ ଆହୁରି ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏହି ବିପଦ ତଥା ଚ୍ୟାଲେଞ୍ଜର ସାମ୍ନା କରିବାକୁ ପୁଲିସ ଓ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଯୁବତୀଙ୍କ ସୁରକ୍ଷା ଅର୍ଥ କେବଳ ଶରୀରର ନୁହଁ ତାଙ୍କର ଆତ୍ମାର ସ୍ୱାଧୀନତାକୁ ବୁଝାଇଥାଏ ବୋଲି ସେ କହିଛନ୍ତି। ଯେପର୍ଯ୍ୟନ୍ତ କୌଣସି ଝିଅ ଭୟଭିତ ହୋଇ ବଞ୍ଚୁଛନ୍ତି, ସେପର୍ଯ୍ୟନ୍ତ ଭାରତ ସ୍ୱତନ୍ତ୍ରତାର ସ୍ୱର୍ଗରେ ପହଞ୍ଚିପାରିବ ନାହିଁ ବୋଲି ସେ କହିଛନ୍ତି।

# କ୍ଷମତା ପାଇଁ ପାୱାର ଷ୍ଟାରଙ୍କ ଘରେ କଳି



ପାଟନା, ୧୧।୧୦ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପାୱାର ପଲିଟିକ୍ସ ପାଇଁ ପାୱାର ଷ୍ଟାରଙ୍କ ପରିବାରରେ ବିବାଦ ଲାଗିଛି। ଅଭିନେତା ତଥା କଣ୍ଠଶିଳ୍ପୀ ପବନ ସିଂହ ଏବଂ ତାଙ୍କ ସ୍ତ୍ରୀ ଜ୍ୟୋତି କ୍ୟାମେରା ସାମ୍‌ନାରେ ମୁହାଁମୁହିଁ ହୋଇଛନ୍ତି। ଦମ୍ପତି ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ନିର୍ବାଚନ ପାଇଁ ଏଭଳି ହେଉଛି। ଜ୍ୟୋତି ନିର୍ବାଚନ ଲଢିବାକୁ ପ୍ରସ୍ତୁତ ହେଉଥିବା ବେଳେ ସ୍ୱାମୀ ପବନ କୌଣସି ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ରାଜ୍ୟ ପ୍ରଭାରୀ ବିନୋଦ ତାୱଡେଙ୍କ ନେତୃତ୍ୱରେ ସେ ଗତ ୩୦ ତାରିଖରେ ପୁଣିଥରେ ବିଜେପିକୁ ଫେରିଛନ୍ତି। ଏହା ପୂର୍ବରୁ ସେ ଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ବିଜେପି ଅଧ୍ୟକ୍ଷଙ୍କୁ ଭେଟିଥିଲେ। ପବନ ସିଂହ ୨୦୨୪ ଲୋକସଭା ନିର୍ବାଚନରେ ଦଳ ବିରୋଧରେ ଯାଇ କାରାକୋଟରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବିଜେପି ତାଙ୍କୁ ବାହାର କରିଦେଇଥିଲା। ପବନଙ୍କ ପାଇଁ ଶାହାବାଦର ୨୨ ବିଧାନସଭା କ୍ଷେତ୍ରରେ ବିଜେପିକୁ ଲାଭ ମିଳିବ ବୋଲି କୁହାଯାଉଛି।

ଅନ୍ୟପଟେ ପବନଙ୍କ ପତ୍ନୀ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଶନିବାର ଜନସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ଭେଟିଥିଲେ। ଗତ ୫ ତାରିଖରେ ଏହି ସ୍ୱାମୀସ୍ତ୍ରୀ କଳି ଉଗ୍ର ରୂପ ଧାରଣ କରିଥିଲା। ପବନଙ୍କ ଲକ୍ଷ୍ନୌ ସ୍ଥିତ ଫ୍ଲାଟରେ ଉଭୟେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ପରେ ଜ୍ୟୋତି କହିଥିଲେ ଯେ ପବନ ତାଙ୍କ ବିରୋଧରେ ଏତଲା ଦେଇଥିବାରୁ ପୁଲିସ ତାଙ୍କୁ ଗିରଫ କରିବାକୁ ଆସିଛି। ସେ ଏଥିପାଇଁ ଲୋକଙ୍କୁ ସହାୟତା ମାଗିଥିଲେ। ଯେଉଁ ପାୱାର ନିଜ ପତ୍ନୀ ସହ ଅନ୍ୟାୟ କରୁଛି, ସେ ସମାଜକୁ କେମିତି ନ୍ୟାୟ ଦେବ ବୋଲି ଜ୍ୟୋତି ପ୍ରଶ୍ନ ଉଠାଇ ଥିଲେ। ଏହାର ଉତ୍ତରରେ ପବନ କହିଥିଲେ ଯେ ପତ୍ନୀ ନିର୍ବାଚନରେ ଲଢିବା ପାଇଁ ଏପରି ନାଟକ କରୁଛନ୍ତି। ମିଥ୍ୟା ଅଭିଯୋଗ ଲଗାଇ ବଦନାମ କରୁଛନ୍ତି। ନିର୍ବାଚନର ମାସେ ପୂର୍ବରୁ ଏପରି ଆପଣାପଣ କାହିଁକି ସାମ୍‌ନାକୁ ଆସିଲା? ବିଧାୟିକା ହେବାକୁ ଆଉ କେତେ ତଳକୁ ଖସି ।।ବେ ବୋଲି ପଚାରିଥିଲେ। ଜ୍ୟୋତି ଏହାର ଉତ୍ତରରେ ପତ୍ନୀ ମାନ୍ୟତା ଦେଲେ ନିର୍ବାଚନ ଲଢିବେ ନାହିଁ ବୋଲି କହିଥିଲେ। ତେବେ ଏହି ସ୍ୱାମୀସ୍ତ୍ରୀ କଳି ବିହାରରେ କାହା ପାଇଁ ପରିବର୍ତ୍ତନ ଆଣୁଛି ତାହା ଦେଖିବା ବାକି ରହିଲା।

# ବିଜେପିରେ ଯୋଗଦେଲେ ଜୟ ଢୋଲକିଆ

ଭୁବନେଶ୍ୱର୧୧।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଶନିବାର ଏକ ବଡ଼ ରାଜନୈତିକ ହଟଚମଟ ଦେଖିବାକୁ ମିଳିଛି। ନୂଆପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଧିବଦ୍ଧ ଭାବରେ ବିଜେପିରେ ଯୋଗ ଦେଇଛନ୍ତି। ଶନିବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିଜ ସମର୍ଥକଙ୍କ ସହ ଜୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦଳୀୟ ମନ୍ତ୍ରୀ, ବିଧାୟକ ତଥା ବରିଷ୍ଠ ବିଧାୟକଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି। ଏହାପରେ ବିଜେପି ତାଙ୍କୁ ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଅପରପକ୍ଷେ ବିଜେପିରେ ଜୟଙ୍କ ଯୋଗଦାନ ପରେ ନୂଆପଡ଼ାରୁ ଆରମ୍ଭ କରି ଭୁବନେଶ୍ୱର ଯାଏଁ ଏହାର କମ୍ପନ ଦେଖିବାକୁ ମିଳିଛି। ବିଜେଡି ଓ କଂଗ୍ରେସ ବିଜେପିରେ ଜୟଙ୍କ ଯୋଗଦାନକୁ କଡ଼ା ସମାଲୋଚନା କରିଥିବା ବେଳେ ନୂଆପଡ଼ା ବିଜେପିରେ ଜୟଙ୍କ ଯୋଗଦାନକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।



ଅପରପକ୍ଷେ ଜୟଙ୍କ ଯୋଗଦାନକୁ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ ଏହି ମିଶ୍ରଣ ଫଳରେ ବିଜେପି ନୂଆପଡ଼ା ସହ ସମଗ୍ର ରାଜ୍ୟରେ ଶକ୍ତିଶାଳୀ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆ ପ୍ରମୁଖ ଭୂମିକା ଗ୍ରହଣ କରିବେ ଏବଂ ନୂଆପଡାର ବିକାଶ କରିବେ ବୋଲି ଆଶା ଓ ବିଶ୍ୱାସ ରହିଛି। ସେହିପରି ନିଜ ପ୍ରତିକ୍ରିୟାରେ ଜୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟ ଏବଂ ନୀତି ଆଦର୍ଶରେ ପ୍ରଭାବିତ ହୋଇ ସେ ବିଜେପିରେ ଯୋଗ ଦେଇଛନ୍ତି। ନୂଆପଡ଼ାର ସାମୂହିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସ୍ୱର୍ଗୀୟ ବାପାଙ୍କ ସ୍ୱପ୍ନ ପୂରଣ କ୍ଷେତ୍ରରେ ମୋର ଯୋଗଦାନ ନିଶ୍ଚୟ ରହିବ ବୋଲି ସେ କହିଛନ୍ତି।

## ନୂଆପଡ଼ା ବିଜେପିରେ ବିଦ୍ରୋହ

ନୂଆପଡା,୧୧।୧୦(ସମିସ): ଜୟ ଢୋଲକିଆଙ୍କ ଯୋଗଦାନ ପରେ ନୂଆପଡ଼ା ବିଜେପିରେ ଏକ ବଡ଼ଧରଣର ଅସନ୍ତୋଷ ଦେଖିବାକୁ ମିଳିଛି। ଦଳରେ ଜୟଙ୍କ ଯୋଗଦାନକୁ ଗ୍ରହଣ କରିପାରି ନାହାନ୍ତି ସାଧାରଣ କର୍ମକର୍ତ୍ତା। ନୂଆପଡ଼ାରେ ଶହ ଶହ କର୍ମୀ ରାଜ୍ୟ ନେତୃତ୍ୱଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରି ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି। ଜୟଙ୍କୁ ଟିକଟ

- ଦଳ ଛାଡ଼ିବାକୁ ଶତାଧିକ କର୍ମୀଙ୍କ ସଜବାଜ
- ବସନ୍ତ ପଣ୍ଡା ନେଇପାରନ୍ତି ବଡ଼ ନିଷ୍ପତ୍ତି!

ଦିଆଗଲେ ବିଜେପିର ଟିକଟ ଆଶାୟୀଙ୍କ ସମର୍ଥକମାନେ ଇସ୍ତଫା ଦେବେ ବୋଲି ୮ ଜଣ ମଣ୍ଡଳ ସଭାପତି ଆଜି ନୂଆପଡ଼ା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି କମଲେଶ ଦୀକ୍ଷିତଙ୍କୁ ଜଣାଇଛନ୍ତି।

ଜିଲ୍ଲା ବିଜେପି ସାଧାରଣ ସଂପାଦକ ତୁଳସ ପଟେଲ ଗଣମାଧ୍ୟମକୁ କହିଛନ୍ତି, ବିଜେପି ଦୀର୍ଘ ଦିନ ଧରି ଢୋଲକିଆ ପରିବାର ବିରୋଧରେ ନିର୍ବାଚନ ଲଢ଼ି ଆସୁଥିଲା। ଏବେ ସେହି ପରିବାରରୁ ଜୟ ଢୋଲକିଆ ଆକସ୍ମିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ସେ ଦଳରେ ଯୋଗ ଦେବା ସ୍ୱାଗତଯୋଗ୍ୟ; ହେଲେ ତାଙ୍କୁ ଯଦି ଦଳ ବିଧାୟକ ପ୍ରାର୍ଥୀ ହେବାକୁ ଟିକଟ ଦିଏ, ତେବେ ଆମେ ଦଳରୁ ଇସ୍ତଫା ଦେବୁ ବୋଲି ବିଜେପିର ବରିଷ୍ଠ କର୍ମକର୍ତ୍ତାମାନେ ଲିଖିତ ଭାବେ ଦଳର ଜିଲ୍ଲା ସଭାପତିଙ୍କୁ ଜଣାଇଛନ୍ତି। ଦଳର କର୍ମୀମାନଙ୍କ ଇଚ୍ଛା ବିରୋଧରେ ନିଷ୍ପତ୍ତି ନିଆଗଲେ ୩ ଶହରୁ ଊର୍ଦ୍ଧ୍ୱ ବୁଥ୍ ଲେଭେଲ୍ କର୍ମକର୍ତ୍ତା ଦଳ ଛାଡ଼ିବେ ବୋଲି ଜିଲ୍ଲା ସଭାପତି ଶ୍ରୀ ଦୀକ୍ଷିତ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ବିଜେପିର ଟାଣୁଆ ନେତା ପୂର୍ବତନ ସାଂସଦ ତଥା ପୂର୍ବ ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଧ୍ୟ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ଖବର ଅନୁଯାୟୀ, ଆଜି ଜୟଙ୍କ ବିଜେପିରେ ଯୋଗଦାନ ଖବର ସାମ୍ନାକୁ ଆସିବା ପରେ ବସନ୍ତ ବେଶ୍ ଅସନ୍ତୁଷ୍ଟ ଥିଲେ। ରାଜ୍ୟ ଅତିଥି ଭବନରେ ରାଜ୍ୟ ବିଜେପି ସଭାପତି, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଶ୍ରୀ ପଣ୍ଡାଙ୍କୁ ମନେଇବାକୁ ମଧ୍ୟ ଯାଇଥିଲେ। ଘଣ୍ଟାଧିକ କାଳ ଧରି କବାଟକିଲା ଆଲୋଚନା ପରେ ମିଶ୍ରଣ ପର୍ବ ମଞ୍ଚରେ ଶ୍ରୀ ପଣ୍ଡା ଉପସ୍ଥିତ ଥିଲେ ହେଁ ଜୟଙ୍କ ଯୋଗଦାନ ନେଇ ମୁହଁ ଖୋଲି ନ ଥିଲେ। ଇତିମଧ୍ୟରେ ଶ୍ରୀ ପଣ୍ଡା ନିଜର କିଛି ଅନୁଗତଙ୍କ ସହ ବିଚାରବିମର୍ଶ କରିଥିବା ନେଇ ସୂଚନା ମିଳିଛି। ତେଣୁ ଆଗକୁ ସେ କିଛି ବି ନିଷ୍ପତ୍ତି ନେଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି। ଏପରିକି ଗତ ସାଧାରଣ ନିର୍ବାଚନରେ ନୂଆପଡ଼ା ଆସନରୁ ପ୍ରତିଦ୍ୱନ୍ଦିତା କରିଥିବା ଏବଂ ଏଥର ଉପନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ତାଲିକାରେ ଥିବା ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା ମଧ୍ୟ ବେଶ୍ ଅସନ୍ତୁଷ୍ଟ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।



### ବିଜେପିକୁ ପ୍ରାର୍ଥୀ ମିଳୁ ନ ଥିଲେ: ଭକ୍ତ

ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନକୁ ନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ନୂଆପଡ଼ାରେ ବିଜେପିକୁ ପ୍ରାର୍ଥୀ ମିଳୁ ନ ଥିଲେ। ସେଠାରେ ତାଙ୍କର ପୂର୍ବତନ ସାଂସଦ, ବିଧାୟକ ଏବଂ କର୍ମଠ ବ୍ୟକ୍ତିମାନେ ଥିଲେ ମଧ୍ୟ ବିଜେପି ନେତୃତ୍ୱ ତାଙ୍କ ଉପରେ ଆସ୍ଥା ରଖିପାରିଲେ ନାହିଁ। ଏପରିକି ବିଜେପି କଂଗ୍ରେସ ପ୍ରାର୍ଥୀଙ୍କୁ ନିଜ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ ହେଁ ଆମ ପ୍ରାର୍ଥୀ ଘାସିରାମ ମାଝୀଙ୍କ ଦଳ ପ୍ରତି ସମର୍ପଣ ଭାବ କାରଣରୁ ସେମାନେ ବିଫଳ ହୋଇଥିଲେ ବୋଲି ଶ୍ରୀ ଦାସ କହିଛନ୍ତି।

## ବର୍ଷିଲା ବିଜେଡି

# ବିଜେପିର ଘୋଡ଼ାବେପାରରେ ବିକ୍ରି ହେଇଗଲେ ଜୟ

ଭୁବନେଶ୍ୱର, ୧୧।୧୦ (ସମିସ): ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନକୁ କଡ଼ା ସମାଲୋଚନା କରିଛି ବିଜେଡି। ଜୟ ଜଣେ ପୋଷ୍ୟ ପୁତ୍ର ଥିଲେ। ତାଙ୍କ ଦେହରେ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ରକ୍ତ ନାହିଁ। ଯେଉଁଥିପାଇଁ ସେ ଆଜି ଏପରି ନିଷ୍ପତ୍ତି ନେବା ସହ ନିଜକୁ ବିକ୍ରି କରିଦେଇଛନ୍ତି ବୋଲି କହି କଡ଼ା ସମାଲୋଚନା କରିଛନ୍ତି

- ଜୟଙ୍କ ଦେହରେ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ରକ୍ତ ନାହିଁ
- ବିଜେପିରେ ଜୟଙ୍କ ମିଶ୍ରଣ ବିଜେଡି ପାଇଁ ପ୍ରଭାବଶୂନ୍ୟ
- ସଠିକ୍ ସମୟରେ ଉତ୍ତର ଦେବେ ନୂଆପଡ଼ାବାସୀ

ବିଜେଡିର ବରିଷ୍ଠ ନେତା ତଥା ଉପ ସଭାପତି ପ୍ରତାପ ଜେନା। ଜୟଙ୍କ ବିଜେପିରେ ମିଶିବା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ମାତ୍ର ଆଜି ତାଙ୍କର ପ୍ରକୃତ ମୁଖା ଖୋଲିଯାଇଛି। ସେ ବିଜେପି ଦଳର ଘୋଡାବେପାରରେ ବିକ୍ରି ହୋଇଗଲେ ବୋଲି ଆଜି ସ୍ପଷ୍ଟ ହୋଇଯାଇଛି ବୋଲି କହି ଶ୍ରୀ ଜେନା ଜୟଙ୍କ ଉପରେ ବର୍ଷିଛନ୍ତି।

ଶନିବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଛନ୍ତି ଯେ ଆଜି ନୂଆପଡାର ଜୟ ଢୋଲକିଆ ବିଜେପିରେ ମିଶିଛନ୍ତି। କିଛିଦିନ ତଳେ ସେ ଘୋଷଣା କରିଥିଲେ ଯେ ମୋର ନେତା ନବୀନ ବାବୁ ଯାହା କହିବେ ତାହା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି। ମାତ୍ର ଆଜି କ'ଣ କାରଣ ରହିଲା ଯେ ସେ ବିଜେପିରେ ମିଶିଛନ୍ତି। ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ସମାଜସେବୀ ମଧ୍ୟ ଥିଲେ। ବିଜୁ ପରିବାର ଏବଂ ଆମ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ସାହାଯ୍ୟ ଓ ସହଯୋଗ ଫଳରେ ସେ ୪ ଥର ବିଧାୟକ ହୋଇଥିଲେ। ନବୀନ ବାବୁ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ମଧ୍ୟ କରିଥିଲେ। ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ସମାଜସେବା ପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ଯଦି ଆଜି ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆ ବଞ୍ଚିଥାନ୍ତେ, ତାହେଲେ ସେ କେବେ ହେଲେ ଏହି କଥାକୁ ପସନ୍ଦ କରିନଥାନ୍ତେ। ତାଙ୍କ ଆତ୍ମା ଯେଉଁଠି ଥାଉନା କାହିଁକି, ଏହି ନିଷ୍ପତ୍ତିକୁ ଆଦୌ ଗ୍ରହଣ କରିବ ନାହିଁ।



ସେ ଆହୁରି ମଧ୍ୟ କହିଛନ୍ତି ଯେ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଗସ୍ତରେ ଯାଇ କେତେକ ପ୍ରକଳ୍ପ ପାଇଁ ଅର୍ଥ ରାଶି ଘୋଷଣା କଲେ। ମାତ୍ର ପ୍ରତିଟି ପ୍ରକଳ୍ପ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅର୍ଥ ବ୍ୟବସ୍ଥା କରିଥିଲେ। ଆଜି ଜୟ ଢୋଲକିଆଙ୍କ ବିଜେପି ଯୋଗଦାନ ପ୍ରତିଟି ଲୋକଙ୍କ ଦ୍ୱାରା ନାପସନ୍ଦ ହୋଇଛି। ନୂଆପଡ଼ାବାସୀ ସବୁ ଘଟଣା ଦେଖୁଛନ୍ତି। ସଠିକ୍ ସମୟରେ ସେମାନେ ଜବାବ୍ ଦେବେ। ରାଜ୍ୟରେ ବର୍ତ୍ତମାନ ବିଜେପି ସରକାରରେ ଅଛି। ମାତ୍ର ନୂଆପଡ଼ା ଉପ ନିର୍ବାଚନରେ ସେମାନେ ତାଙ୍କ ଦଳରୁ ପ୍ରାର୍ଥୀଟିଏ ପାଇଲେ ନାହିଁ। ସେଥିପାଇଁ ସେମାନେ ଘୋଡାବେପାର କରି ଅନ୍ୟ ଦଳରୁ ନେତା ନେଇ ପ୍ରାର୍ଥୀ କରିବାକୁ ଯାଉଛନ୍ତି। ଏପରି ଘଟଣାକୁ ଓଡ଼ିଶାବାସୀ, ନୂଆପଡ଼ାବାସୀ ନିନ୍ଦା କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

## ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ

# ରାଜ୍ୟ ବାହାରକୁ ଗଲା କ୍ରାଇମ୍‌ବ୍ରାଞ୍ଚର ୪ଟି ଟିମ୍

ଭୁବନେଶ୍ୱର,୧୧।୧୦(ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମବ୍ରାଞ୍ଚ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଏବଂ ମୁନ୍ନାକୁ ୧୨ ଦିନ ପରେ ବି ଧରିପାରିନାହିଁ। କେବଳ ନାମକୁ ମାତ୍ର ଏକାଧିକ ଲୋକଙ୍କୁ ପଚରାଉଚରା କରିବା ସହ ବଣିକ କୋଚିଂ ସେଣ୍ଟର ଉପରେ ଚଢଉ କରି ବାହାବା ନେଉଛି। ତେବେ ଶଙ୍କର ପୃଷ୍ଟି ରାଜ୍ୟ ବାହାରେ ରହି ପ୍ରମାଣ ନଷ୍ଟ କରିବା ପାଇଁ ଷଡ଼ଯନ୍ତ୍ର ଚଳାଇଥିବା ସୂଚନା ପାଇ କ୍ରାଇମ୍‌ବ୍ରାଞ୍ଚର ୪ଟି ଟିମ୍ ରାଜ୍ୟ ବାହାରକୁ ଯାଇଛି।

- ୧୨ ଦିନ ପରେ ବି ଶଙ୍କର ପୃଷ୍ଟି, ମୁନ୍ନାକୁ ଧରିପାରୁନି
- ଜେରାରେ ଅଟକିଛି ତଦନ୍ତ

କ୍ରାଇମ୍‌ବ୍ରାଞ୍ଚର କାର୍ଯ୍ୟାନୁଷ୍ଠାନ କେବଳ ଧରାପଡ଼ିଥିବା ୫ ଜଣ ଦଲାଲ ଭିତରେ ସୀମିତ ରହିଛି। ହେଲେ ଏପର୍ଯ୍ୟନ୍ତ ସବଲେଟିଂ କରିଥିବା ଆଇଟିଆଇ ଲିମିଟେଡର କୌଣସି ଅଧିକାରୀଙ୍କୁ ପଚରାଉଚରା କରାଯାଇ ନାହିଁ କି ଓପିଆରବିର ମୁଖିଆ ଓ ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିନାହିଁ।

ଇତିମଧ୍ୟରେ ଏହି ମାମଲାରେ ଗିରଫ ହୋଇଥିବା ୧୧୪ ଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରୁଛି କ୍ରାଇମ୍‌ବ୍ରାଞ୍ଚ। ସେମାନେ କେବେଠାରୁ କେଉଁ କୋଚିଂ ସେଣ୍ଟରକୁ ଟଙ୍କା ଦେଉଥିଲେ, କେଉଁ ଦଲାଲ ଟଙ୍କା ନେଇଛନ୍ତି, ସେସବୁର ମଧ୍ୟ ଖୋଳତାଡ଼ କରାଯାଉଥିବା ଜଣାପଡ଼ିଛି।

## ଦୋଷ ଝାଡ଼ିବାକୁ ଓପିଆର୍‌ବିର ଉଦ୍ୟମ

ଭୁବନେଶ୍ୱର, ୧୧।୧୦ (ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବାର ୧୧ ଦିନପରେ ଆଜି ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)ର ଅଧ୍ୟକ୍ଷ ମୁହଁ ଖୋଲିଛନ୍ତି। ଗତ ଗୁରୁବାର ଦିନ ସାମ୍ବାଦିକ ସମ୍ମିଳନୀ ଡାକି ପରବର୍ତ୍ତୀ ମୁହୂର୍ତ୍ତରେ ତାକୁ ବାତିଲ କରିଥିବା ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକ ଲିଖିତ ବିବୃତ୍ତି ଧରାଇ ଦେଇଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ପ୍ରକରଣରେ ଷଡ଼ଯନ୍ତ୍ର ଥିବା ଉଲ୍ଲେଖ କରି ଓପିଆର୍‌ବି ଏହି ବିବୃତ୍ତି ଜରିଆରେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଅପଚେଷ୍ଟା କରିଛି। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଦାୟିତ୍ୱର ଟେଣ୍ଡର ନେଇଥିବା ଆଇଟିଆଇ କମ୍ପାନୀ ସିଲିକନ୍ ପରି ତୃତୀୟ ପକ୍ଷକୁ ଏହି ଦାୟିତ୍ୱ ଦେଇଥିବା ନେଇ ଓପିଆର୍‌ପି ଅଧ୍ୟକ୍ଷ ଏହି ବିବୃତ୍ତିରେ ସ୍ୱୀକାର କରିଛନ୍ତି। ହେଲେ ଟେଣ୍ଡର ଅନୁସାରେ ଆଇଟିଆଇ କମ୍ପାନୀ କାର୍ଯ୍ୟ କରୁଛି କି ନା ତାହା ତଦାରଖ କରିବା ଓପିଆର୍‌ବିର ଯେ ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ ଥିଲା, ତାହାକୁ ଭୁଲି ଯାଇଛନ୍ତି। ଓଲଟା ସବ୍‌ଲେଟିଂ ସଂପର୍କରେ ଆଇଟିଆଇ ଲିମିଟେଡ୍ ଓପିଆର୍‌ବିକୁ କିଛି ଜଣାଇ ନ ଥିଲା ବୋଲି ଅଧ୍ୟକ୍ଷ ସଫେଇ ଦେଇଛନ୍ତି।

ଅପରପକ୍ଷେ ଓପିଆର୍‌ବିରେ ମାନବସମ୍ବଳର ଅଭାବ ଦର୍ଶାଇ ଅଧ୍ୟକ୍ଷ ନିଜର ଅସହାୟତା ପ୍ରକାଶ କରିବା ସହ ପରୋକ୍ଷରେ ରାଜ୍ୟ ସରକାରଙ୍କ ଉପରକୁ ବଲ୍ ଫୋପାଡ଼ିବାକୁ ଚେଷ୍ଟା କରିଛନ୍ତି। ବିବୃତ୍ତିରେ ଅଧ୍ୟକ୍ଷ ଦର୍ଶାଇଛନ୍ତି ଯେ ଓପିଆର୍‌ବି ଏକ ଛୋଟ ସଂସ୍ଥା । ମାତ୍ର ତିନି ଜଣ ସଦସ୍ୟ, ତିନି ଜଣ ଅଧିକାରୀଙ୍କ ସମେତ କିଛି କନଷ୍ଟେବଳ ରହିଛନ୍ତି। ଏଣୁ ସେମାନେ ଏସ୍ଆଇ ନିଯୁକ୍ତି ବିଜ୍ଞାପନଠାରୁ ଚୂଡ଼ାନ୍ତ ଫଳ ପ୍ରକାଶନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ପରିଚାଳନା କରିବା ଏତେ ସହଜ ନୁହେଁ ବୋଲି କହିଛନ୍ତି।

ନିଜ ଉପରୁ କଳାଦାଗ ହଟାଇବା ପାଇଁ ଓପିଆର୍‌ବି ଏଭଳି ସ୍ପଷ୍ଟୀକରଣ ରଖିଥିଲେ ହେଁ ଅନେକ ପ୍ରଶ୍ନ ଅସମାହିତ ହୋଇ ରହିଯାଇଛି। ଗତ ମାର୍ଚ୍ଚ ମାସରେ ପରୀକ୍ଷାର ମାତ୍ର ୨ ଦିନ ପୂର୍ବରୁ କାହିଁକି ବାତିଲ୍ କରାଯାଇଥିଲା ଏବଂ ତା' ପରେପରେ ଅର୍ଥାତ୍ ମେ ୨୮ ତାରିଖରେ ରିଚ୍‌ମାଇଣ୍ଡ କମ୍ପାନୀକୁ କେଉଁ କାରଣରୁ ବାଦ୍ ଦେବାକୁ ଓପିଆର୍‌ବି

- ୧୧ ଦିନ ପରେ ଲିଖିତ ବିବୃତ୍ତି ଦେଇ ମୁହଁ ଖୋଲିଲେ ଅଧ୍ୟକ୍ଷ
- ତଦାରଖ ଦାୟିତ୍ୱ ନ ତୁଲାଇ ମାନବସମ୍ବଳ ଅଭାବକୁ ଦୋଷ ଦେଲେ

ଚିଠି କରିଥିଲା କି, ପ୍ରକୃତରେ ପ୍ରଶ୍ନପତ୍ର ପ୍ରସ୍ତୁତି ସହ ଛାପିବା କାମ କେଉଁ କମ୍ପାନୀ କରିଛି ଏବଂ ତାକୁ କେଉଁ ଅଧିକାରୀ ନିରୀକ୍ଷଣ ବା ତଦାରଖ କରୁଥିଲେ କି, ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଆଇଟିଆଇ ଲିମିଟେଡ୍‌ର ହୋଇଥିବା ବେଳେ ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ପାଖକୁ ତାହା କିପରି ପହଞ୍ଚିଥିଲା, ନିରୀକ୍ଷଣ କରୁଥିବା ଅଧିକାରୀ ଏସମ୍ପର୍କରେ ଜାଣି ଓପିଆର୍‌ବି ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ ନା ତାଙ୍କ ଅଗୋଚରରେ ଏହା ସମ୍ଭବ ହୋଇଥିଲା, ଏପରି ଅନେକ ପ୍ରଶ୍ନର ଉତ୍ତର କିଏ ଦେବ ବୋଲି ବୁଦ୍ଧିଜୀବୀ ମହଲ ଯୁକ୍ତି ବାଢ଼ିଛି।

# ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଲଢ଼ିବାକୁ ନବୀନ ଦେଲେ ଗୁରୁମନ୍ତ୍ର




- ନବୀନଙ୍କୁ ଭେଟିଲେ ଦଳୀୟ ମୁଖପାତ୍ର
- ରାଜ୍ୟସ୍ୱାର୍ଥ ଏବଂ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୧୧।୧୦ (ସମିସ): ଶନିବାର ବିଜେଡିର ମୁଖପାତ୍ରମାନେ ଦଳୀର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜ୍ୟସ୍ୱାର୍ଥ ଏବଂ ରାଜ୍ୟ ଙ୍କାରଙ୍କ ବିଭିନ୍ନ ଜନମାରଣ ନୀତି ଏବଂ ବିଫଳତା ସମ୍ପର୍କରେ ଆଲୋଚନା ହୋଇଛି। ଓଡ଼ିଶାର ଜନସାଧାରଣଙ୍କ ସମସ୍ୟା ଏବଂ ସରକାରଙ୍କଠାରୁ ଲୋକେ କିପରି ନ୍ୟାୟ ଏବଂ ହକ୍ ପାଇବେ ସେନେଇ ଲଢ଼େଇ କରିବାକୁ ପ୍ରେରଣା ଦେଇଛନ୍ତି। ଲୋକମାନଙ୍କ ସ୍ୱାର୍ଥ ପାଇଁ ନିରନ୍ତର ଲଢ଼େଇ ଜାରି ଏହି ଅବସରରେ ନବୀନ ଦଳୀୟ ମୁଖପାତ୍ରଙ୍କୁ ପରାମର୍ଶ ଦେଇଥିବା ଦଳର ଉପସଭାପତି ତଥା ବରିଷ୍ଠ ନେତା ପ୍ରତାପ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଯେପରି ମହିଳାଙ୍କ ପ୍ରତି ନିର୍ଯାତନା ହେଉଛି, ସେପରି ଘଟଣା ଦୈନିକ ଲୋକଲୋଚନକୁ ଆସୁଛି। ଚାଷୀଙ୍କୁ ଏଯାବତ୍ ସାର ମିଳିଲା ନାହିଁ। ନିଯୁକ୍ତି କ୍ଷେତ୍ରରେ ସବୁ ୧୬ ପରୀକ୍ଷାରେ ଦୁର୍ନୀତି ହୋଇଛି। ରାଜ୍ୟରେ ଏକ ବଡ଼ ନିଯୁକ୍ତି ସ୍କାମ ହୋଇଥିବା ବେଳେ ବିଜେପି ସମର୍ଥନକୁ ଚାକିରୀ ଦେବାକୁ ଉଦ୍ୟମ କରାଯାଉଛି। ଏନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଥିବା ବେଳେ ବିରୋଧୀ ଦଳ ନେତା ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ଜନସାଧାରଣଙ୍କ ନ୍ୟାୟ ପାଇଁ ଲଢ଼ିବାକୁ ଗୁରୁମନ୍ତ୍ର ଦେଇଛନ୍ତି। ସେହିପରି ଖୁବଶୀଘ୍ର ନବୀନ ପଟ୍ଟନାୟକ ନୂଆପଡ଼ା ଉପ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରିବେ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ଯେ କଟକ ପରି ଭାଇଚାରା ସହର ଆଜି ଅଶାନ୍ତ ହୋଇ ପଡ଼ିଛି। ଦୁଇଜଣ କୁଖ୍ୟାତ ଅପରାଧୀ ଜେଲରୁ ପଳାଇଗଲେ। ବ୍ରହ୍ମପୁରରେ ବିଜେପିର ଜଣେ ଜଳୀୟ ନେତା ତଥା ବରିଷ୍ଠ ଆଇନଜୀବିଙ୍କୁ ହତ୍ୟା କରାଗଲା। ମୁଖ୍ୟମନ୍ତ୍ରୀ କହିଲେ ଅପରାଧୀ ପାତାଳରେ ଥିଲେ ମଧ୍ୟ ବାହାର କରି ଅଣାଯିବ। ସେ ପାତାଳ କୋଉଠି ଏବଂ ଅପରାଧୀ କାହିଁକି ଧରା ପଡ଼ିନାହାନ୍ତି ବୋଲି ଶ୍ରୀମତୀ ଦେଓ ପ୍ରଶ୍ନ କରିଛନ୍ତି।

# ଡିଜିସିଏ ମ୍ୟାପ୍‌ରେ ଶ୍ରୀମନ୍ଦିର

ପୁରୀ,୧୧।୧୦ (ସମିସ): ରେଡ୍-ଜୋନ୍ ଅନ୍ତର୍ଭୁକ୍ତ ହେଲା ଶ୍ରୀମନ୍ଦିର। ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ୍(ଡିଜିସିଏ) ମ୍ୟାପ୍‌ରେ ଯୋଡ଼ି ହେଲା ଶ୍ରୀମନ୍ଦିର। ଡିଜିସିଏର ଏୟାରସ୍ପେସ୍ ମ୍ୟାପ୍‌ରେ ବଡ଼ଦେଉଳ ଚତୁଃପାର୍ଶ୍ୱକୁ ରେଡ୍-ଜୋନ୍ ଦର୍ଶାଯାଇଛି। ଏହାର ଅବଧି ୩ବର୍ଷ ରହିଛି। ଅର୍ଥାତ୍ ୨୦୨୮ ସେପ୍ଟେମ୍ବର ୨୫ ତାରିଖରେ ଏହାର ସମୟସୀମା ପୂରଣ ହେବ। ପୁନର୍ବାର ଶ୍ରୀମନ୍ଦିର



ଉପରକୁ ନିଷିଦ୍ଧାଞ୍ଚଳ କରିବାକୁ ଆବେଦନ କରାଯିବ। ରେଡ୍‌ଜୋନ୍ ଘୋଷଣା ହେବା ଦ୍ୱାରା ବଡ଼ଦେଉଳର ସୁରକ୍ଷା ଆହୁରି ମଜଭୁତ ହେବ ବୋଲି ଆଶା କରାଯାଉଛି।

ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶରେ ଡ୍ରୋନ୍ ବ୍ୟବହାର କରି ଆକ୍ରମଣ ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ନୋ-ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିଲା। ରଥଯାତ୍ରା ସମୟରେ ମଧ୍ୟ ଶ୍ରୀମନ୍ଦିର ଅଞ୍ଚଳ ଉପରେ ଅଧିକ କଟକଣା ରହିଥାଏ। ୨୦୧୪ରୁ 'ଭଏସ୍ ଅଫ୍ କମନ୍ ମ୍ୟାନ୍' ଅନୁଷ୍ଠାନ ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଂ-ଜୋନ୍ କରିବା ପାଇଁ ଦାବି କରିଆସୁଥିଲା। ଡିଜିସିଏର ମାନଦଣ୍ଡ ଅନୁଯାୟୀ ସର୍ଭେ ସହ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ଦସ୍ତାବିଜ୍ ସହ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା। ଶେଷରେ ଡିଜିସିଏ ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରିଛି। ଏହାଦ୍ୱାରା ମନ୍ଦିର ଉପରେ କୌଣସି ଉଡ଼ାଣ ହୋଇପାରିବ ନାହିଁ। ଯଦି କେହି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଏହାର ଉଲ୍ଲଙ୍ଘନ କରନ୍ତି, ରେଡ୍ ଜୋନ୍ ନିୟମ ଅନୁଯାୟୀ ପୁଲିସ ପକ୍ଷରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବୈଷୟିକ

- ଘୋଷଣା ହେଲା ରେଡ୍ ଜୋନ୍
- ଡ୍ରୋନ୍ ଉଡ଼ାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଓ ନିଜସ୍ୱ ଉଦ୍ୟମରେ ପୁଲିସ ତୀକ୍ଷ୍ଣ ନଜର ରଖିବା ସହ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣକୁ ପ୍ରତିହତ କରିପାରିବ। ସେହିପରି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବହାର କରି ଡ୍ରୋନ୍‌ଗୁଡ଼ିକୁ ଖସାଯାଇପାରିବ। ଡିଜିସିଏ ଦ୍ୱାରା ଶ୍ରୀମନ୍ଦିର ରେଡ୍ ଜୋନ୍ ଘୋଷଣା ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

ସୂଚନାଯୋଗ୍ୟ, ବାରମ୍ବାର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଛି। ହେଲେ ଉଡ଼ାଣକାରୀଙ୍କ ବିରୋଧରେ ସେମିତି କିଛି କଡ଼ା ଦଣ୍ଡବିଧାନ ନଥିବାରୁ ପୁଲିସ ସେମାନଙ୍କୁ ଅଟକ ରଖି ଛାଡ଼ି ଦେଉଛି। ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। କିନ୍ତୁ ଏବେ ଏହା ଉପରେ ରୋକ୍ ଲଗାଯାଇପାରିବ ବୋଲି କୁହାଯାଇଛି। ଏହାସହ ବାହାରୁ ଆସୁଥିବା ୟୁଟ୍ୟୁବର୍‌ମାନେ ମଧ୍ୟ ଏ ସଂପର୍କରେ ଆଗୁଆ ଜାଣିପାରିବେ।

# ଆଶ୍ରମ ଗୁଳିକାଣ୍ଡ ପଛରେ ଗଣଦୁଷ୍କର୍ମ

## ବନ୍ଧାହେଲେ ମଠ ମୁଖିଆ ଓ ସହଯୋଗୀ

ଭୁବନେଶ୍ୱର, ୧୧।୧୦(ସମିସ):ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଆଶ୍ରମ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଥିବା ପୁଲିସ ୨୦୨୨ ମସିହାର ଏକ ନାବାଳିକା ଦୁଷ୍କର୍ମ ଘଟଣାର ପର୍ଦ୍ଦାଫାସ୍ କରିଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୁଲିସ ମଠ ମୁଖିଆ ଅଜୟ ସାମନ୍ତରାୟ ଓ ସହଯୋଗୀ ସୁକାନ୍ତ ବିଶ୍ୱାଳକୁ ଗିରଫ କରିଛି। ଅନ୍ୟପଟେ ଦେଉଳିଆ ପାଟଣା ଆଶ୍ରମ ଗୁଳିକାଣ୍ଡ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଇନ୍‌ଫୋଭ୍ୟାଲି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଗୁଆପୋଖରୀ ଅଞ୍ଚଳର ସୂରଜ ରାଉତ ଓରଫ୍ ଟିଙ୍କୁନ୍ (୨୩) ଓ ବ୍ରହ୍ମପୁରର ମୁକ୍ତିକାନ୍ତ ଦାସ ଓରଫ୍ ଶ୍ରୀରାମ (୨୮)। ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ,୪ଟି ଜୀବନ୍ତ ଗୁଳି, ବୁଲେଟ ମୋଟରସାଇକେଲ, ୩ଟି ମୋବାଇଲ ଫୋନ, ୭ଟି ଖୋକା ଓ ୫ଟି ଫୁଟି ଯାଇଥିବା ଗୁଳି ଜବତ କରିଛି। ସୁରଜଙ୍କ ସମ୍ପର୍କୀୟା ଗଣଦୁଷ୍କର୍ମର ଶିକାର ହୋଇଥିବାରୁ ସେ ଗୁଳିମାଡ଼ କରିଥିବା ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

ପୁଲିସ ସୂଚନା ଅନୁସାରେ, କୁଜଙ୍ଗ ଥାନା ହଂସୁରାର ଅବସରପ୍ରାପ୍ତ ସେନା କର୍ମଚାରୀ ଅଜୟ ସାମନ୍ତରାୟ ଦେଉଳିଆ ପାଟଣାରେ 'ଭାଇ ଭାଇ' ମଠ କରିଛନ୍ତି। ଅନେକ ପୁରୁଷ ଓ ମହିଳାମାନେ ପୂଜାର୍ଚ୍ଚନା କରିବାକୁ ମଠକୁ ଆସୁଥିବା ବେଳେ ସେଠାରେ ରହିଥା'ନ୍ତି। ଗତ ରବିବାର ସନ୍ଧ୍ୟାରେ ଅଜୟ ସାମନ୍ତରାୟ, ସୁନୀଲ ବାରିକ, ଅଶୋକ ମହାନ୍ତି ଓ ଅନ୍ୟ ଅନ୍ତେବାସୀମାନେ ମଠରେ ପୂଜାର୍ଚ୍ଚନା କରୁଥିଲେ। ସେହି ସମୟରେ ସୁରଜ ଓ ଶ୍ରୀରାମ ଆସି ମଠ ଭିତରକୁ ପଶି ଅଜୟକୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ସୁନୀଲ ଓ ଅଶୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁନୀଲଙ୍କ ଶରୀରରେ ୪ଟି ଗୁଳି ବାଜିଥିବା ବେଳେ ଆଉ ଗୋଟିଏ ଗୁଳି ଅଶୋକଙ୍କ ପେଟରେ ଘଷି ହୋଇ ଯାଇଥିଲା। ସୁନୀଲଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବା ବେଳେ ସେ ଏବେବି ଚିକିତ୍ସାଧୀନ ଅଛନ୍ତି।



ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ଇନ୍‌ଫୋଭ୍ୟାଲି ଥାନା ପୁଲିସ ସୂରଜ ଓ ଶ୍ରୀରାମର ସଂପୃକ୍ତି ପାଇ ଉଭୟଙ୍କୁ ଉଠାଇ ଆଣିଥିଲା। ସେମାନଙ୍କୁ ପଚରାଉଚରା ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ୨୦୨୨ ମସିହାରେ ସୁରଜର ସମ୍ପର୍କୀୟା ତଥା ଜଣେ ନାବାଳିକା ଓ ତାଙ୍କ ମାଆ ସୁକାନ୍ତର ପ୍ରରୋଚନାରେ ମଠକୁ ଆସିଥିଲେ। ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ଆଶାରେ ମଠକୁ ଆସିଥିବା ନାବାଳିକା ଜଣକ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ମଠରେ ରହଣୀ ମଧ୍ୟରେ ମଠ ମୁଖିଆ ଅଜୟ ଓ ସହଯୋଗୀ ସୁକାନ୍ତ ମିଶି ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ପୁଲିସ ଆଗରେ ସେ କହିଥିଲେ। ନାବାଳିକାଙ୍କ ସମ୍ପର୍କୀୟାଙ୍କଠାରୁ ଏଭଳି କଥା ଶୁଣିବା ପରେ ସୂରଜ ପ୍ରତିଶୋଧ ପରାୟଣ ହୋଇଥିଲା। ସୂରଜ ମଠ ମୁଖିଆଙ୍କୁ ଜୀବନରେ ମାରିଦେବାକୁ ଯୋଜନା କରି ଶ୍ରୀରାମର ସହଯୋଗ ମାଗିଥିଲା। ଉଭୟ ମିଶି ଗତ ଅଗଷ୍ଟ ମାସରେ ଅଜୟକୁ ମାରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଗତ ରବିବାର ମଧ୍ୟ ଅଜୟକୁ ମାରିବାକୁ ଆସିଥିଲେ ହେଲେ ତାକୁ ନ ପାଇ ସୁନୀଲ ଓ ଅଶୋକଙ୍କୁ ଗୁଳିମାଡ଼ କରିଥିଲେ।

- ଗୁଳିକାଣ୍ଡ ଘଟଣାରେ ମଧ୍ୟ ଦୁଇ ଗିରଫ
- ଗଣଦୁଷ୍କର୍ମର ଶିକାର ହୋଇଥିଲେ ଅଭିଯୁକ୍ତଙ୍କ ସମ୍ପର୍କୀୟା
- ମଠ ସିଲ୍, ବନ୍ଧୁକ, ଗୁଳି ଓ ବାଇକ୍ ଜବତ

ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ଅଜୟ ଓ ସୁକାନ୍ତକୁ ଗିରଫ କରିବା ସହ ମଠକୁ ସିଲ୍ କରିଦେଇଛି ପୁଲିସ। କେବଳ ଏଇ ଜଣେ ନାବାଳିକା ନୁହନ୍ତି; ଅନେକ ନାବାଳିକା ଓ ମହିଳା ମଧ୍ୟ ମଠ ମୁଖିଆଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ମଠ ମୁଖିଆଙ୍କ ବିରୋଧରେ ଯଦି କେହି ଏଭଳି ନିର୍ଯାତନାର ଶିକାର ହୋଇଥା'ନ୍ତି, ତୁରନ୍ତ ଥାନାରେ ଜଣାଇବାକୁ ପୁଲିସ ସାଧାରଣରେ ନିବେଦନ କରିଛି। ଏହାଦ୍ୱାରା ମଠ ମୁଖିଆଙ୍କ ବିରୋଧରେ ଅଭିଯୋଗର ତାଲିକା ବଢ଼ିବ ବୋଲି ଆଶା କରାଯାଉଛି।

# ପାନୀୟ ଜଳ ପାଇଁ ହନ୍ତସନ୍ତ ଅତଡ଼ା ଗ୍ରାମବାସୀ








**ରାୟଗଡ଼ା, ୧୧।୧୦(ସମିସ)**

ରାୟଗଡ଼ା ଜିଲ୍ଲାରେ ଜାରି ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଶେଷ ହୋଇ କାର୍ଯ୍ୟକ୍ଷମ ହେବାର ନାଁ ଧରୁ ନ ଥିବା ବେଳେ କାମରେ ଆସୁନି ବସୁଧା ପ୍ରକଳ୍ପ। ଅଚଳ ହୋଇପଡ଼ିଛି ଗାଁରେ ଥିବା ନଳକୂପ। ଫଳରେ ବିଶୁଦ୍ଧ ପାଣି ମୁନ୍ଦାଏ ପାଇଁ ଗତ ୬ମାସ ଧରି ହନ୍ତସନ୍ତ ରାୟଗଡ଼ା ଜିଲ୍ଲା ସଦର ବ୍ଲକ କେରଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅତଡ଼ା ଗ୍ରାମବାସୀ। ପାଣି ସମସ୍ୟାର ସମାଧାନ ନ ହେଲେ ଆଗାମୀ ସପ୍ତାହ ମଧ୍ୟରେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମର ମହିଳାମାନେ। ଅପରପକ୍ଷେ ବସୁଧା ଯୋଜନାରେ ଗାଁରେ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ପମ୍ପ ଚାଳକଙ୍କୁ ଦରମା ମିଳୁ ନ ଥିବାରୁ ସେ କିଛି ଦିନ ହେଲା ପମ୍ପ ଚଳାଉ ନାହାନ୍ତି। ଫଳରେ ପାନୀୟ ଜଳ ସମସ୍ୟା ଆହୁରି ଜଟିଳ ହୋଇଛି। ଗ୍ରାମବାସୀ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ଯାଏଁ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ କେହି ହେଲେ କର୍ଣ୍ଣପାତ କରୁ ନ ଥିବା ଗ୍ରାମର ମହିଳାମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଗାଁରେ ଦୁଇଟି ନଳକୂପ ରହିଥିବା ବେଳେ ଏଥିରୁ ଲୁହାଗୁଣ୍ଡ ଦୁର୍ଗନ୍ଧ ଯୁକ୍ତ ପାଣି ନିର୍ଗତ ହେଉଥିବାରୁ ଏହା ପାନୀୟ ଉପଯୁକ୍ତ ହୋଇପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ବାଧ ହୋଇ ଗ୍ରାମବାସୀ ଏହାକୁ ପାନୀୟ ରୂପେ ବ୍ୟବହାର କରୁଥିବା ଯୋଗୁଁ ଅଜଣା ରୋଗ ଶିକାର ହେବା ଭୟ ରହିଛି ବୋଲି କହିଛନ୍ତି। ତେବେ ପମ୍ପ ଚାଳକ ନାଗାରାଜୁ ନିଜ ଦରମା ସମ୍ବନ୍ଧରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ସଦର ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଅନେକ ଗାଁ ଏଭଳି ପାଣି ସମସ୍ୟାରୁ ବର୍ତ୍ତି ପାରିବାର ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ଦୀର୍ଘ ବର୍ଷ ଧରି ଆରମ୍ଭ ହୋଇଥିଲେ ମଧ୍ୟ ଆଜି ଯାଏଁ ତାହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଗ୍ରାମବାସୀ ବୁନ୍ଦାଏ ବିଶୁଦ୍ଧ ପାନୀୟ ଜଳ ପାଇଁ ହାହାକାର ହେଉଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ସୁଜିତ ମିଶ୍ର ଯଥାଶୀଘ୍ର ସମସ୍ୟାର ସମାଧାନ କରାଯାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

- ମହିଳାଙ୍କ ଆନ୍ଦୋଳନ ଚେତାବନୀ
- କାମରେ ଆସୁନି 'ବସୁଧା'
- ନଳକୂପରୁ ବାହାରୁଛି ଲୁହାଗୁଣ୍ଡଯୁକ୍ତ ପାଣି

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**ମୁନିଗୁଡ଼ା, ୧୧।୧୦(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଶିବପଦର ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅସୁରପଡ଼ା ଗ୍ରାମ ଠାରେ ହାଟ ଦହିଖାଲ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରତିକାନ୍ତ ସେଠୀଙ୍କ ଅଧ୍ୟକ୍ଷତା ରେ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁନିଗୁଡ଼ା ଗୋଷ୍ଠୀ ଶିକ୍ଷାଅଧିକାରୀ ଗଣେଶ ଶବର, ଶିବପଦର ପଞ୍ଚାୟତର ସରପଞ୍ଚ ପ୍ରକାଶ କରସିକା ତଥା ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷାଅଧିକାରୀ ଗଣେଶ ଶବର ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ଙ୍କୁ ପାଠ ପଢ଼ି ଭଲ ମଣିଷ ହେବା ସହିତ ଶିକ୍ଷା ସମ୍ପର୍କିତ ଅନେକ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ହାଟ ଦହିଖାଲ କ୍ଲଷ୍ଟର ର ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନୃସିଂହ ପ୍ରସାଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଜାକେଶିକା, ଶ୍ରୀଧର ଶିକକା, ନୀଳାମ୍ବର ନୁନ୍ଦୁକା, ପାଣ୍ଡବ ବିଶ୍ୱଜିତ, ପୁରବୀ ଚୌଧୁରୀ, ବିଶ୍ୱନାଥ ନୁନ୍ଦୁକା, ମାଧବ ଜାଗେରେଙ୍ଗା, ସୁବାସିନୀ ହୁଇକା, ରାମନାଥ ନୁନ୍ଦୁକା, ପ୍ରଶାନ୍ତ କୁମାର ନାୟକ, ମଲ୍ଲୀକା ଖଡିଆ, ବିଦ୍ୟାଧର ବେହେରା, ଲକ୍ଷ୍ମୀଧର ନୁନ୍ଦୁକା ତଥା ଗୋପୀନାଥ ପାଢ଼ୀ ପ୍ରମୁଖ ସହାୟତା କରିଥିଲେ। ଶେଷରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରତିକାନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨୭ କିଲୋ ଗଞ୍ଜେଇ ଜବତ

**ଗୁଡ଼ାରୀ, ୧୧।୧୦(ସମିସ):** ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ଥାନା ଅନ୍ତର୍ଗତ ଶିରିଗୁଡ଼ା ଗ୍ରାମ ନିକଟରେ ଗୁଡ଼ାରୀ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ୧୨୭ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିବା ଜଣାପଡ଼ିଛି। ପିଏସ୍ କେସ୍ ନମ୍ବର ୧୦୭/୨୫ ମାଧ୍ୟମରେ ଏନ୍‌ଡିପିଏସ୍ ମାମଲା ରୁଜୁ କରିଛି।



ଆସନ୍ତାକାଲି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ସମସ୍ତ ପ୍ରକ୍ରିୟାରେ ପରିଷଦ ଇ.ଓ ପ୍ରସନ୍ନ ପାଢ଼ୀଙ୍କ ଉପସ୍ଥିତିରେ କରାଯାଇଥିଲା। ଏଥିରେ ଗୁମୁଡ଼ା ଏସ୍.ଆଇ ବୀରେନ୍ଦ୍ର ରାୟ ଏବଂ ତଦନ୍ତ ଅଧିକାରୀ ଗୁଡ଼ାରୀ ଏସ୍.ଆଇ ସଞ୍ଜୀୟ ଛତ୍ରଙ୍କ ଦ୍ୱାରା ମାମଲା ରୁଜୁ ହୋଇଛି।

# ତେଲଗୁଡ୍ଡୁରୁ ତାରବେଲ ଗାଁକୁ ମିଳିଲା ପକ୍କା ରାସ୍ତା



**ରାୟଗଡ଼ା, ୧୧।୧୦(ସମିସ):** ଦୀର୍ଘଦିନ ପରେ ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ -ଜନମନ) ଅଧୀନରେ ରାୟଗଡ଼ା ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଡ଼କ ପ୍ରକଳ୍ପ ଜରିଆରେ ତେଲଗୁଡ୍ଡୁ ଠାରୁ ତାରବେଲ ଗାଁକୁ ପକ୍କା ରାସ୍ତା ମିଳିଛି। ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ଗୁଣୁପୁର ବ୍ଲକର ଶଗଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳର ତେଲଗୁଡ୍ଡୁ ଗାଁ ଠାରୁ ତାରବେଲ ପର୍ଯ୍ୟନ୍ତ ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ ଶେଷ ହୋଇଛି। ଫଳରେ ସ୍ଥାନୀୟ ଲୋକଙ୍କୁ ନିରାପଦ ଏବଂ ସବୁଦିନିଆ ଯୋଗାଯୋଗର ସୁବିଧା ମିଳିଛି। ଏହି ରାସ୍ତା ପୂର୍ବରୁ ବିପଦପୂର୍ଣ୍ଣ ଥିବାରୁ ବର୍ଷା ଋତୁରେ ଗ୍ରାମବାସୀ ନିକଟବର୍ତ୍ତୀ ପ୍ରମୁଖ ସହରରୁ ବିଚ୍ଛିନ୍ନ ରହୁଥିଲେ। ପିଲାମାନେ ସ୍କୁଲ ଯିବାରୁ ବଞ୍ଚିତ ହେଉଥିଲେ, ଚାଷୀମାନେ ଉଚିତ ସମୟରେ ସେମାନଙ୍କର ଫସଲ ବିକ୍ରି କରିପାରୁ ନଥିଲେ ଏବଂ ଯୋଗାଯୋଗ ଅଭାବରୁ ଜରୁରିକାଳୀନ ଚିକିତ୍ସା ମଧ୍ୟ ମିଳିପାରୁନଥିଲା। ଏହି ନୂତନ ରାସ୍ତା ଯୋଗୁଁ ବର୍ଷସାରା ଗ୍ରାମକୁ ଯାନବାହାନ ପହଞ୍ଚିପାରିବ। ସ୍କୁଲରେ ପିଲାଙ୍କ ଉପସ୍ଥାନରେ ଉନ୍ନତି ଆସିପାରିବ, ଗର୍ଭବତୀ ମହିଳାମାନଙ୍କୁ ଏବେ ସୁରକ୍ଷିତ ଭାବରେ ଡାକ୍ତରଖାନାକୁ ନେଇହେବ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଞ୍ଚଳର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରୁଛି ଏବଂ ତୃଣମୂଳସ୍ତରେ ଥିବା ଲୋକଙ୍କର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସମ୍ଭବ ହୋଇପାରିଛି। ଉନ୍ନତ ଗ୍ରାମୀଣ ସଂଯୋଗୀକରଣ ଜୀବନକୁ କିପରି ଜନଜୀବନକୁ ପରିବର୍ତ୍ତନ କରିପାରିବ, ଏହି ପ୍ରକଳ୍ପଗୁଡ଼ିକ ତାହାର ନିଦର୍ଶନ ପାଲଟିଛି। ତେଲଗୁଡ୍ଡୁରୁ ତାରବେଲ ଯାଏଁ ନବନିର୍ମିତ ରାସ୍ତା ତୃଣମୂଳସ୍ତରରେ ଥିବା ଲୋକ ପାଖରେ ଅନ୍ତର୍ଭୁକ୍ତିମୂଳକ ବିକାଶ ପହଞ୍ଚାଇବା ପାଇଁ ଓଡ଼ିଶା ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ଉଦାହରଣ ଭାବରେ ଉଭା ହୋଇଛି। ସଶକ୍ତୀକରଣ ଏବଂ ସମୃଦ୍ଧି ଦିଗରେ ସଂଯୋଗୀକରଣ ପ୍ରଥମ ଭିତ୍ତିଭୂମି ବୋଲି ଏହି ପ୍ରକଳ୍ପ ପ୍ରମାଣିତ କରିଛି।

# ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ପୋଷ୍ଟ; ବନ୍ଧାହେଲେ ଯୁବକ

**ରାୟଗଡ଼ା, ୧୧।୧୦(ସମିସ):** ମହଙ୍ଗା ପଡ଼ିଲା ସୋସିଆଲ ମିଡ଼ିଆ ଫେସବୁକ୍‌ରେ ଆପତ୍ତିଜନକ ପୋଷ୍ଟ। ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁରଙ୍କ ବିରୋଧରେ ମର୍ଯ୍ୟାଦା ହାନୀକାରକ, ଆଶାଳୀନ ମନ୍ତବ୍ୟ, ମାନହାନୀ କଲାଭଳି ମନ୍ତବ୍ୟ ପୋଷ୍ଟ କରି ଗିରଫ ହୋଇଛନ୍ତି ଜଣେ ଯୁବକ। ଦୀର୍ଘ ଦିନ ଧରି ଯୁବକ ଜଣକ ଏଭଳି ପୋଷ୍ଟ କରି ଆସୁଥିବାରୁ ଓଏଏସ୍ ଅଧିକାରୀ ଶ୍ରୀ କହଁର ଏ ସମ୍ପର୍କରେ ଜିଲ୍ଲାପାଳ ଓ ରାୟଗଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇ ତାଙ୍କ ପରାମର୍ଶକ୍ରମେ ରାୟଗଡ଼ା ଥାନାରେ ଉକ୍ତ ଯୁବକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ ପରେ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରି ଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଦୀପକ ପାଢ଼ୀ। ଅଭିଯୁକ୍ତ ଦୀପକକୁ ଭାରତୀୟ ନ୍ୟାୟ ସଂହିତା ଧାରା ୨୯୬/୩୫୧(୨)(୩)୩୫୬(୨)/୭୮/୭୯ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନର ୬୭-ଏ ଏବଂ ଏଟ୍ରୋସିଟି ୧୯୮୯ ଆଇନର ଧାରା ୩(୧)(ଆର)/(ଏସ)/୩(୨)(ଭିଏ)ରେ ପୁଲିସ ଗିରଫ କରିଛି। ଫେସବୁକରେ ଯୁବକ କରିଥିବା ଆପତ୍ତିଜନକ ପୋଷ୍ଟ ଗୁଡ଼ିକୁ ଡିଲିଟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁର ଥାନା ଅଧିକାରୀଙ୍କୁ ମେଟା କମ୍ପାନୀକୁ କହିବା ପାଇଁ ନିଜ ଲିଖିତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଥାଉ କି, ଦୀପକ ପାଢ଼ୀ ଗତ କିଛି ମାସ ହେଲା କ୍ରମାଗତ ଭାବରେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ, ଏଡିଏମ୍ ଶ୍ରୀ କହଁର ଏବଂ କିଛି ମହିଳା କର୍ମଚାରୀ ଏବଂ ଅଧିକାରୀଙ୍କ ଫଟୋ ଫେସବୁକରେ ପୋଷ୍ଟ କରି ଆପତ୍ତିଜନକ ଭାଷା ବ୍ୟବହାର କରୁଥିଲା। ଏ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ କିଛି ସହଯୋଗୀ ଏବଂ ଶୁଭେଚ୍ଛୁ ତାଙ୍କୁ ଅବଗତ କରି ତୁରନ୍ତ ଥାନାରେ ଯୁବକଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଅଭିଯୁକ୍ତ ଯୁବକ ଦୀପକ କିଛି ମହିଳା କର୍ମଚାରୀ ଏବଂ ଅଧିକାରୀଙ୍କ ଫଟୋ ଏଡିଏମ୍ ଶ୍ରୀ କହଁରଙ୍କ ସହ ଯୋଡ଼ି ଅଶାଳୀନ ଏବଂ ଆପତ୍ତିଜନକ ଭାଷାରେ ମଧ୍ୟ ଲେଖିଥିବା ଏବଂ ଏହା ଦ୍ୱାରା ମହିଳା କର୍ମଚାରୀଙ୍କ ସମ୍ମାନହାନି ହେଉଥିବା କଥା ଏଡିଏମ୍ ଶ୍ରୀ କହଁର ପୁଲିସକୁ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଥାଉ କି, ଅଭିଯୁକ୍ତ ଦୀପକ ପୂର୍ବରୁ ରାୟଗଡ଼ା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ କାର୍ଯ୍ୟାଳୟରେ ବିଶୃଙ୍ଖଳା ଆଚରଣ, ମନମୁଖୀ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ଆସିବା ପରେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀମତୀ ପଟାୱରୀଙ୍କ ନିର୍ଦ୍ଦେଶ ପ୍ରକାରେ ଦୀପକଙ୍କୁ ଚାକିରିରୁ ବାହାର କରାଯାଇଥିଲା। ଏହିଦିନ ଠାରୁ ପ୍ରଶାସନିକ ଅଧିକାରୀଙ୍କୁ ଟାର୍ଗେଟ କରି ସେମାନଙ୍କୁ ବଦନାମ କରିବାକୁ ଲକ୍ଷ୍ୟ ରଖି ନିଜ ଫେସବୁକ ଆକାଉଣ୍ଟରେ ଅଶାଳୀନ ଭାଷା, ମର୍ଯ୍ୟାଦାହାନି ଭଳି ପୋଷ୍ଟ କରି ଆସୁଥିଲେ ବୋଲି ଜଣାପଡ଼ିଛି।



- ଅତିରିକ୍ତ ଜିଲ୍ଲାପାଳଙ୍କ ବିରୋଧରେ କରୁଥିଲେ ପୋଷ୍ଟିଂ

# ଜିଲ୍ଲାସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳିତ


**ରାୟଗଡ଼ା, ୧୧।୧୦(ସମିସ):** ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କନ୍ୟା ଶିଶୁଙ୍କ ସୁରକ୍ଷା, ଶିକ୍ଷା, ସମାନ ସୁଯୋଗ ଓ ସଶକ୍ତୀକରଣ ପାଇଁ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଆସିଷ୍ଟାଣ୍ଟ କଲେକ୍ଟର ଲିପିକା ପଟେଲ, ସ୍ୱସ୍ତିକ ପଣ୍ଡା, ଅତିରିକ୍ତ ଜିଲ୍ଲା ପୋଲିସ୍ ଅଧୀକ୍ଷକ, ସରସ୍ୱତୀ ରାୟ, ଅଧକ୍ଷା, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତି ଥିଲେ। ମିନତୀ ଦେଓ ସମାଜ ମଙ୍ଗଳ ଅଧିକାରୀ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ସମାଜର ଉନ୍ନତି ପାଇଁ କନ୍ୟା ଶିଶୁଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ପୁଲିସ ଅଧୀକ୍ଷକ କନ୍ୟାମାନଙ୍କ ସୁରକ୍ଷା ଓ ଆଇନ ସହାୟତା ବିଷୟରେ ସଚେତନତା ପ୍ରସାର କରିବାର ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆଇନକୁ ଜାଣିବା, ସାହସୀ ହେବା, ପରିସ୍ଥିତିକୁ ସାମ୍ନା କରିବା ଶିଖିବା, ନିଜେ ସଶକ୍ତ ହେଲେ ସମାଜ ସଶକ୍ତ ହେବ ବୋଲି କହିଥିଲେ। ପିରାମଲ ଫାଉଣ୍ଡେସନର ନରେଶ ଶର୍ମା ବାଲ୍ୟ ବିବାହ ତଥା ଋତୁସ୍ରାବ ବିଷୟରେ ସଚେତନତା କରାଇଥିଲେ। କିଶୋରୀ ବାଳିକା ମାନଙ୍କ ମଧ୍ୟରେ କୁଇଜ, ନୃତ୍ୟ, ବକ୍ତୃତା, ଗଳ୍ପ ଲିଖନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ ଦିବାକର ପରିଚ୍ଛା ପରିଚାଳନା କରିଥିଲେ। କାର୍ଯକ୍ରମରେ ଉପଖଣ୍ଡ ପି. ଓ.ଶୈଳଜା ଦାସ ଗୁଣୁପୁର ସିଡିପିଓ, ଜିଲ୍ଲା ପ୍ରଶାସନ, ହେନା ରାଣୀ ପ୍ରଧାନ, ଶିଶୁ ଅଧିକାର କର୍ମୀ ଆଭା ସଂସ୍ଥା, ରାଣୀ ସାହୁ, ଅରେଡା ଟେକ୍ନିକାଲ ପ୍ରଫେସନାଲ, ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ରର କର୍ମକର୍ତ୍ତା, କିଶୋରୀ ବାଳିକା, ସୁପର ଭାଇଜର, ଅଙ୍ଗନବାଡ଼ି କର୍ମୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମିନତୀ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।




# ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଅନ୍ୟଜଣେ ଗୁରୁତର

- ଗଜଲକ୍ଷ୍ମୀ ପୂଜା ଦେଖିବାକୁ ଯାଇଥିଲେ

**କଲ୍ୟାଣସିଂହପୁର, ୧୧।୧୦(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଗଜଲକ୍ଷ୍ମୀ ପୂଜା ଯାତ୍ରା ଦେଖିବା ପାଇଁ ଯାଇ ଦୁର୍ଘଟଣାରେ ଜଣେ ଯୁବକଙ୍କ ଜୀବନ ଯାଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଗତକାଲି ଯାତ୍ରା ଦେଖିବା ପାଇଁ ଯିବାବେଳେ ପୂଜା ମଣ୍ଡପ ନିକଟରେ ଓଡି ୧୮ ଏନ୍ ୦୩୪୮ ଓ ଓଡି ୧୮ ଏନ୍ ୩୮୩୭ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଦୁଇ ଜଣ ଗୁରୁତ୍ୱର ଆହତ ହୋଇଥିଲେ। ଗୁରୁତର ଦୁଇଜଣଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମୃତକ ହେଲେ ଶିକରପାଇ ପଞ୍ଚାୟତ ସଦର ଡଙ୍ଗରିଆ ସାହିର ନିରଞ୍ଜନ ମିଣିଆକା (୩୦)। ଗୁରୁତର ଯୁବକ ହେଲେ ନାରାୟଣପୁର ପଞ୍ଚାୟତ କୁଶୁମସିଲା ଗ୍ରାମର ନବୀନ ତିଆକା (୩୨)। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ କଲ୍ୟାଣସିଂହପୁର ପୁଲିସ ଜବତ କରିଥିବା ଜଣାପଡ଼ିଛି।





# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଓ ଆଇନ ସଚେତନତା ଶିବିର



**ରାୟଗଡ଼ା, ୧୧।୧୦(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୂତନ ଜ୍ଞାନ ବର୍ଦ୍ଧନୀ ସ୍ୱତନ୍ତ୍ର ବିଦ୍ୟାଳୟ, କୋଲନରାଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡ଼ା ତରଫରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡ଼ା ବାର ଆସୋସିଏସନର ଓକିଲ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ବିଶ୍ୱନାଥ ଗନ୍ତାୟତ, ନୂତନ ଜ୍ଞାନ ବର୍ଦ୍ଧନୀ ସତନ୍ତ୍ର ବିଦ୍ୟାଳୟ, କୋଲନରା ର ଫିଜିଓ ଥେରାପିଷ୍ଟ ଦାମୋଦର ଚାନ୍ଦ, ପ୍ରିନ୍ସିପାଲ ଓ ଅନ୍ୟ ଶିକ୍ଷକ ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ଓ ନିଜର ବକ୍ତବ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ଆଚାର୍ଯ୍ୟ ନାଲସା ସ୍କିମ, ମେଣ୍ଟାଲ ହେଲଥ ଆକ୍ଟ ଓ ସରକାରଙ୍କ ତରଫରୁ ମାନସିକ ପିଲାମାନଙ୍କ ପାଇ ଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଆଇନ ଓ ସରକାରଙ୍କ ତରଫରୁ ମାନସିକ ପିଲାମାନଙ୍କ ପାଇ ଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସେହିପରି ଅପରାହ୍ଣରେ ସ୍ଥାନୀୟ ଶକ୍ତି ବରିଷ୍ଠ ନାଗରିକ ଗୃହ, ରାୟଗଡ଼ାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡ଼ା ତରଫରୁ ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥିଙ୍କ ମଧ୍ୟରେ ଶକ୍ତି ବରିଷ୍ଠ ନାଗରିକ ଗୃହର ଅଧ୍ୟକ୍ଷ ତଥା କର୍ମଚାରୀ ଓ ସମସ୍ତ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁଳି ନାହିଁ; ଅନ୍ଧାରରେ ତେଡ଼ିକଣା ଗ୍ରାମବାସୀ

**ଗୁଡ଼ାରି, ୧୧।୧୦(ସମିସ):** ଗୁଡାରୀ ବ୍ଲକ ଖାରୀଗୁଡା ଗ୍ରାମ ପଞ୍ଚାୟତର ଟେଡିକଣା ଗ୍ରାମକୁ ବିଜୁଳି ସାତ ସାପନ ହୋଇଛି। ବିଦ୍ୟୁତ ଯିବା ପାଇଁ ଜଙ୍ଗଲ ବିଭାଗ ମଞ୍ଜୁରି ଆବଶ୍ୟକ ଥିବାବେଳେ ଏହି ଗ୍ରାମକୁ ଘେରି ଚାରିପଟେ ରିଜର୍ଭ ଜଙ୍ଗଲ ରହିଥିବାରୁ ବିଦ୍ୟୁତ ବିଭାଗ କାର୍ଯ୍ୟ କରିବାରେ ବିଳମ୍ବ ହେଉଛି ବୋଲି ଜେଇ କହିଛନ୍ତି। ଅନ୍ୟପଟେ ସରକାର ଓରେଡ଼ା କମ୍ପାନୀ ମାଧ୍ୟମରେ ଏହି ଗ୍ରାମଙ୍କୁ ସୋଲାର୍ ସିଷ୍ଟମ ମାଧ୍ୟମରେ ବିଜୁଳି ଯୋଗଇ ଦେଇଥିଲା। କିଛିବର୍ଷ ଏହି ସୋଲାର କାମ କରିବାପରେ ପ୍ରାୟ ଦୁଇ ବର୍ଷ ହେଲାଣି କାମ କରୁନି ବୋଲି ଅଞ୍ଚଳବାସୀ କହିଛନ୍ତି। ସେପଟେ ପ୍ରାୟ ବର୍ଷେ ହେଲାଣିଏହି କମ୍ପାନୀ ନୂଆ ସୋଲାର ଲଗାଯିବ କହି ସମସ୍ତ ସୋଲାର ବ୍ୟାଟେରି ବାହାର କରି ନେଇଯିବା କହିଛନ୍ତି। କିଛି ଦିନ ତଳେ ଗ୍ରାମବାସୀ କହିଛନ୍ତି ସୋଲାର ବ୍ୟାଟେରି ଆସିଥିଲେ ମଧ୍ୟ ଘରଗୁଡ଼ିକୁ ସଂଯୋଗ କରୁ ନାହାଁନ୍ତି। ଓରେଡ଼ା ଖାମଖିଆଲି ମନ ଭାବ ଯୋଗୁଁ ବିଜୁଳ ନପାଇ ଅନ୍ଧାରରେ ରହୁଛନ୍ତି ଗ୍ରାମବାସୀ। ନିରିହ ଆଦିବାସୀ ଲୋକମାନେ ବାରମ୍ବାର ଅଭିଯୋଗ କଲେ ଜିଲ୍ଲା ମହକୁମାର ଉଚ୍ଚପଦସ୍ତ ଅଧିକାରୀ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି। ଏନ୍‌ଆର୍‌ଇଜିଏ ମାଧ୍ୟମରେ ରାସ୍ତା ନିର୍ମାଣ କରାଯାଇଥିଲେ ମୁଖ୍ୟ ରାସ୍ତାରୁ ୪ କି. ମି ଘାଟି ଖାଲ ଖମା, ପଥର, କାଦୁଅ ରାସ୍ତା ପାର ହୋଇ ମୁଖ୍ୟ ରାସ୍ତାକୁ ଯିବାକୁ ପଡ଼ିଥାଏ। ବର୍ଷା ଦିନରେ ଆମ୍ବୁଲାନ୍ସ ପହଞ୍ଚି ପାରୁନି ଗ୍ରାମରେ। ଗର୍ଭବତୀ ମହିଳା ଏବଂ ରୋଗୀକୁ ମେଡିକାଲ ଯିବାକୁ ହେଲେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଗ୍ରାମର ଏଭଳି ବହୁବିଧ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଲଘୁଚାପଜନିତ ବର୍ଷା ପ୍ରକୋପ

# ଜିଲ୍ଲାର ୨୧୫ ହେକ୍ଟର ଧାନ ଓ ଅଣଧାନ ଫସଲ ନଷ୍ଟ

**ରାୟଗଡ଼ା, ୧୧।୧୦(ସମିସ)**

ଚଳିତ ଅକ୍ଟୋବର ମାସରେ ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁଁ ବହୁ ଚାଷୀ ପ୍ରଭାବିତ ହୋଇଛନ୍ତି। ରାୟଗଡ଼ା ଜିଲ୍ଲାରେ ସମୁଦାୟ ୨୧୫.୪୭୨ ହେକ୍ଟର ଜମିର ଧାନ ଓ ଅଣଧାନ ଫସଲ ନଷ୍ଟ ହୋଇଥିବା ଜିଲ୍ଲା କୃଷି ବିଭାଗର ତଥ୍ୟରୁ ଜଣାପଡ଼ିଛି। ତେବେ ରାଜସ୍ୱ ଓ କୃଷି ବିଭାଗର ମିଳିତ ସର୍ଭେରେ କେତେ ପରିମାଣର ଜମିରେ ଫସଲ ନଷ୍ଟ ହୋଇଛି ତଥ୍ୟ ଦିଆଯାଇଥିବା ବେଳେ କେତେ ଚାଷୀଙ୍କ ଫସଲ ନଷ୍ଟ ହୋଇଛି ସେ ତଥ୍ୟ ଏଯାଏଁ ତୃଣମୂଳସ୍ତରରୁ ରିପୋର୍ଟ ଆସିନଥିବା ଜଣାପଡ଼ିଛି। ଏ ନେଇ ଦାୟିତ୍ୱରେ ଥିବା ଜିଲ୍ଲା କୃଷି ଅଧିକାରୀ ଏସ.କେ ଏହେସାନଙ୍କୁ ପଚାରିବାରୁ ତୃଣମୂଳ ସ୍ତରରେ ରାଜସ୍ୱ ବିଭାଗ ଏବଂ କୃଷି ବିଭାଗର କର୍ମଚାରୀ ମିଳିତ ଭାବେ ତଥ୍ୟ ସଂଗ୍ରହ କରୁଛନ୍ତି, ଖୁବ୍‌ଶୀଘ୍ର ତଥ୍ୟ ମିଳିଯିବ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟଯେ ଚଳିତ ମାସ ଦଶହରା ସମୟରେ ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା। ସର୍ବାଧିକ ବର୍ଷା ଜିଲ୍ଲାର ଗୁଣପୁର ବ୍ଲକରେ ହୋଇଥବା ବେଳେ ସବୁଠାରୁ ଅଧିକା ଫସଲ ନଷ୍ଟ ରିପୋର୍ଟ ମଧ୍ୟ ଗୁଣପୁର ବ୍ଲକରୁ ଆସିଥିବା ଜଣାପଡ଼ିଛି। ଗୁଣପୁର ବ୍ଲକରେ ସମୁଦାୟ ୧୧୬.୮୦୬ ହେକ୍ଟର ଜମିରେ ଫସଲ ନ୍‌ଷ୍ଟ ହୋଇଥିବା ଜଣାପଡ଼ିଛି। ଗୁଣପୁରରେ ସର୍ବାଧିକ ୧୨୪.୧୭୨ ହେକ୍ଟର ଜମିରେ ଧାନ ଏବଂ ଅଣଧାନ ଫସଲ ନଷ୍ଟ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟଯେ ଯେଉଁ ଚାଷୀମାନଙ୍କ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ସେହି ଚାଷୀମାନେ ହିଁ ସରକାରଙ୍କ ସହାୟତା ରାଶି ପାଇପାରିବେ। ରାଜସ୍ୱ ଏବଂ କୃଷି ବିଭାଗର ମିଳିତ ରିପୋର୍ଟ ଅନୁଯାୟୀ ୨୦୫.୧୨ ହେକ୍ଟର ଜମିରେ ୩୩ପ୍ରତିଶତରୁ କମ୍ ଫସଲ ହାନୀ ହୋଇଥିବା କୁହାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ବର୍ଷା ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀଙ୍କୁ ହେକ୍ଟର ପିଛା ୮୫୦୦ ଟଙ୍କା କ୍ଷୟକ୍ଷତି ରାଶି ମିଳୁଥିବା ବେଳେ ଜଳସେଚନ କରି ଚାଷ କରୁଥିବା ଚାଷୀଙ୍କୁ ହେକ୍ଟର ପିଛା ୧୭ହଜାର ଟଙ୍କାର ସହାୟତା ରାଶି ଓ ଉଦ୍ୟାନ ଭିତ୍ତିକ ଚାଷ କରି ବର୍ଷାରେ କ୍ଷତି ହୋଇଥିବା ଚାଷୀଙ୍କୁ ହେକ୍ଟର ପିଛା ୨୨ହଜାର ୫୦୦ ଟଙ୍କା କ୍ଷତି ପୂରଣ ମିଳିବ ବୋଲି ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଏହେସାନ ପ୍ରକାଶ କରିଛନ୍ତି। କେତେ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବିମା କରି ବିମାରାଶି ପାଇବେ ସେନେଇ ବିମା କମ୍ପାନୀ ଜିଆଇସି ଆଜି ସୁଦ୍ଧା କେ?ଣସି ସୂଚନା ଦେଇନଥିବା ବିଭାଗିୟ ଅଧିକାରୀ ପ୍ରକାଶ କରିଥିଲେ। ଏନେଇ ଚାଷୀ ମାନଙ୍କୁ କ୍ଷୟକ୍ଷତି ସମ୍ପର୍କରେ ଟୋଲଫ୍ରି ନମ୍ବରରେ କଲ କରିବା ପାଇଁ କୁହାଯାଇଥିଲେ ମଧ୍ୟ କେତେ ଚାଷୀ ବିମା ରାଶି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ଏହି ତଥ୍ୟ ବିମା କମ୍ପାନୀଙ୍କୁ ତଥ୍ୟ ତୁରନ୍ତ ଦେବା ପାଇଁ ବିଭାଗିୟ ଅଧିକାରୀ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ରାୟଗଡ଼ା ଜିଲ୍ଲାର କୋଲନରା, କାଶୀପୁର, ରାମନାଗୁଡ଼ା, ମୁନିଗୁଡ଼ା ଓ ଚନ୍ଦ୍ରପୁରରେ ଆଦୌ ଫସଲ ନଷ୍ଟ ହୋଇନଥିବା ରିପୋର୍ଟରେ ଉଲ୍ଲେଖ ରହିଛି। କ୍ଷତିଗ୍ରସ୍ତ ହୋଇଥିବା ଜମିର ଫସଲ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ସହାୟତା ଅନୁଦାନ ଆସିଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଏହେସାନ ପ୍ରକାଶ କରିଛନ୍ତି।

# ଶୋଇଥିବା ଅବସ୍ଥାରେ ଯୁବକ ମୃତ

**ନନ୍ଦାହାଣ୍ଡି, ୧୧।୧୦(ସମିସ):** ଦିନ ଦ୍ୱିପହରରେ ଶୋଇଥିବା ଅବସ୍ଥାରେ ଅଜଣା ବ୍ୟକ୍ତିଙ୍କ ଧାରୁଆ ଅସ୍ତ୍ର ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ନବରଙ୍ଗପୁର ଥାନା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସିନ୍ଧିଗୁଡା ସଦର ପଞ୍ଚାୟତ ର ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ଘଟଣା ସ୍ଥଳରେ ସିନ୍ଧିଗୁଡା ଗ୍ରାମର ଲବ ହରିଜନଙ୍କ ପୁଅ ଧନୁର୍ଜୟ ହରିଜନ (୩୦) ନିଜ ଘରେ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ଚୂନ ମାରିବା ପାଇଁ ଗ୍ରାମର ଏକ ଘରକୁ ଯାଇଥିଲେ। ତେବେ କାମ ସାରି ସ୍ତ୍ରୀ ଘରକୁ ଫେରି ଦେଖିବା ବେଳେ ତାଙ୍କ ସ୍ୱାମୀ ଧନୁର୍ଜୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ମୁଣ୍ଡ ଫାଟି ଯାଇ ଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇ ମୃତ୍ୟୁବରଣ କରିଛନ୍ତି। ଏ ନେଇ ଗ୍ରାମ ବାସୀ ମାନେ ନବରଙ୍ଗପୁର ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ନବରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରେ ସାଇନଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରେ ନବରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କୃଷ୍ଣ ଚନ୍ଦ୍ର ଭତ୍ରା, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ସବ୍ ଇନ୍ସପେକ୍ଟର ସବିର ଅହମଦ, ତୁଳସୀ ପୂଜାରୀ ଓ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ଉପସ୍ଥିତ ରହି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଜଙ୍ଗଲ ଯିବା ନିମନ୍ତେ ରାସ୍ତା ନଥିବାରୁ ଉତ୍ତେଜନା

**ପଟାଙ୍ଗି, ୧୧।୧୦(ସମିସ):** କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକର ବାରଜ ଗ୍ରାମ ଠାରୁ ଜଙ୍ଗଲକୁ ଯିବା ନିମନ୍ତେ ନାହିଁ ରାସ୍ତା। ଭାରତ ମାଳା ପରିଯୋଜନାରେ ରାସ୍ତା କାର୍ଯ୍ୟ କରାଯାଇ ଜଙ୍ଗଲକୁ ଯିବା ନିମନ୍ତେ ରାସ୍ତା ଛଡ଼ାଯାଇନାହିଁ। ତେଣୁ ପ୍ରଶାସନ ପକ୍ଷରୁ ଭାରତମାଳା ଦ୍ୱାରା ଅଧିଗ୍ରହଣ ହୋଇଥିବା ବାରଜ ଗ୍ରାମର ଘର ଗୁଡ଼ିକୁ ଭାଙ୍ଗିବା ସମୟରେ ଗ୍ରାମବାସୀ ଏବଂ ପ୍ରଶାସନ ମଧ୍ୟରେ ଜଙ୍ଗଲକୁ ଯିବା ନିମନ୍ତେ ରାସ୍ତା ଛଡାଯାଇନଥିବାକୁ ନେଇ ଚାପା ଉତେଜନା ସୃଷ୍ଟି ହୋଇଥିଲା। ସୂଚନା ଅନୁଯାୟୀ ଭାରତମାଳା ପରିଯୋଜନା ଦ୍ୱାରା ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟ ନିମନ୍ତେ ପଟାଙ୍ଗି ବ୍ଲକ ଅନ୍ତର୍ଗତ ବାରଜ ଗ୍ରାମର କିଛି ଘର ନିମନ୍ତେ କ୍ଷତିପୂରଣ ପ୍ରଦାନ କରାଯାଇ ଥିଲା। ଶୁକ୍ରବାର ଉକ୍ତ ଗୃହଗୁଡିକୁ ତହସିଲ ଏବଂ ପୁଲିସ ପ୍ରଶାସନ ଉପସ୍ଥିତିରେ ଭଙ୍ଗା ଯାଇଥିଲା। କିନ୍ତୁ ଏହି ସମୟରେ ଗ୍ରାମ ଏବଂ ନିକଟ ଜଙ୍ଗଲ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରାଯାଇଥିବାବେଳେ ଉକ୍ତ ରାସ୍ତା ମଧ୍ୟରେ ଜଙ୍ଗଲକୁ ଯିବା ନିମନ୍ତେ କୌଣସି ରାସ୍ତା ଛଡ଼ା ଯାଉନାହିଁ। ଏହି ସମସ୍ୟା ନେଇ ବହୁବାର ପ୍ରଶାସନକୁ ଲିଖିତ ଭାବରେ ଗ୍ରାମବାସୀ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେଣୁ ଘର ଗୁଡ଼ିକୁ ଭାଙ୍ଗିବା ସମୟରେ ଲୋକ ଏବଂ ପ୍ରଶାସନ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହାପରେ ଜଙ୍ଗଲକୁ ରାସ୍ତା କରିବା ନିମନ୍ତେ ଧାରଣା ଦିଆଯାଇଥିଲା। ଉକ୍ତ ସମସ୍ୟା ନେଇ ତହସିଲଦାର ଦେବେନ୍ଦ୍ର ଧାରୁଆଙ୍କୁ ପଚାରିବାରୁ ସେ ଉକ୍ତ ରାସ୍ତା ନିର୍ମାଣ କରାଯିବା ନିମନ୍ତେ ରାଜପଥ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। ପରେ ରାସ୍ତା କାର୍ଯ୍ୟ ପ୍ରାରମ୍ଭ କରାଯିବ ବୋଲି କହିଥିଲେ। ସ୍ଥାନୀୟ ସରପଞ୍ଚ ଦେବକି ଗଣ୍ଡ, ସମିତି ସଭ୍ୟ ଲକ୍ଷ୍ମଣ ପଡ଼ାଲ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଜୋନାଲ୍‌ସ୍ତରୀୟ ରେଳ ସୁରକ୍ଷା କର୍ମଶାଳା

**କୋରାପୁଟ, ୧୧।୧୦(ସମିସ):** ଅଲ୍‌ଇଣ୍ଡିଆ ଷ୍ଟେସନ ମାଷ୍ଟର ଆସୋସିଏସନ (ଇଷ୍ଟି କୋଷ୍ଟ ୱାଲଟୀୟର) ଡିଭିଜନ ପକ୍ଷରୁ ରେଳବିଭାଗର ସୁରକ୍ଷା ନେଇ ଜୋନାଲସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୋଟସ ପରିସରରେ ଇଷ୍ଟକୋଷ୍ଟ ରେଲୱେ ୱାଲଟୀୟର ଡିଭିଜନ ପକ୍ଷରୁ ଆୟୋଜିତ କର୍ମଶାଳାରେ ଖୋର୍ଦ୍ଧାର ଅବସରପ୍ରାପ୍ତ ଷ୍ଟେସନ ମାଷ୍ଟର ପିକେ ସାମଲ ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଏନ ପି ରାଓ, ଅର୍ଥ ସମ୍ପାଦକ ପି ଏନ ମୂର୍ତ୍ତି, ଡିଟି ଆଇ ଏନ ନାରାୟଣ ରାଓ, ଭୁବନେଶ୍ୱର ଷ୍ଟେସନ ମାଷ୍ଟର ପ୍ରତାପ ସ୍ୱାଇଁ ଏବଂ ଜୀବି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରେଳ ବିଭାଗର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଶେଷ କରି ଯାତ୍ରୀ ମାନଙ୍କ ସୁରକ୍ଷା, କର୍ମଚାରୀ ମାନଙ୍କ ସୁରକ୍ଷା, ରେଳ ବିଭାଗର ଆର୍ଥିକ ଅଭିବୃଦ୍ଧି ଘଟିବା, ରେଳ ଚଳାଚଳ ସୁରକ୍ଷା ଆଦି ଉପରେ ଆଲୋଚନା କରାଯାଥିଲା। ଏହି କର୍ମ ଶାଳାରେ ସମ୍ବଲପୁର, ଖୋର୍ଦ୍ଧା ଓ ବିଶାଖାପାଟଣା ଡିଭିଜନର ୬୦ରୁ ଊର୍ଦ୍ଧ୍ୱ ଷ୍ଟେସନ ମାଷ୍ଟର ଯୋଗଦେଇଥିଲେ। ଏହି ଅବସରରେ ଜୋନାଲ ର ନୂତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାକୁ ଏସ ଏନ ଅହମଦ ପରିଚାଳନା କରିଥିଲେ କୋରାପୁଟ ଷ୍ଟେସନ ମାଷ୍ଟର ରାଜ କୁମାର ପାତ୍ର ଓ ବଳରାମ ମୁଦୁଲିଙ୍କ ସହ କୋରାପୁଟ ରେଳ ବିଭାଗର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

# ଭ୍ରାମ୍ୟମାଣ ଚକ୍ଷୁ ପରୀକ୍ଷା ଶିବିର

**ଦାମନଯୋଡି/କୋରାପୁଟ, ୧୧।୧୦(ସମିସ):** କୋରାପୁଟ ବ୍ଲକର ମହାଦେଇପୁଟ ପଞ୍ଚାୟତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜିଲ୍ଲା ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ର ପକ୍ଷରୁ ଶନିବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି।ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ଗ୍ରାମର ୪୬ଜଣ ଚକ୍ଷୁରୋଗୀ ଯୋଗ ଦେଇଥିଲେ।ସେଥି ମଧ୍ୟରୁ ୧୧ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ସହିତ ୨ଜଣଙ୍କ ଚାଳିଷିଆ ଚଷମା ପରୀକ୍ଷା ହୋଇଥିଲା।ମୋତିଆବିନ୍ଦୁ ରୋଗୀଙ୍କ କୋରାପୁଟରେ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି।ଶିବିରରେ ଔଷଧ ବଣ୍ଟନ ସହିତ ରୋଗୀଙ୍କର ମାଗଣା ରକ୍ତ ଶର୍କରା ଓ ରକ୍ତଚାପ ପରୀକ୍ଷା ମଧ୍ଯ କରାଯାଇଥିଲା।ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷା କରିଥିଲେ।ସିଏଚଓ ସ୍ୱାଗତିକା ସ୍ୱାଇଁ ଓ ସ୍ୱାସ୍ଥ୍ୟକର୍ମୀ ସଞ୍ଜୁବାଳା ପ୍ରଧାନୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ଆଶାକର୍ମୀ ଦମୟନ୍ତୀ ପାଙ୍ଗି, ଗୀତା କୁମାରୀ ପ୍ରଧାନୀ, ପୂର୍ଣ୍ଣିମା ନାୟକ, ଲକ୍ଷ୍ମୀ ଗାଦବା, ଧନମତି ଗାଦବା, ସୀମା ମାଛ ଓ ରାଧିକା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ଘର ଭାଙ୍ଗିଲେ, ଗାଁରୁ ତଡ଼ିଲେ

## ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଉଛନ୍ତି ପୀଡ଼ିତ ପରିବାର

**ନନ୍ଦପୁର, ୧୧।୧୦(ସମିସ)**

ନନ୍ଦପୁର ବ୍ଲକ ପାଡୁଆ ଥାନା ଅଞ୍ଚଳରେ ଗୁଣି ଗାରେଡ଼ିକୁ ସନ୍ଦେହ କରି ଏକ ପରିବାରକୁ ଗାଁ ରୁ ତଡ଼ି ଦେବା ସହ ତାଙ୍କ ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏପରିକି ଘରର ସମସ୍ତ ଆସବାବପତ୍ର ନଷ୍ଟ କରି ଟଙ୍କା ପଇସା ଲୁଟି ନେଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହାକୁ ନେଇ ପୀଡ଼ିତା ପରିବାର ପକ୍ଷରୁ ପାଡୁଆ ଥାନାରେ ଏତଲା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ତଥା ପୁଲିସ ହାତ ବାନ୍ଧି ବସିଥିବା ଯୋଗୁଁ ଏହି ପରିବାର ଏବେ ଆତଙ୍କରେ ବାହାର ଗାଁର ବନ୍ଧୁ ବାନ୍ଧବଙ୍କ ଘରେ ଆଶ୍ରୟ ନେଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣା ଘଟିଛି ସୀମାନ୍ତ ପାଛଲୁଙ୍ଗ ପଞ୍ଚାୟତ ଅଧୀନ ମାରିପୁଟ ଗ୍ରାମରେ। ଏହି ଗାଁର ମାନସିକ ବିକୃତ ରଘୁରାମ ଖିଲ ନାମକ ଜଣେ ବ୍ୟକ୍ତି ଗତ କିଛି ଦିନ ତଳେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ସେହି ଗାଁ ର ରାମବାବୁ ଖିଲ, ରାଜେଶ ଖିଲ, ସମି ଖିଲ, ପତିରାମ ଖିଲ, ହୁସେବ ଖିଲ ମିଶି ଗତ ୭ ତାରିଖ ଅପରାହ୍ନରେ ଖଣ୍ଡା ଭୁଜାଲି ଧରି ଲଛମନ ଖିଲଙ୍କ ଘରକୁ ଯାଇ ତୁ ହିଁ ରଘୁରାମକୁ ଗୁଣି କରି ମାରିଚୁ କହି ଘରର ଟାଇଲ ଛପର ଭାଙ୍ଗିବା ସହ ଘରେ ପଶି ଆସବାବପତ୍ର ସବୁ ନଷ୍ଟ କରି ଘରେ ଥିବା ଟଙ୍କା ପଇସା ଲୁଟି ନେଇଥିଲେ। ଏହା ପରେ ଲଛମନକୁ ଏବଂ ତାଙ୍କ ପୁଅକୁ ଆକ୍ରମଣ ଉଦ୍ୟମ କରିବା ଦେଖି ପରିବାର ସହ ଗାଁରୁ ସେମାନେ ଲୁଚି ପଳାଇଥିଲେ। ଏହା ପରେ ଲଛମନ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ଅତି ସମ୍ବେଦନଶୀଳ ହୋଇଥିବା ବେଳେ ପୁଲିସ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଏହାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତା' ସହ ଏହି ପୀଡ଼ିତ ପରିବାର ନିରାଶ୍ରୟ ହୋଇ ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଇଥିବା କୁହାଯାଉଛି। ପାଡୁଆ ଥାନା ଅଧିକାରୀଙ୍କୁ ଏ ନେଇ ଯୋଗାଯୋଗ କରିଥିବା ବେଳେ ତାହା ସମ୍ଭବ ହୋଇପାରିନାହିଁ। ତେବେ ଏତଲାକୁ ଦୀର୍ଘ ଚାରି ଦିନ ବିତିଯାଇ ଥିଲେ ମଧ୍ୟ ପୁଲିସ ପକ୍ଷରୁ ପୀଡ଼ିତ ପରିବାରକୁ ସହାୟତା ନ ମିଳିବା ନେଇ ସାଧାରଣରେ ନିନ୍ଦା କରାଯାଇଛି।



● ପୁଣି ଅଧାରେ ଅଟକିଲା ପ୍ରକଳ୍ପ କାର୍ଯ୍ୟ

# ହର୍ ଘର ଜଳ ଯୋଜନା ବାଟବଣା

**ତେନ୍ତୁଲିଖୁଣ୍ଟି ୧୧।୧୦ (ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରାବତୀ ବଜାର ଏବଂ ମାଉସୀମା ମନ୍ଦିର କଲୋନୀବାସୀ ମେଗା ପ୍ରକଳ୍ପ ପାଣିରୁ ବଞ୍ଚିତ ହୋଇଛନ୍ତି। ପାଣି ପାଇଁ ଦୁଇ ଦୁଇ ଥର ର ପ୍ରତିବାଦ ସତ୍ତ୍ୱେ ଜଳ ଯୋଗାଣ ହୋଇପାରିନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ବହୁ ପ୍ରତିବାଦ ପରେ ଶନିବାର ଆରମ୍ଭ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ପୁଣି ବନ୍ଦ ହୋଇଛି। ସୂଚନା ଅନୁଯାୟୀ ମେଗା ପ୍ରକଳ୍ପ ପାଣି ପାଇଁ ମାଉସୀମା ମନ୍ଦିର କଲୋନୀବାସୀଙ୍କ ବହୁବାର ଦାବି ସତ୍ତ୍ୱେ ପାଣି ନ ମିଳିବାରୁ ପ୍ରକଳ୍ପ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଏହାପରେ ନବରଙ୍ଗପୁର ଜଳ ଯୋଗାଣ ବିଭାଗ ହସ୍ତକ୍ଷେପ ଏବଂ ପ୍ରତିଶ୍ରୁତି ପରେ କାର୍ଯ୍ୟାଳୟ ସମ୍ମୁଖରୁ ହଟିଥିଲେ ମାଉସୀମା ମନ୍ଦିର କଲୋନୀବାସୀ। କିନ୍ତୁ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ଦେଇ ପାଇପ ସଂଯୋଗ ହୋଇଛି। ତାହା ବ୍ୟକ୍ତିଗତ ଜାଗା ଦର୍ଶାଇ ଉକ୍ତ କାର୍ଯ୍ୟକୁ ବିରୋଧ କରାଯାଇଥିଲା। ଯାହାଫଳରେ କାର୍ଯ୍ୟ ର୍ଅଧାରେ ଅଟକିଥିଲା। ଏହାପରେ ପାଣି ଯୋଗାଣ ଦାବିରେ ମାଉସୀମା ମନ୍ଦିର କଲୋନୀ ବାସି ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଖବର ପାଇଁ ତେନ୍ତୁଳିଖୁଣ୍ଟି ତହସିଲଦାର ସୁଶ୍ରୀ ପୁଷ୍ପାଞ୍ଜଳି ଦଣ୍ଡପାଟ ଉକ୍ତ ସ୍ଥାନରେ ପହଞ୍ଚି ଏକମାସ ମଧ୍ୟରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ୍ ହଟିଥିଲା। କିନ୍ତୁ ବିଡମ୍ବନାର ବିଷୟ ଇତିମଧ୍ୟରେ ଦୁଇମାସ ବିତିଥିଲେ ମଧ୍ୟ ସମସ୍ୟା ସମାଧାନ ନକରି ପୁଣି କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ତାହା ପୁଣି ବନ୍ଦ ହୋଇଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର ସମସ୍ୟା ସମାଧାନ ନହେଲେ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତାରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି ମହିଳା ମଣ୍ଡଳୀ।




# ବିଶ୍ୱ ଅଣ୍ଡା ଦିବସ ପାଳିତ



**କୋରାପୁଟ, ୧୧।୧୦(ସମିସ):** ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଅଣ୍ଡା ଦିବସ ପାଳିତ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ଅଣ୍ଡା ଉତ୍ପାଦନ ବୃଦ୍ଧି ସାଙ୍ଗକୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଉଛନ୍ତି। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳର ଯୁବ ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟାଇବା ଏବଂ ସ୍ୱାବଲମ୍ବୀ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଚାଷୀ ଋଣ ପ୍ରଦାନ କରୁଛନ୍ତି ଏହାର ଫାଇଦା ଉଠାଇ ନିଜ ଘରେ କୁକୁଡ଼ା ଚାଷ କରି ନିଜ ପରିବାର ପ୍ରତିପୋଷଣ କରିବା ସହ ଅଣ୍ଡା ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର ନକରି ଜିଲ୍ଲାର ଚାହିଦା ମେଣ୍ଟାଇବାରେ ସହାୟ ହୋଇ ପରିବେ ବୋଲି ପ୍ରକାଶ କରିଛନ୍ତି। ଶ୍ରେଷ୍ଠ କୁକୁଡ଼ା ଚାଷୀ ଭାବେ କୋରାପୁଟ ୯ନମ୍ବର ୱାର୍ଡ ର ଆର୍ ସିଆ ଦାସ, ଦାମନଯୋଡି ମାଥାଲପୁଟର ସାଣ୍ଡ୍ରା ସିସା ଏବଂ ବୋରିଗୁମା ବ୍ଲକର କାମତା ଗ୍ରାମର ଜଗଦୀଶ ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଭକ୍ତ ବନ୍ଧୁ ଦନାର୍ଦ୍ଦନ ଦଳାଇ ଯୋଗଦେଇ ଥିବା ବେଳେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା ଲକ୍ଷ୍ମୀଧର ବେହେରା ଅଧକ୍ଷତା କରି ଜିଲାରେ ଦୈନିକ ୪ ଲକ୍ଷ ୫୦ ଅଣ୍ଡା ଆବଶ୍ୟକ ଥିବା ବେଳେ ମାତ୍ର ୨ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି ଏଣୁ ଚାହିଦା ମେଣ୍ଟାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗୀ ଯୋଜନାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଏଲ ପି ପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲାର ସମସ୍ତ ଏଲଆଇ ଓ ଚାଷି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟାଳୟର ଗିରିଶ ବେହେରା ଙ୍କ ସହିତ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

# ବାଇକ୍-କାର୍ ମୁହାଁମୁହିଁ, ବାଇକ ଚାଳକଙ୍କ ମୃତ୍ୟୁ

**ଜୟପୁର, ୧୧।୧୦(ସମିସ):** ଜୟପୁର ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ ଉମୁରୀ ଗ୍ରାମ ନିକଟସ୍ଥ ଭାରତୀୟ ଖାଦ୍ୟ ନିଗମ ଗୋଦାମ ସମ୍ମୁଖରେ ଏକ କାର୍ ସହ ବାଇକ୍‌ର ମୁହାଁମୁହିଁ ଦୁର୍ଘଟଣାରେ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଆମ୍ବାଗୁଡ଼ା ପୁଲିସ ଫାଣ୍ଡି ଅଧୀନ ମଣ୍ଡାପଦର ଗ୍ରାମର ଧନପତି ନାୟକ (୨୦)। ମୃତକ ଆଜି ମଧ୍ୟାହ୍ନରେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଗ୍ରାମରୁ ବାଇକ ଯୋଗେ ନେଇ ଜୟପୁର ଠାରେ ଛାଡ଼ିବା ପରେ ତାଙ୍କ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା କାର୍ (ସିଜି୧୭କେ ଡବ୍ଲୁ ୩୬୭୨) ତାଙ୍କ ବାଇକ୍ (ଓଡି୧୦ଜେଡ-୯୪୮୨) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତାଙ୍କ ମୁଣ୍ଡର ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଉଭୟ କାର ଏବଂ ବାଇକ୍‌କୁ ପୁଲିସ ଜବତ କରିବା ସହ ଥାନାରେ ରଖିଛନ୍ତି ବୋଲି ଏସ୍.ଆଇ ଶିରଶ ମହାପାତ୍ର ପ୍ରକାଶ କରିଛନ୍ତି।

# ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭ



**କୋରାପୁଟ, ୧୧।୧୦(ସମିସ):** ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ନିର୍ଭରତା ମିଶନର ଶୁଭାରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ମାଧ୍ୟମରେ ଦୁଇଟି ଯୋଜନାର ଶୁଭାରମ୍ଭ କରିଛନ୍ତି। କୋରାପୁଟ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ।ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୦୦ ଜଣ ଚାଷୀ ଯୋଗ ଦେଇଥିଲେ। କୃଷି ଜ୍ଞାନ କୌଶଳର ଉପଯୋଗ ଓ ବିଭିନ୍ନ ଯୋଜନାରେ ମିଳୁଥିବା ସୁବିଧାକୁ ଉପଯୋଗ କରି ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବାକୁ ଉପସ୍ଥିତ କୃଷକ ମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ଯୌତୁକ ନିରୋଧ ଆଇନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



**କୋରାପୁଟ, ୧୧।୧୦(ସମିସ):** ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ଠାରେ ଯୌତୁକ ନିରୋଧ ଆଇନ ସଚେତନତା ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରରେ ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟିତ କରିବା ସହ ଯୌତୁକ ଭଳି କଳୁଷିତ ପ୍ରଥା ଠାରୁ ଦୁରେଇ ରହି ସୁଖ ଓ ଶାନ୍ତିର ପରିବାର ଗଠନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଏହାକୁ ଅବମାନନା କଲେ ଆଇନ ଅନୁଯାଇ ଦଣ୍ଡ ଭୋଗିବାକୁ ପଡ଼ିବବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ମନୋବ୍ରତା ଶତପଥୀ ଯୋଗଦେଇ ଯୌତୁକ ନିରୋଧ ଅଧିନିୟମ ୧୯୬୧ ସମ୍ପର୍କ ରେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲାର ର ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ବିଭିର୍ନ ସଂଗଠନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ବଢୁଛି ଖୁଡୁଖୁଡ଼ି ଓ ସଟ୍ଟା ଖେଳ; ପୁଲିସ ନିରବ

**ଚନ୍ଦାହାଣ୍ଡି, ୧୧।୧୦(ସମିସ)**



ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଞ୍ଚଳରେ ଖୁଡୁଖୁଡ଼ି ଓ ସଟ୍ଟାଖେଳ ବଢୁଥିବାବେଳେ ପୁଲିସ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି। ବ୍ଲକର ଫୁଣ୍ଡେଲପଡ଼ା, ଫଲସାପଡ଼ା, ଚନ୍ଦାହାଣ୍ଡି, ଫଟକି, କୋଇଲିମୁଣ୍ଡା ସମେତ ବିଭିନ୍ନ ଗ୍ରାମରେ ବହୁମାତ୍ରାରେ ଏହି ଖେଳ ଖୋଲାଖୋଲି ଭାବେ ଚାଲିଛି। ଗଣେଶ ପୂଜା ଠାରୁ ଦୁର୍ଗାପୂଜା ସହ ଭାଇଜିଉଁନ୍ତିଆ, କୁଆଁର ପୂର୍ଣ୍ଣିମା ଏବଂ ଆଗକୁ ଦୀପାବଳି ଭଳି ବିଭିନ୍ନ ପର୍ବପର୍ବାଣି ପାଳିତ ହେଉଥିବା ସହ ମନୋରଞ୍ଜନ ପାଇଁ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ, ନୃତ୍ୟ ପ୍ରତିଯୋଗିତା ଏବଂ ଘୁମୁରା ପରିବେଷଣ କରାଯାଉଛି। ଏହାର ସୁଯୋଗର ଫାଇଦା ଉଠାଇବା ପାଇଁ କିଛି ବ୍ୟକ୍ତିବିଶେଷ ରୋଜଗାରର ଏକ ମାଧ୍ୟମ ସଦୃଶ ଏହି ଖୁଡୁଖୁଡ଼ି ଓ ସଟ୍ଟା ଜୁଆ ଖେଳ ଖେଳାଉଥିବା ସୂଚନା ମିଳିଛି। ପୁଲିସ ପାଟ୍ରୋଲିଂ କରି ଏହା ଉପରେ ଚଢ଼ଉ କରିବାକୁ ଏବଂ ଏତାଦୃଶ ଅସାମାଜିକ କାର୍ଯ୍ୟକଳାପକୁ ବନ୍ଦ କରିବା ସହ ଦୃଢ଼ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି। ପ୍ରକାଶ ଥାଉକି ଚନ୍ଦାହାଣ୍ଡି ଅଞ୍ଚଳରେ ଏଥି ପୂର୍ବରୁ ମଧ୍ୟ ଖୋଲାଖୋଲି ଭାବେ ରାସ୍ତା କଡ଼ରେ ସଟ୍ଟା ଖେଳ ଚାଲୁଛି। ଫଳରେ ଅସମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପ୍ରତି ସାପ୍ତାହିକ ହାଟରେ ଏବଂ ଯାନିଯାତ୍ରା ମାନଙ୍କରେ ବେଧଡ଼କ ଭାବରେ ଖୁଡୁଖୁଡ଼ି, ସଟ୍ଟା ଜୁଆ ଖେଳ ହେଉଛି। ଗ୍ରାମବାସୀ ଏବଂ ଯାତ୍ରା କମିଟିକୁ ହାତବାରିସୀକରି ଖୁଡୁଖୁଡ଼ି ମାଷ୍ଟରମାନେ ଖେଳ ଚଳାଇ ମାଲାମାଲ ହେଉଥିବାବେଳେ ନିରୀହ ଲୋକ ଏହାର ଶିକାର ହେଉଛନ୍ତି। ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ସଙ୍ଘ ପକ୍ଷରୁ ଥାନା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ପରେ ପୁଲିସ ଏହାକୁ ବନ୍ଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥିବାବେଳେ ବର୍ତ୍ତମାନ ସାଧାରଣରେ ଚର୍ଚ୍ଚା ହେଉଛି ଯେ ପୁଲିସ ବିଭାଗ ତଳିଆ କର୍ମଚାରୀଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଥାନାଧିକାରୀ ଯୁଗଳ କିଶୋର ସା'ଙ୍କୁ ଯୋଗାଯୋଗ କରିବାରୁ ସେ ଏଭଳି କାର୍ଯ୍ୟକ୍ରମକୁ ପ୍ରଶୟ ଦିଆଯିବ ନାହିଁ ଏବଂ ପାଟ୍ରୋଲିଂ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# କାର୍‌ରେ ଶୋଇଥିବାବେଳେ ଲାଗିଗଲା ନିଆଁ

**ଲମତାପୁଟ, ୧୧।୧୦(ସମିସ):** ଆଜି ଲମତାପୁଟରେ ଘଟିଛି ଏକ ଅଭାବନୀୟ ଘଟଣା। ଚିକିତ୍ସା ନିମନ୍ତେ ନିଜ ଗାଡ଼ି ନେଇ ଆସି ସ୍ତ୍ରୀଙ୍କୁ ମେଡିକାଲରେ ଭର୍ତ୍ତି କରି ରାତିରେ ତିନି ଜଣ ଗାଡ଼ି ଭିତରେ ଶୋଇଥିବା ବେଳେ ନିଆଁ ଲାଗି ଯାଇଥିଲା। ସୂଚନା ଅନୁଯାୟୀ ନନ୍ଦପୁର ବ୍ଲକ ବାଇରିପଡ଼ା ଗ୍ରାମର ଟଙ୍କଧର ମାଛ ନିଜ ଚାର୍ ଯୋଗେ ତାଙ୍କ ସ୍ତ୍ରୀଙ୍କୁ ଲମତାପୁଟସ୍ଥିତ ଘରୋଇ ଆଶା କିରଣ ମେଡିକାଲକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ମେଡିକାଲରେ ସ୍ତ୍ରୀଙ୍କୁ ଭର୍ତ୍ତି କରାଇସାରିବା ପରେ ଡ୍ରାଇଭର ସହ ଆଉ ଜଣେ ନିଜର ସମ୍ପର୍କୀୟଙ୍କ ସହ ଗାଡ଼ି ଭିତରେ ଶୋଇଥିଲେ। ରାତ୍ରିରେ ପ୍ରବଳ ଥଣ୍ଡା ହେବାରୁ ଡ୍ରାଇଭର ଗରମ ତାପ ଦେଉଥିବା ସୁଇଚ ଟିପି ଶୋଇପଡ଼ିଥିଲେ। ତେବେ ସଟ ସର୍କିଟ ହୋଇ ଏଥିରୁ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଦେଖି ଡ୍ରାଇଭର ଚିତ୍କାର କରିବା କ୍ଷଣି ତିନି ଜଣ ବାହାରକୁ ଆସି ଯାଇଥିଲେ। ତେବେ କ୍ଷଣିକ ଭିତରେ ନିଆଁ ଗାଡ଼ି ଚାରି ଆଡେ ବ୍ୟାପି ପ୍ରଚଣ୍ଡ ଶବ୍ଦ ହେବା ଫଳରେ ମେଡିକାଲରେ ଥିବା ରୋଗୀଙ୍କୁ ଉପସ୍ଥିତ ଥିବା ସମସ୍ତେ ମେଡିକାଲ କର୍ମଚାରୀ ମାନେ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଲାଗିଲେ। ଗାଡ଼ିର ବିଭିନ୍ନ ଯନ୍ତ୍ରାଂଶ ଜଳିଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ଆସି ଜଳିଯାଇଥିବା ଗାଡ଼ିରୁ ନିଆଁ ଲିଭାଇଥିଲେ।



# ଲାଇନମ୍ୟାନ

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ





ସେଦିନ ଅଧରାତିରେ ଗାଁ ମୁଣ୍ଡରେ ଥିବା ଟ୍ରାନ୍ସଫର୍ମର୍‌ଟା ହଠାତ୍ ପୋଡ଼ିଗଲା। ଗାଁଟା ସାରା ଅନ୍ଧାର। ଏଇବେଳେ କୋଉ ଇଲେକ୍ଟ୍ରି ଅଫିସ୍‌ରୁ କର୍ମଚାରୀ ଧାଇଁ ଆସିବେ ଯେ, ଏ ମଫସଲ୍ ଗାଁକୁ? କାହାର କ'ଣ ଯାଉଛି, ଇଲେକ୍ଟ୍ରି ଅଫିସ୍‌ରେ ଯାଇ ଫେରାଦ ଦବ! ଘରେ ଘରେ ହିଟର୍, ପ୍ରତି ପାଞ୍ଚ ମିଟରକୁ ପାଞ୍ଚ ମିଟର ଛାଡ଼ି ମେନ୍ ଲାଇନ୍ ତାର ଉପରେ ଜମ୍ପର। ଇଲେକ୍ଟ୍ରି ଅଫିସର୍ ଆଇଲା ମାନେ ସବୁ ଚୋରି ଧରା ପଡ଼ିବା ସୁନିଶ୍ଚିତ। ତେଣୁ କିଏ ଯିବ ହାତରୁ ଖାଇ ବାଟରେ ଗଡ଼ିବାକୁ? ସେଇ ଭିଡ଼ ଭିତରୁ କିଛି ଜଣ କହୁଥାନ୍ତି ଆରେ ଏତେ କଥା କ'ଣ, ଆମ ସନାର ବାଁ ହାତର ଖେଳ ବା ଇଏ। ଡାକରେ ସନା ଲାଇନିବାଲାକୁ ଡାକ।

× × ×

-"ମା' ତ କହୁଥିଲା ତମେ କାଳେ ହାପୁଲେ ପାଠ ପଢ଼ିଛ? ବଡ଼ ଚାକିରି କରିଛ? କିନ୍ତୁ ଏ ଲାଇନବାଲା କ'ଣ?"

-"ଆରେ ସେଇଟା ଲାଇନମ୍ୟାନ୍। ତୁ ସହରରେ ପାଠ ପଢ଼ି ବେଶିକୁ କେମିତି ହାପୁଲେ କହୁଛୁ! ଏ ଗାଁ ଲୋକେ ବି ଠିକ୍ ସେମିତି ଲାଇନମ୍ୟାନ୍‌କୁ ଲାଇନବାଲା କହୁଛନ୍ତି।" ଖାଉ ଖାଉ ମାମୁଁ କହିଲେ।

- "ସେ ଯାହା ହଉ ତମେ ତ ଡକ୍ଟର କି ଇଞ୍ଜିନିଅର୍‌ଟେ ହେବାକଥା କିନ୍ତୁ ଏ ଲାଇନ୍‌ମ୍ୟାନ କ'ଣ?"

-"ଇଏ ଡକ୍ଟର, ଇଞ୍ଜିନିଅରଠୁ ବି ଆହୁରି ବଡ଼ ଚାକିରି... ତୋ ମା' କହିନି ତୋତେ? ହଉ ଆଉ ବେଶି ମୁଣ୍ଡ ଖର୍ଚ୍ଚ କରେନା, ଯା ଶୋଇପଡ଼ିବୁ।"

ପ୍ରତିଦିନ ବଡ଼ିଭୋର୍‌ରୁ ଗୋଟେ ଝୁଲା ଭର୍ତ୍ତି ଯନ୍ତ୍ରପାତି ଧରି ମାମୁଁ ବାହାରି ଯାଆନ୍ତି ଗାଧୋଇପାଧୋଇ। ଫେରନ୍ତି ଗୋଟାଏ ମଳିମୁଣ୍ଡିଆ ଲୋକଟେ ଭଳି ଠିକ୍ ଅଧରାତିରେ। ଖାଇବା ବଢ଼ା ହେଇ କେତେ ବେଳୁ ଥୁଆ ହେଇଥାଏ ମାଣ୍ଡିଆ ତଳେ। ମୁଁ କିଛି ପଚାରିବି ବୋଲି ଭାବି ଭାବି ଶୋଇଯାଏ ସେ ଫେରିବା ପୂର୍ବରୁ।

ମାମୁଁଙ୍କ ରୁମ୍ ସାରା ଯୁଆଡ଼େ ଚାହିଁବ କେବଳ ବହି ହିଁ ବହି। ସେଥିରୁ ଗୋଟେ ବହି ଏପଟସେପଟ ହେଇଗଲେ ଘରସାରା ସେଦିନ ତୁମ୍ବିତୋଫାନ।

ମୁଁ ଥରେ ଆଈଙ୍କୁ ପଚାରିଲି- "ଏତେ ସାରା ବହି ନେଇ ମାମୁଁ କରନ୍ତି କ'ଣ?"

ଆଈ କହେ – "ସେ ବହୁତ ପଢ଼େ। ସ୍କୁଲ,କଲେଜରେ ଫାଷ୍ଟ ହଉଥିଲା। ଏଇ ପାଠ ପାଇଁ ଆମ ଗାଁ ସରପଞ୍ଚ ବଳ ବାବୁଙ୍କଠୁ କେତେ ଯେ ପୁରସ୍କାର ପାଇଛି, ତାର ହିସାବ ନାହିଁ।"

-"ବେଶି ପାଠ ପଢ଼ିଲେ କ'ଣ ଲାଇନ୍‌ମ୍ୟାନ ହୁଅନ୍ତି, ଆଈ?"

ଆଈ ଆଖିରେ ଜକେଇ ଆସେ ଲୁହ, ମୁଁ ପଚାରି ପାରେନି କାହିଁକି?

ଆଜି ମାମୁଁ ଘରୁ ବାହାରୁଥିବାବେଳେ ମୁଁ କହିଲି: "ଆଜି ମୁଁ ତୁମ ସହିତ ଯିବି ମାମୁଁ, ତୁମ ଅଫିସ୍‌କୁ।"

-"କୋଉ ଅଫିସ୍?"

-" ଏଇ ତମର ସେ ଅଫିସ୍, ଯାହା ରବିବାର ବି ଖୋଲା ରହେ! ଯୋଉ ଅଫିସରେ ବଡ଼ି ଭୋର୍‌ରୁ ରାତି ଯାଏଁ କାମ ଲାଗିରହେ!

-"ଆରେ ଗଧି, ବିନା ଫ୍ୟାନ୍‌ରେ ତୁ ମୁହୂର୍ତ୍ତଟେ ରହିପାରୁଛୁ? ଆମେ ଦିନରାତି କାମ ନ କଲେ ତୁ କ'ଣ ଆଲୁଅ ଦେଖିପାରିବୁ? ଯା ଯା ପଢ଼ିବୁ।"

- "ଅଜା, ମାମୁଁଙ୍କ ବାହାଘର କାହିଁକି କରିଦେଉନ ଯେ? ମାଇଁ ଆସିଲେ ଆଉ ଏମିତି ଚିଡ଼ନ୍ତେନି ମାମୁଁ। ଯେତେବେଳେ ଦେଖ ଖାଲି ପଢ଼ ପଢ଼ ପଢ଼।"

-"ନିଜେ ପଢ଼ିକି କ'ଣଟା ଓପାଡ଼ି ପକେଇଛି କି? ବାବୁ ଦିନେ ଓଏଏସ୍ ଅଫିସର୍ ହେବାର ଦିବାସ୍ୱପ୍ନ ଦେଖୁଥିଲେ ଏବେ ରେଞ୍ଚି, ସ୍କ୍ରୁ ଡାଇଭର ଝୁଲା ଧରି ଗାଁ ଗାଁ ବୁଲା ହଉଛି! ଛିଃ ଛିଃ ଛିଃ। ଘରର ବଡ଼ ପୁଅ ହେଇ ଇଜ୍ଜତ ବଢ଼େଇବ କ'ଣ !ଯାହା ଟିକକ ଥିଲା ତାକୁ ବି ମାଟିରେ ମିଶେଇ ଦେଲା!"

- "ଆଉ ଦି ଦିନ ପରେ ସାବିତ୍ରୀ ବ୍ରତ। ଘରେ ଭାଇଟିଏ ଥିଲେ ବାହା ହେଲା ଭଉଣୀକୁ ସାହସ। ମାସେ ଆଗରୁ ଭାରଥୁର ପହଞ୍ଚି ଯିବା କଥା। କୋଉଠୁ କ'ଣ ଆସିବ ସେକଥା କଣ ଚିନ୍ତା ଅଛି ବାବୁଙ୍କର?"

ଅଜାଙ୍କଠୁ ଏମିତି ଉତ୍ତରଟେ ମୁଁ କେବେ ବି ଆଶା କରିନଥିଲି! କେଜାଣି କେମିତି ଲାଗିଥିବ ମାମୁଁଙ୍କୁ??

ଓହୋ କେତେ ଟିଙ୍ଗ୍ ଟିଙ୍ଗ୍ କରୁଛି ସେ ଜରିବାଲାଟା ସକାଳୁ ସକାଳୁ! ମୁଁ ଯାଇ ଦେଖେତ ମାମୁଁ ବହିଖାତା ସବୁ ଗୋଟି ଗୋଟି କରି ପକାଉଛନ୍ତି ଦଣ୍ଡିରେ। ଖାଲି ଡାଏରୀ ଖଣ୍ଡକ ଛଡ଼ା।

-" ମାମୁଁ ତମେ ଏସବୁ ବିକି ଦଉଚ! ଆଈ ତମେ ବି ବସିଛ ଏଇଠି ଠାକୁର ଭଳି?"

- "ହଁ ଆଉ କ'ଣ କରିବି?" ମାମୁଁଙ୍କ ରୁଦ୍ଧ ଗଳାରେ ଉତ୍ତର।

-"ହେଲେ ତମେ କାହିଁକି ବିକି ଦଉଚ? ଜାଣିଚ ବହି ବିକିଲେ ପାଠ ହୁଏନି!"

-"ହାଃ ହାଃ... ମୁଁ କ'ଣ ପାଠ ପଢୁଛି,ନା ପଢ଼ିବି ଆଉ? ମୁଁ ପା ଚାକିରି କଲିଣି!"

ମୁଁ ଆଉ କିଛି ପଚାରିଥାନ୍ତି ହେଲେ ଠିକ୍ ସେଇ ସମୟରେ ଗୋଟେ ଅଦ୍ଭୁତ ବେଶଧାରୀ ଲୋକଟେ ଗେଟ୍ ଭିତରକୁ ପଶିଆସି ପଚାରିଲା-"ଏଇଟା ସନା ଲାଇନ୍‌ବାଲାର ଘର ନା?"

ମୋ ଆଈର ଲୁଗାକାନିରେ ହାତପୋଛି ମାମୁଁ ଗଲେ ସେ ଲୋକ ପାଖକୁ। କିଛି ସମୟ ପରେ ଫେରି ଆସିଲେ ତାଙ୍କ ଯନ୍ତ୍ରପାତି ଝୁଲାଟିକୁ ନେବା ପାଇଁ।

ଆଈ କହିଲେ: "କିରେ କ'ଣ ଖାଇଦେଇ ଯା!"

"ଆଜି ଗୋଟେ ବଡ଼ କାମ ହାତରେ ଲାଗିଛି। ଫେରୁ ଫେରୁ ଅଧରାତି ହେଇଯାଇପାରେ। ମୋତେ ଅନେଇ ବସିବୁନି। ଆଉ ହଁ ଯେତିକି ଟଙ୍କା ହେଲା ଏ ବହି ବିକାରୁ, ଦି ନାନୀ ଘରକୁ ଭାର ପାଇଁ ଦେଇଦବୁ। ଏତିକି କହି ଆଗେଇ ଯାଉଥିବା ବେଳେ ହଠାତ୍ ପଛକୁ ମୋଡ଼ି ମୋତେ ଚାହିଁ କହିଲେ, ଲାଇନ୍‌ବାଲା ନୁହେଁ ଲାଇନ୍‌ମ୍ୟାନ...।"

× × ×

ଦୂରରୁ ମାଇକରେ ଖଣ୍ଡି ଖଣ୍ଡି ଶୁଭୁଛି ଅଗାପୁରରେ ରଙ୍ଗମହଲ ଯାତ୍ରାର ସଂଳାପ। ଯା ଭିତରେ ସତର ଥର ମାମୁଁଙ୍କ ଫେରିବା କଥା ପଚାରି ଗଲେଣି ଅଜା। ଆଈ ବସିଛି ବାଟପାଖ ପିଣ୍ଡାରେ ଡେରା ଦେଇ। ମୁଁ ମଝିରେ ମଝିରେ କହୁଥାଏ: "ଆଈ ଘରକୁ ପଳେଇବା ଚାଲ, କାକର ପଡ଼ିଲାଣି।"

ତାଟି ପାଖରୁ ଘେରାଏ ବୁଲିଆସି ଅଜା କହୁଥିବେ: "ଏ ଟୋକାର କ'ଣ ଚିନ୍ତା କିଛି ଅଛି? ରାତି ଆସି କେତେଟା ହେଲାଣି?"

ଫର୍ଚ୍ଚା ଫର୍ଚ୍ଚା ଦିଶିଲାଣି ଆକାଶ। ଅଗାପୁର ଯାତ୍ରା ଭାଙ୍ଗିଲାଣି। ଧାଡ଼ିବାନ୍ଧି ଫେରୁଛନ୍ତି ଯେ ଯା ଗୋଠକୁ। ହଁ ମ ମଦୁଆଟେ ତ! ସବୁଦିନ ତ ମଦ ପିଇ ଫେରୁଥିଲା ଘରକୁ, କିଏ କହୁଥିଲା ମଦ ପିଇ ଇଲେକ୍ଟ୍ରି ଖୁଣ୍ଟି ଚଢ଼ିବାକୁ! ଆଉ କିଏ ତାଳ ଦେଇ କହୁଥିଲେ, ହଁ ମ ବୁଢ଼ା ବାପ ମାଆ କର୍ମରେ ଏଇଯା ଥିଲା ଶେଷକୁ! କି ପାପ କରିଥିଲେ କେଜାଣି?

ମୋ ଆଖିରେ ଲୁହ, ଆଈ ଆଖିରେ ଲୁହ।

ଏଇବେଳେ ଭିଡ଼ ଭିତରୁ କେହି ଜଣେ କହି ଉଠିଲା: "ସନା ଲାଇନ୍‌ବାଲା ଅମର ରହେ।" ଆଉ ସହିପାରିଲିନି ମୁଁ, ଚିତ୍କାର କରି କହି ଉଠିଲି: "ଲାଇନ୍‌ବାଲା ନୁହେଁ ଲାଇନ୍‌ମ୍ୟାନ, ଲାଇନ୍‌ମ୍ୟାନ, ଲାଇନ୍‌ମ୍ୟାନ!! ■

ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍: ୭୫୬୦୦୧
ମୋ: ୭୭୮୮୯୭୭୨୭୬

# କାଳିଜାଈ

ଅଜୟ ସ୍ୱାଇଁ





ଭୋକିଲା ଚଢ଼େଇ ପଲ
କୁଆଡୁ ଭାସିଆସି
ଗଣ୍ଡ ଉପରେ ଆସର ଜମେଇଥିବା
ପାଗଳ ପବନ।
ଢେଉଢ଼େଉକା ମନର ଉତ୍ତାଳ ଲହଡ଼ି
ଏଣେ ମଟର ଡଙ୍ଗା
ତେଣେ କାଳ କାଳ ନଳବଣ... ।

କୁଆଡ଼େ ହଜିଗଲା ଖିଏ କାନ୍ଦଣାର ଧାର
ଯାହା କିଛି କାଳ ବଞ୍ଚିଥିଲା
ଚଟି ବହିରେ। ପାଠଶାଠ ଜାଣି ନଥିବା
ନିଧି ଡଙ୍ଗାରୀର ନାକୁଆ ସ୍ୱରରେ।
ତଥାପି କିଛି କାନ୍ଦଣା ଲାଖିଥିଲା
ଲୁହ ହୋଇ ସୋଲରୀ କାନ୍ଧରେ...।

ମତେ ଏ ସବୁକୁ ଆଉଥରେ
ମନେ ପକେଇଥିବା ମୋ ପ୍ରିୟ କବି
ଆଉ ନାହିଁ ବାଲୁଗାଁରେ ।

ହଜି ଯାଇଚି କାଳ ସ କାନ୍ଦ
ଆଲୁଅ ସହ ଆଶା।

ଖାଲି ଯା' ବାଆଁରା ଗୀତଟିଏ
ପବନରେ ଅଛି ଧିମା କାନ୍ଦ ପରି
ଯେ ଯାଏ ଚିଲିକା ଅଛି...
ମାଗନ୍ତା ପକ୍ଷୀମାନେ ଅଛନ୍ତି...
ଚଢ଼େଇ ହଗା ଅଛି... ।

ଯେ ଯାଏ ଚିଲିକା କୂଳରେ ଅଛି
ପ୍ରିୟ କବିଙ୍କର ରଙ୍ଗଛଡ଼ା ସମାଧି।
ସେ ଯାଏ ସବୁ ଠିକ୍ ଅଛି ।
ସେ ଯାଏ ସୂର୍ଯ୍ୟାସ୍ତ ଭାସୁଚି
ଗୋଟେ ରଙ୍ଗିନ୍ ଡଙ୍ଗା ହୋଇ
ଚିଲିକା ଜଳରେ ॥ ■

ମୋ: ୯୧୭୮୫୫୮୫୦୮

# ଜନ୍ମଦିନ

ରବି ଶତପଥୀ



କେତେ କେତେ
ପ୍ରେମ ଆଉ ପ୍ରାର୍ଥନାରେ
ରାତି ପାହେ ସେଦିନ,
ଶୁଭେଚ୍ଛା ଓ ଆଶୀର୍ବାଦରେ
କାନ୍ଦ କାନ୍ଦ ଲାଗେ ସକାଳ ।
କେଉଁଠି ଲୁଚିଥାଏ କେଜାଣି
ବୟସ ପାଖରେ
ମିଶାଣ ଚିହ୍ନଟିଏ ଦେଇ
ଚତୁରତାର ସହ ଖସିଯାଏ ସମୟ ।

ଆଲୁଅକୁ ଆଲିଙ୍ଗନ କରି
ଜଳି ପୁଣି ଲିଭିଯାଏ
ଗୋଟେ ଶୁଭ ମହମବତୀ,
ବଢ଼ିଲା ବୟସରେ
ବେଲୁନ୍‌ଟେ ଫାଟିଗଲେ ବି
ଭୟରେ ଥରିଯାଏ ଛାତି ।

କିଛି ଅଭିନନ୍ଦନ ଓ ଫୁଲତୋଡ଼ା
ଚିତ୍ର ହୋଇ ଆସି
ଜମା ହୁଏ ଫୋନ୍‌ର ଚିତ୍ରଶାଳାରେ,
ଧୀରେ ଧୀରେ ଗଛରେ
ହଳଦିଆ ପଡ଼ିଆସୁଥିବା
ପତ୍ର ପରି ଜନ୍ମଦିନ
ବୟସ୍କ ହୁଏ ଅପରାହ୍ନରେ ।


ସଂଜବେଳକୁ
ଫେରିଯିବାକୁ ସଜବାଜ ହୁଏ
ଆସିଥିବା ଜନ୍ମଦିନ,
ଖାଲି ଖାଲି ହାତ
ଅଥଚ ଭାରି ଭାରି ଛାତି
ଅନ୍ଧାରରେ ବାଟ ଭୁଲିଯିବା
ଭୟରେ ବି ସେ ବାଟ ଖୋଜେ
ଫେରିଯାଏ ପୁଣି ଯାଇପାରେ ନାହିଁ ।। ■



ଅଧ୍ୟାପକ, ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯

# ଝୁମୁକା

ସଂପାଦକ : ମାନସ ରଞ୍ଜନ ସାମଲ



୧୪୪-ଗଭର୍ଣ୍ଣମେଣ୍ଟ, ଆଇ/ଟି
ଚାରବାଟିଆ, କଟକ-୭୫୪୦୨୮
ମୂଲ୍ୟ:୫୦ ଟଙ୍କା

ଶିଶୁ କିଶୋର ତୈମାସିକୀ 'ଝୁମୁକା'ର ଶାରଦୀୟ ବିଶେଷାଙ୍କ-୨୦୨୫ ଆକର୍ଷଣୀୟ ହୋଇଛି। ମାନସ ରଞ୍ଜନ ସାମଲଙ୍କ ସଂପାଦନାରେ ପ୍ରକାଶିତ 'ଝୁମୁକା'ର ଏହି ସଂଖ୍ୟାରେ ଗପ ବିଭାଗରେ ପ୍ରତିଭା ରାୟଙ୍କ 'ଅଳସୁଆ ନାଗସାପ', ମହେଶ୍ୱର ମହାନ୍ତିଙ୍କ 'ନଡ଼ିଆ ଭୂତ', ରମେଶ ପତ୍ରୀଙ୍କ 'ବିପଦ ଟଳିଗଲା', ନରେନ୍ଦ୍ର ପ୍ରସାଦ ଦାସଙ୍କ 'ମୂଷା ମଲେ ମାତ୍ର ଭୋକ ରହିଲା' ଆଦି ଗପଗୁଡ଼ିକ ଯୁଗୋପଯୋଗୀ ଓ ଶିକ୍ଷଣୀୟ ହୋଇଛି। ସେହିପରି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ମୋ ଗାଁ ମୋ ପିଲାଦିନ', ଗୌରହରି ଦାସଙ୍କ 'ମୋ ଗାଁ', ନିରୁପମା ଆଚାର୍ଯ୍ୟଙ୍କ 'ଆର ଜନ୍ମକୁ କାଠବେଙ୍ଗ' ଆଦି ଲେଖାରେ ଲେଖକ, ଲେଖିକାମାନେ ନିଜ ଗାଁର ପ୍ରାକୃତିକ ପରିବେଶରେ ବିତାଇଥିବା ପିଲାଦିନର ସ୍ମରଣୀୟ ମୁହୂର୍ତ୍ତ, ଗାଁର ଅନୁଭବ ଓ ଅନୁଭୂତିକୁ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ସେଭଳି ଜୟନ୍ତିକାଙ୍କ 'ଗାଁ କଥା ମନେପଡ଼େ', ସୁନାମଣି ରାଉତଙ୍କ 'ଆଜି ସେ ଗାଁ କାହିଁ!', ମହେନ୍ଦ୍ର କୁମାର ମଲ୍ଲିକଙ୍କ 'ସୁଷମା ଅପ୍ରକାଶ' ଆଦି କବିତାର ଗାଁର ମନୋରମ ଦୃଶ୍ୟ ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି। ୨୦୨୫ ମସିହା କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଥିବା ଶିଶୁ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢ଼ୀଙ୍କ ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରକାଶ ପାଇଛି। ଏହା ସହିତ ଅନୁବାଦ ଗପ, ଏକାଙ୍କିକା, ପୂଜା ବିଶେଷ କବିତାଗୁଡ଼ିକ ମନଛୁଆଁ ହୋଇଛି। 'ଝୁମୁକା'ର ଶାରଦୀୟ ବିଶେଷାଙ୍କ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ନୋବେଲ ସାହିତ୍ୟ ପୁରସ୍କାର -୨୦୨୫

# କଥାଶିଳ୍ପୀ ଲାସ୍ଲୋ କ୍ରାସ୍ନାହୋର୍‌କାଇ


କ୍ଷୀରୋଦ ପରିଡ଼ା



ଚଳିତ ୨୦୨୫ ମସିହା ପାଇଁ ବିଶ୍ୱର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ନୋବେଲ ପୁରସ୍କାର ପ୍ରଦାନ କରାଯିବ ହଙ୍ଗେରୀର କଥାଶିଳ୍ପୀ ଲାସ୍ଲୋ କ୍ରାସ୍ନାହୋର୍‌କାଇଙ୍କୁ ତାଙ୍କର ଅସାମାନ୍ୟ କଥାଶିଳ୍ପ ପାଇଁ। ଆସନ୍ତା ଡିସେମ୍ବର ଦଶ ତାରିଖ ଦିନ ସ୍ୱାଡ଼େନର ଷ୍ଟକ୍‌ହୋମ୍‌ଠାରେ ଭାରତୀୟ ମୁଦ୍ରାରେ ଦଶ କୋଟି ଛପନ ଲକ୍ଷ ଟଙ୍କା ଅର୍ଥରାଶି ସହ ନୋବେଲ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସ୍ୱାଡ଼ିଶ ଏକାଡେମୀ ଓ ନୋବେଲ ଫାଉଣ୍ଡେସନ୍ ଏହି ବିଶ୍ୱ ସାହିତ୍ୟର ଅନନ୍ୟ ବିଜୟୀ କଥାଶିଳ୍ପୀଙ୍କ ସାହିତ୍ୟ ସର୍ଜନା ବିଷୟରେ ଘୋଷଣା କରିଛି ଯେ, "ତାଙ୍କ ରଚନାରେ ରହିଛି ମନୋମୁଗ୍ଧକର ଏବଂ ଦୂରଦର୍ଶୀ ସୃଜନକର୍ମ ଯାହା ସମକାଳର ବିଶ୍ୱର ଭୟ ଓ ଆତଙ୍କର କୁହେଳି ଭିତରେ ବି ସାରସ୍ୱତ ସୃଜନଶିଳ୍ପର ଶକ୍ତିକୁ ଦୃଢ଼ ଓ ସୁନ୍ଦର ଭାବେ ଛିଡ଼ା କରାଇବା କଳା, ଯହିଁରେ ସେ ଜଣେ ସମର୍ଥ ଓ ସଫଳ କଥାଶିଳ୍ପୀ।"

ଲାସ୍ଲୋଙ୍କ ଜନ୍ମ ଜାନୁଆରୀ ୫ ତାରିଖ ୧୯୫୪ ମସିହାରେ ହଙ୍ଗେରୀର ଗ୍ୟୁଲା ପ୍ରଦେଶରେ। ବୃତ୍ତିଗତ ଭାବେ ସେ ଜଣେ ଔପନ୍ୟାସିକ ଓ ପଟ୍ଟଚିତ୍ର ଲେଖକ। ପ୍ରକାଶ ଥାଉ କି ତାଙ୍କ ଉପନ୍ୟାସ ଉପରେ କେତେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଅନ୍ୟପକ୍ଷରେ ତାଙ୍କ ରଚନାକୁ ଉତ୍ତର ଆଧୁନିକ ବୋଲି କୁହାଯାଇଛି। ସେ ମୁଖ୍ୟତଃ ହଙ୍ଗେରୀ ଭାଷାରେ ଲେଖନ୍ତି, ଯାହା ଇଂରାଜୀ ସମେତ ଅନ୍ୟ କେତୋଟି ୟୁରୋପୀୟ ଭାଷାରେ ଅନୂଦିତ ହୋଇ ତାଙ୍କୁ ବେଶ୍ ଲୋକପ୍ରିୟ କରିଛି। ତାଙ୍କ ରଚିତ ପ୍ରଥମ ଉପନ୍ୟାସ 'ସାଟାନଟାଙ୍ଗୋ' ପ୍ରକାଶ ପାଏ ୧୯୮୫ରେ ଏବଂ ତାହାର ଦଶ ବର୍ଷ ପରେ 'ୱାର୍ ଆଣ୍ଡ ୱାର' ଓ 'ବ୍ୟାରେନ୍ ୱେଙ୍କହେନ୍ସ ହୋମକମି' ୨୦୧୬ ମସିହାରେ ପ୍ରକାଶ ପାଏ। ଏହି ଉପନ୍ୟାସ ତ୍ରୟୀରେ ରହିଛି ବ୍ୟାପକ ଓ ଗଭୀର ଭାଷା ପ୍ରୟୋଗ, ଦର୍ଶନର ପାଣ୍ଡିତ୍ୟ, ଆବେଶିତ ଚରିତ୍ରମାନ ଓ କର୍ଦ୍ଦମାସିକ୍ତ ଭୂଚିତ୍ରାବଳି। ଏସବୁ ହେତୁ କେହି କେହି ତାଙ୍କୁ କ୍ଲିଷ୍ଟ ଉତ୍ତର ଆଧୁନିକ ଗଦ୍ୟଶିଳ୍ପୀ ବୋଲି ଅଭିହିତ କରିଥା'ନ୍ତି। ମାତ୍ର ଏହା ପଛରେ ରହିଛି ଶାସ୍ତ୍ରୀୟ ବୌଦ୍ଧ ଦର୍ଶନ, ଯାହା ସହିତ ସମକାଳର ପାଠକମାନେ ବେଶ୍ ପରିଚିତ ନୁହନ୍ତି। କିନ୍ତୁ ତାଙ୍କ ରଚନାରେ ରହିଛି ମଣିଷ ଜୀବନକୁ ନେଇ ମାର୍ଜିତ, ସୂକ୍ଷ୍ମ ଓ ମଜାଳିଆ କଥନ, ଯାହା ସାଧାରଣ ପାଠକପାଠିକାମାନଙ୍କୁ ମୁଗ୍ଧ କରିଥାଏ। ଏଇ ଗାମ୍ଭୀର୍ଯ୍ୟ, ଗୁରୁତ୍ୱବାହୀ ଓ ଗୁଣାଢ଼୍ୟ ବର୍ଣ୍ଣନା ଚାତୁରୀ ତାଙ୍କୁ ଜଣେ ଗମ୍ଭୀର କଥାଶିଳ୍ପୀ ଭାବେ ପରିଚିତି ଦେଇଛି। ଏଇ ଶତାବ୍ଦୀର ପ୍ରଥମ ଭାଗରେ ଏହି ସବୁ ଧାରାରେ ପ୍ରକାଶ ପାଇଛି ତାଙ୍କର ତିନୋଟି ଗଳ୍ପ ସଂକଳନ – 'ଆନିମଲ ଇନ୍‌ସାଇଡ୍' (୨୦୧୦), ଭୌଗୋଳିକ ସୀମା ଅତିକ୍ରମିତ ଗଳ୍ପ ସଂକଳନ 'ଡେଷ୍ଟ୍ରକ୍ସନ ଆଣ୍ଡ ସରୋ ବେନିଥ୍ ଦି ହେଭେନ୍' (୨୦୦୪) ଏବଂ 'ସୈବୋ ଦେୟାର୍ ବିଲୋ' (୨୦୦୮) ।

ସେ ତାଙ୍କ ଆଦ୍ୟ ରଚନା ବିଷୟରେ ସ୍ପଷ୍ଟ ଭାବେ କହନ୍ତି – "ମୁଁ ଭାବେ ଆମର ବାସ୍ତବ ଓ ସତ ଜୀବନ ଥାଏ। ଅନ୍ୟ କେଉଁଠି ଯାହାକୁ ଆମେ ଖୋଜି ଚାଲିଥାଉ ଅହରହ। ଲେଖାଲେଖି ଆରମ୍ଭ କରିବା ପୂର୍ବରୁ ଫ୍ରାଞ୍ଜ କାଫ୍‌କାଙ୍କ 'ଦି କ୍ୟାସେଲ୍' ଓ ମାଲ୍‌କମ୍ ଲୋରୀଙ୍କ 'ଅଣ୍ଡର୍ ଦି ଭଲ୍‌କାନୋ' ଥିଲା ମୋର ଅତି ପ୍ରିୟ ପୁସ୍ତକ ଦୁଇଟି। ଗତ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦଶକରେ ମୁଁ ଚାହୁଁ ନଥିଲି ଜଣେ ଲେଖକ ହେବି। ଅବଶ୍ୟ ଭାବିଥିଲି କେବଳ ଗୋଟିଏ ଗଳ୍ପ ବହି ରଚନା ପରେ ମୁଁ ସଂଗୀତ ଉପରେ ଓ ଅନ୍ୟ କେତେକ ବିଷୟରେ ଲେଖାଲେଖି କରିବି। ସେତେବେଳେ ମୁଁ ଭାବୁଥିଲି ଗରିବ ଲୋକମାନଙ୍କ ମେଳ ଭିତରେ ରହିବି ଯେଉଁମାନେ ଭୋଗନ୍ତି ବାସ୍ତବ ଜୀବନ, ସତ୍ୟବଦ୍ଧ ଜୀବନ। ନ ହେଲେ ସେମାନେ କାହିଁକି ଗରିବ ହୋଇଥା'ନ୍ତେ। ତେଣୁ ମୁଁ ଅତି ଦରିଦ୍ର ଗାଆଁରେ ବସବାସ କରିଛି, ଜାଗା ଓ ଘର ବଦଳାଇଛି ଜୀବନକୁ ଆହୁରି ଆହୁରି ନିକଟରୁ ଦେଖିବାର ଲକ୍ଷ୍ୟ ନେଇ। ବାଧ୍ୟତାମୂଳକ ମିଲିଟାରୀ ସେବାରୁ ଖସି ପଳାଇ ଆସିଛି। ତା'ପରେ ଛୋଟ ଛୋଟ ଲେଖା ଲେଖିଛି ଓ ପ୍ରକାଶିତ ହୋଇଛି। ପୁଲିସ୍ ମତେ ଖୋଜିଛି, ଧରିଛି। ମୁଁ କିଛିଟା ଅପରାଜିତ ବୋଲି ଭାବିଛି। କାରଣ ତାଙ୍କର ପ୍ରତିଟି ପ୍ରଶ୍ନର ଉତ୍ତରରେ କହିଛି – "ମୋତେ ବିଶ୍ୱାସ କର, ମୁଁ ରାଜନୀତିର କୌଣସି ଧାର ଧରେ ନାହିଁ। ନା, ମୁଁ ସମକାଳର ରାଜନୀତି ନେଇ କିଛି ଲେଖି ନାହିଁ କି ଲେଖେ ନାହିଁ। ଆପଣମାନେ କ'ଣ କେବେ ଭାବି ପାରୁଛନ୍ତି ଯେ ମୁଁ ଆପଣମାନଙ୍କ ଚରିତ୍ର, ଜୀବନ ଦର୍ଶନ ବିଷୟରେ କିଛି ଲେଖିବି ବୋଲି? ଅବଶ୍ୟ ମୋର ପାସ୍‌ପୋର୍ଟ ରଦ୍ଦ କରାଯାଇଛି। ଏଇ କଥାବସ୍ତୁକୁ ନେଇ ମୁଁ ଲେଖିଥିଲି ମୋର ପ୍ରଥମ ଉପନ୍ୟାସର କାହାଣୀ, ଯାହା ପ୍ରକାଶିତ ହୋଇଥିଲା ଜଣେ ଅବସରପ୍ରାପ୍ତ



ଉଚ୍ଚ ପଦସ୍ଥ ପୁଲିସ୍ ଅଧିକାରୀ ଓ ପରବର୍ତ୍ତୀ ସମୟରେ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ହୋଇଥିବା ବ୍ୟକ୍ତିଙ୍କ ସୌଜନ୍ୟରୁ।

ବୃତ୍ତିଗତ ଭାବେ ମୁଁ ଖଣି ଶ୍ରମିକ ଭାବେ କାମ କରିଛି। ତାପରେ ବୁଦାପେଷ୍ଟର ପାଖ ଗାଆଁଗୁଡ଼ିକରେ ସାଂସ୍କୃତିକ ନିର୍ଦ୍ଦେଶକ ହୋଇଛି। ଗୀତ ସଙ୍ଗୀତରେ ଭାଗ ନେଇଛି, ପିଲାମାନଙ୍କ ସହ ଘନିଷ୍ଠ ଭାବେ ମିଶିଛି। ପେଟ ପୋଷିବା ପାଇଁ ତିନି ଶହ ଗାଈ ରହୁଥିବା ଏକ ଫାର୍ମରେ ରାତ୍ରୀ ଜଗୁଆଳି ଭାବେ କାମ କରିଛି। ସେଇଠି ସହର ନାହିଁ କି ଗାଆଁ ନାହିଁ- ଏକ ବିସ୍ତୀର୍ଣ୍ଣ ଶୂନ୍‌ଶାନ ଅଞ୍ଚଳ। କେହି ବୋଲି କେହି ନଥା'ନ୍ତି ସେଇଠି। କେବଳ ମଣିଷ ଭାବେ ମୁଁ ଓ ମୋ ପାଖରେ ଥାଏ 'ଅଣ୍ଡର୍ ଦି ଭଲ୍‌କୋନୋ' ବହି ଓ ଦସ୍ତୋଭସ୍କିଙ୍କ ବହି!

ମୁଁ ସଦାବେଳେ ଆମ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଆସିଛି। ମୋ ରଚନାରେ ଉଚ୍ଚ ମୂଲ୍ୟବୋଧର ମାନବୀୟ ଉଚ୍ଚାରଣ ପ୍ରତି ଅନୁଗତ ରହିଆସିଛି। କିନ୍ତୁ ସଂସ୍କୃତିର ମୂଳଟି ମିଥ୍ୟାଚାର ଉପରେ ଛିଡ଼ା ହୋଇ ରହିଥିବା ପରି ଲାଗିଥାଏ। ଏହାର କାରଣ ହୁଏତ ଏପରି ହୋଇଥାଇ ପାରେ ଯେ, ଆମେ ପିଢ଼ି ପରେ ପିଢ଼ି ସେହି ସଂସ୍କୃତି ପାଇଁ କିଛି କରନ୍ତି ନାହିଁ। ଯେମିତି ତାହା ଗଡ଼ି ଗଡ଼ି ଚାଲିଥାଏ, ଆପଣା ଛାଏଁ। ଆମେ ବିଶ୍ୱାସ କରି ନେଇଥାଉ ଯେ, ଏହା ସେପରି ଚାଲୁଥାଉ। ଏ ବିଷୟରେ ଆମର କୌଣସି ଭାବନା, ରଚନା ଓ ତର୍ଜମା ହିଁ ନଥାଏ। ଇଏ କ'ଣ ? ଇଏ କିପରି ଗଡ଼ି ଗଡ଼ି ଚାଲୁଛି? ଏ ସବୁ ବିଷୟରେ ଆମେ ପ୍ରଶ୍ନ ବି ପଚାରି ନଥାଉ। କିନ୍ତୁ ଏହି କଥାଟି ଏକ ଗୁରୁତ୍ୱପୂର୍ଣ୍ଣ ହୋଇ ଆମ ସାମ୍ନାରେ ଛିଡ଼ା ହୋଇ ରହେ।

ରଚନା କର୍ମ ହେଉଛି କଳାର ଏକ ଅନନ୍ୟ ରୂପ। ଏହାର ସଂସ୍କାର ବି ଲୋଡ଼ା ହୋଇଥାଏ। ଶବ୍ଦ ପରେ ଶବ୍ଦ, ବାକ୍ୟ ପରେ ବାକ୍ୟର ପୁନରାବୃତ୍ତି ହେଉଥାଏ। ବହିଟିଏ ପରେ ବହି ଲେଖି ଚାଲିଲେ ଏପରି ଅନୁଭବ ହେବା ସ୍ୱାଭାବିକ। ଏପରି ସମୟଟିଏ ଆସି ଚେତେଇ ଦିଏ ଯେ ଆମକୁ ଆମ ସାହିତ୍ୟର ପାଠକମାନଙ୍କ କଥା ମନେ ପକାଇବାକୁ ହେବ। କାରଣ ସବୁ ପିଢ଼ିରେ ବା କାଳଖଣ୍ଡରେ ପାଠକ ତା' ଭାଷାର ସାହିତ୍ୟକୁ ଅପେକ୍ଷା କରିଥାଏ। ହୋଇପାରେ ଏଇ ସାହିତ୍ୟ ଏକ ସାନ ପରିସରରେ ଯେଉଁଠି ଗଳ୍ପ, ଉପନ୍ୟାସ ଓ କବିତା ରହିଛି। କିନ୍ତୁ ଆମକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ ଯେ ସେଇଠି ପାଠକ ବି ରହିଛି। ଲେଖକ ଓ ପାଠକଙ୍କ ଭିତରେ ଏକ ସର୍ବସାଧାରଣ ଚଳପ୍ରଚଳର ପଡ଼ିଆଟିଏ ରହିଛି। ପଡ଼ିଆଟିର ଆୟତନକୁ ଛୋଟ ବୋଲି ବିଚାରି ନିଜ ରଚନାକୁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରିବା ବି ଏକ ନିର୍ବୋଧପଣ। ଏ ପୃଥିବୀର ଯେତେ କ୍ଷୁଦ୍ରାଞ୍ଚଳ ଥାଉନା କାହିଁକି, ପ୍ରତ୍ୟେକଟିର ରହିଛି ନିଜସ୍ୱ କାଳଖଣ୍ଡ, ସୁଗନ୍ଧ, ଅସାମାନ୍ୟ ସୃଜନ ସମ୍ଭାର, ଚରିତ୍ରମାନ ଓ ନାନାଦି ଘଟଣା ଓ ଅଘଟଣ। ତେଣୁ ପ୍ରତି କାଳଖଣ୍ଡ ପାଇଁ ରହିଛି ସ୍ୱତନ୍ତ୍ର ବା ଭିନ୍ନ ସ୍ଥାନମାନ। ଆମେ ଏଇଠି ଛିଡ଼ା ହୋଇଛୁର ଅର୍ଥ ହେଉଛି ନିଖିଳ ବିଶ୍ୱର ବିଶାଳ ପରିଧି ଭିତରେ ଏକ ଛୋଟିଆ ମାନବୀୟ ପରିସରରେ ରହିଛୁ।

ଏଇ ବିଶିଷ୍ଟ କଥାଶିଳ୍ପୀଙ୍କ ରଚନା ବିପୁଳ ଆକାରର ନୁହେଁ, କିନ୍ତୁ ଜୀବନ ଦର୍ଶନ ଓ ଦୁଃସ୍ଥିତିକୁ ସାମ୍ନା କରି କରି ମଣିଷ କେମିତି ବଞ୍ଚି ରହେ ଓ ମଧୁମୟ ବିଶ୍ୱ କଥା ଚିନ୍ତା କରିଥାଏ, ତାହା ହିଁ ତାଙ୍କ ରଚନାକୁ ଆଜି ବିଶ୍ୱ ପ୍ରସିଦ୍ଧ କରିଛି। ଏଇ ପ୍ରାଚ୍ୟ ବା ବୌଦ୍ଧ ଦର୍ଶନ ପୃଥିବୀର ଅନ୍ୟ ପ୍ରାନ୍ତରର ପାଠକମାନଙ୍କ ପାଇଁ ଏତେ ପରିଚିତ ନୁହେଁ, ତେଣୁ ତାହାକୁ କ୍ଲିଷ୍ଟକର ରଚନା କହିବାରେ କିଛି ବିଚିତ୍ରତା ନାହିଁ।

ଏହି ଲେଖକ ନିଜ ମାତୃଭାଷା ହଙ୍ଗେରୀୟ ଭାଷାରେ ଲେଖନ୍ତି ଏବଂ ଇଂରାଜୀ ସମେତ ବିଭିନ୍ନ ୟୁରୋପୀୟ ଭାଷାରେ ପ୍ରକାଶିତ ବିପୁଳ ପାଠକୀୟତା ଅର୍ଜନ କରିଛି। ବିଶ୍ୱ ସାହିତ୍ୟରେ ତାଙ୍କୁ ୨୦୧୫ ମସିହା ବୁକର୍ ଇଣ୍ଟରନ୍ୟାସନାଲ୍ ପ୍ରାଇଜ୍ ମାଧ୍ୟମରେ ତାଙ୍କ ପ୍ରଥମ ଉପନ୍ୟାସ 'ସାତାନତାନ୍‌ଗୋ' ପାଇଁ ମିଳିଥିଲା ୬୧ ବର୍ଷ ବୟସରେ। ଆଉ ଏବେ ୭୧ ବର୍ଷ ବୟସରେ ନୋବେଲ ସାହିତ୍ୟ ପୁରସ୍କାର। ସେ ଲେଖକ ହୋଇ ଉଠିଥିଲେ କାଫ୍‌କାଙ୍କ ଅନୁଚାରୀ ଭାବେ ଏବଂ ଆମେରିକୀୟ ବିଟ୍ ପୋଏଟ୍ ଆଲେନ୍ ଗିନ୍ସବର୍ଗଙ୍କ ସତୀର୍ଥ ଭାବେ। ଆଲେନ୍ ହେଉଛନ୍ତି ଏକଦା ଓଡ଼ିଶା ରେଭେନ୍‌ସା ଓ କବି ଜୟନ୍ତ ମହାପାତ୍ରଙ୍କ କିଛି କାଳର ବନ୍ଧୁ, ଯାହା ଆମର ସ୍ମର୍ତ୍ତବ୍ୟ।

ଏବେ ଏହି ପୁରସ୍କୃତ କଥାଶିଳ୍ପୀଙ୍କ 'ଦି ୱାର୍ଲ୍ଡ ଗୋଜ୍ ଅନ୍' ଗଳ୍ପ ସଂକଳନର ସବାଶେଷ ଗଳ୍ପ 'ଏଇଠୁ ମୋର କିଛି ଲୋଡ଼ା ନାହିଁ'ର ଅନୁବାଦ ଉପସ୍ଥାପନ କରୁଛି।

'ଏଇଠୁ ମୋର କିଛି ଲୋଡ଼ା ନାହିଁ'

ମୁଁ ଏଇଠି ହିଁ ସବୁକିଛି ଛାଡ଼ି ଚାଲିଯିବି। ଏଇଠି ରହିଯିବ ସବୁଜ ଉପତ୍ୟକା, ପାହାଡ଼, ପରିଚିତ ବାଟ ଓ ବଗିଚାର ଆହ୍ଲାଦିନୀ ଚଢ଼େଇମାନଙ୍କୁ। ମୁଁ ଛାଡ଼ି ଦେଇ ଚାଲିଯିବି ଏଇଠୁ ଦିଶୁଥିବା ଆକାଶ ଓ ପୃଥିବୀ, ଝରଣା, ଜଳପ୍ରପାତ ଓ ମୋର ପୋଷା କୁକୁଡ଼ାମାନଙ୍କୁ। ଏପରିକି ମୁଁ ଛାଡ଼ି ଚାଲିଯିବା ସବୁ ପ୍ରସ୍ଥାନ ପଥ, ଶରତ, ବସନ୍ତ, ମୋର ଅନ୍ତିମ ପ୍ରେମିକ ଦୃଷ୍ଟି।

ମୁଁ ଛାଡ଼ି ଚାଲି ଯିବି ଏଇଠୁ ସହରକୁ ଲମ୍ବି ଯାଇଥିବା ସମସ୍ତ ବାଟ ଓ ସେ ବାଟରେ ପଡ଼ି ରହିଥିବା ପ୍ରିୟ ଧୂଳି କଣାଗୁଡ଼ିକକୁ ଓ ଗୋଧୂଳି ବେଳାକୁ। ବିଚ୍ଛିନ୍ନ ହୋଇଯିବ ମୋଠାରୁ ଏହାରି ମାଧ୍ୟାକର୍ଷଣ ଶକ୍ତି, ମୋହ, ମାୟା, ଆଶା ଓ ନିରାଶା। ଏଇଠି ଛାଡ଼ି ଦେଇ ଯିବି ମୋର ନିକଟତମ ମଣିଷମାନଙ୍କୁ, ପ୍ରିୟଜନଙ୍କୁ ଯେଉଁମାନଙ୍କ ସହିତ ମୋର ଥିଲା ସାନ୍ନିଧ, ଯେଉଁମାନଙ୍କ ସ୍ପର୍ଶ ମୋତେ କରି ଆସିଥିଲା ବିଭୋର। ଏସବୁ ସଂପର୍କ ମୋତେ ମୁଗ୍ଧ ଓ ଚକିତ କରିରଖି ଥିଲା ଏବଂ ଚଳମାନ ଓ ଜାଗ୍ରତ କରି ରଖିଥିଲା।

ମୁଁ ଏଇଠି ଛାଡ଼ି ଚାଲିଯିବି ସବୁ ମହତ ଓ ମନୋରମ ଅନୁଭବ ଏବଂ ଉଦୟମାନ ଅଙ୍କୁର, ପ୍ରତିଟି ଜନ୍ମ ଓ ଅସ୍ତିତ୍ୱ। ଏଇଠି ରହିଯିବ ସବୁତକ ମନ୍ତ୍ର, ମାନ୍ତ୍ରିକ ଉଚ୍ଚାରଣ, ରହସ୍ୟ, ଦୂରତ୍ୱ, କ୍ଷୟହିନତା ଓ ଅନନ୍ତକାଳର ମାଦକତା। ମୁଁ ଏଇ ପୃଥିବୀ ଓ ଚିକିମିକି ତାରାମାନଙ୍କୁ ଏଇଠି ହିଁ ଛାଡ଼ି ଚାଲିଯିବି କାରଣ ଏଇଠୁ ମୁଁ କିଛି ହିଁ କିଛି ସାଥିରେ ନେଇ ଚାଲିଯିବି ନାହିଁ – ସବୁ କିଛି ଛାଡ଼ି ଚାଲି ଯିବି।

ମୁଁ ରିକ୍ତ ଭାବେ ଚାଲି ଯିବି କାରଣ କ'ଣ ସବୁ ଆଗକୁ ଆସିବ ତାହାକୁ ମୁଁ ଦେଖି ପାରୁଛି ଏବଂ ଏଠିକାର କିଛି ବି ମୋର ପ୍ରୟୋଜନ ନାହିଁ। ଏଇ ଜାଗା ମୋର ପ୍ରୟୋଜନ ଲୋଡ଼ିବ କି ନାହିଁ ତାହା ମୋର ଜାଣିବାର ପ୍ରୟୋଜନ ନାହିଁ। ମୁଁ ଚାଲି ଯାଉଛି... ■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧

# ଦେଶରେ ଖୁଚୁରା ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୧୧।୧୦(ସମିସ):** ଭାରତର ଖୁଚୁରା ବିଦ୍ୟୁତ୍ ବଜାରକୁ ସାରା ଦେଶରେ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବାକୁ ଯୋଜନା କରାଯାଉଛି। ଯାହା ଅଧିକାଂଶ ରାଜ୍ୟରେ ରାଜ୍ୟ ପରିଚାଳିତ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ଆଧିପତ୍ୟକୁ ଶେଷ କରିବ। କେନ୍ଦ୍ରୀୟ ବିଦ୍ୟୁତ୍ ମନ୍ତ୍ରଣାଳୟର ଏକ ଚିଠା ବିଲ୍‌ରୁ ଏହା ଜଣାପଡ଼ିଛି। ଏହି ପଦକ୍ଷେପ ସାରା ଦେଶରେ ଅଦାନୀ ଏଣ୍ଟରପ୍ରାଇଜେସ, ଟାଟା ପାୱାର, ଟୋରେଣ୍ଟ ପାୱାର ଏବଂ ସିଇଏସ୍‌ସି ଭଳି ଘରୋଇ କମ୍ପାନୀମାନଙ୍କ ଉପସ୍ଥିତିକୁ ମଜବୁତ କରିବାରେ ସାହାଯ୍ୟ କରିବ।

୨୦୨୨ରେ ଏକ ସମାନ ପ୍ରୟାସ କରାଯାଇଥିଲା, ଯାହାକୁ ରାଜ୍ୟ ବିତରଣ କମ୍ପାନୀଗୁଡ଼ିକ ବିରୋଧ କରିଥିଲେ। ବର୍ତ୍ତମାନ ଭାରତର କେବଳ କିଛି ବିଦ୍ୟୁତ୍ ବିତରଣ ଅଞ୍ଚଳ ଯେପରି ଜାତୀୟ ରାଜଧାନୀ ଅଞ୍ଚଳ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଶିଳ୍ପ ଉନ୍ନତ ରାଜ୍ୟଗୁଡ଼ିକରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଘରୋଇକରଣ ହୋଇଛି। ଅଧିକାଂଶ ଅଞ୍ଚଳ ରାଜ୍ୟ ନିୟନ୍ତ୍ରଣରେ ରହିଛି। ବିଦ୍ୟୁତ ବଣ୍ଟନ କମ୍ପାନିଗୁଡ଼ିକ ଗଭୀର ଆର୍ଥିକ କ୍ଷତିରେ ଚାଲୁଛି। ରାଜ୍ୟମାନଙ୍କ ଉପରେ ବିଦ୍ୟୁତ୍ ୟୁଟିଲିଟିଗୁଡ଼ିକର କ୍ଷତି ହ୍ରାସ କରିବା, ଆର୍ଥିକ ସ୍ୱଚ୍ଛତା ଏବଂ ପୁରୁଣା ଭିତ୍ତିଭୂମି ଉନ୍ନତ କରିବା ପାଇଁ ଚାପ ରହିଛି। ଚଳିତ ବର୍ଷର ଆରମ୍ଭରେ ଦେଶର ସବୁଠାରୁ ଜନବହୁଳ ରାଜ୍ୟ ଉତ୍ତର ପ୍ରଦେଶ ଏହାର ଚାରୋଟି ବିଦ୍ୟୁତ୍ ବିତରଣ କମ୍ପାନୀ ମଧ୍ୟରୁ ଦୁଇଟିକୁ ଘରୋଇକରଣ ପାଇଁ ବିଡ୍ ଆହ୍ୱାନ କରିଥିଲା। ୨୦୨୫ ଜୁନ ସୁଦ୍ଧା ରାଜ୍ୟ ବିଦ୍ୟୁତ୍ ୟୁଟିଲିଟିଗୁଡ଼ିକ ବିଦ୍ୟୁତ୍ ଉତ୍ପାଦକମାନଙ୍କୁ ପ୍ରାୟ ୬.୭୮ ବିଲିୟନ ଡଲାର ଦେବାର ଥିଲା। ଏହା ସ୍ୱାଧୀନ ବିଦ୍ୟୁତ ଉତ୍ପାଦକମାନଙ୍କ ପାଇଁ ଗମ୍ଭୀର ନଗଦ ସଙ୍କଟ ସୃଷ୍ଟି କରିଛି ଏବଂ ଫଳସ୍ୱରୂପ ଏହି କ୍ଷେତ୍ରକୁ ଋଣ ପ୍ରବାହ ବାଧାପ୍ରାପ୍ତ ହୋଇଛି ବୋଲି ଇନଷ୍ଟିଚ୍ୟୁଟ ଫର୍ ଏନର୍ଜୀ ଇକୋନୋମିକ୍ସ ଆଣ୍ଡ ଫାଇନାନ୍ସିଆଲ ଆନାଲିସିସ ସେପ୍ଟେମ୍ବରରେ କହିଥିଲା।

ବିଦ୍ୟୁତ୍ ମନ୍ତ୍ରଣାଳୟର ଚିଠା ପ୍ରସ୍ତାବ ମଧ୍ୟ ଏକ ଅଞ୍ଚଳରେ ଏକାଧିକ ଘରୋଇ କମ୍ପାନୀମାନଙ୍କ ପାଇଁ ଖୁଚୁରା ବିଦ୍ୟୁତ୍ ବଜାର ଖୋଲିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନର ବିଦ୍ୟୁତ୍ ଆଇନରେ ସେଭଳି ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଘରୋଇ କମ୍ପାନୀମାନଙ୍କୁ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସକମ) ପ୍ରତିଷ୍ଠା କରିବାକୁ ଅନୁମତି ଦେବାକୁ ଚାହୁଁଛନ୍ତି।

## ଟାଇମ୍‌ସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍-୨୦୨୬

# ବିଶ୍ୱରେ ୫୦୧ କୋହର୍ଟରେ କିଟ୍, ଭାରତର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୧।୧୦(ସମିସ):** ପ୍ରକାଶ ଟାଇମ୍‌ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍-୨୦୨୬। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗ୍‌ରେ ବିଶ୍ୱ ତଥା ସର୍ବଭାରତୀୟ ସ୍ତରରେ ତା'ର ସ୍ଥାନରେ ଉନ୍ନତି ଆଣିଛି। ବିଶ୍ୱର ୨୧୯୧ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୫୦୧ କୋହର୍ଟ ରହିବା ସହ ଆକାଡେମିକ୍ ଏକ୍ସଲେନ୍ସରେ କିଟ୍ ସମଗ୍ର ବିଶ୍ୱରେ ୨୫୯ତମ ସ୍ଥାନରେ ରହିଛି। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଦେଶର ୧୨୮ଟି ଅନୁଷ୍ଠାନ ମଧ୍ୟରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି। ଟାଇମ୍‌ସ ହାଇଅର ଏଜୁକେସନ୍ ୫ଟି ମାନଦଣ୍ଡକୁ ନେଇ ରାଙ୍କିଙ୍ଗ ପ୍ରଦାନ କରିଥାନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡଷ୍ଟ୍ରି ଇଣ୍ଟିଗ୍ରେସନ୍, ଇଣ୍ଟରନ୍ୟାସ୍‌ନାଲ ଆଉଟଲୁକ୍ ଓ ସୋସିଆଲ୍ କମିଟ୍‌ମେଣ୍ଟ (ଏସ୍‌ଡିଜି) ମାନଦଣ୍ଡରେ ଭାରତରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ତେବେ ଟାଇମ୍‌ସ ପକ୍ଷରୁ କୁହାଯାଇଛି, କିଟ୍‌ର ଏହି ପ୍ରଦର୍ଶନ ଦଶନ୍ଧି ଧରି ସ୍ଥାନୀୟ ଉତ୍କର୍ଷରୁ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ପ୍ରତଫଳିତ କରିଥିବା ବେଳେ ଓଡିଶାରେ ପ୍ରତିଷ୍ଠା ହୋଇ ମଧ୍ୟ ବିଶ୍ୱରେ ପରିଚୟ ସୃଷ୍ଟି କରିଛି। କିଟ୍ ଓଡିଶାର ଏକ ସାମାଜିକ ଅନ୍ତର୍ଭୁକ୍ତି ବିଶ୍ୱବିଦ୍ୟାଳୟ ନବସର୍ଜନା, କରୁଣା ଏବଂ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କ ସହିତ ପ୍ରତିଯୋଗିତା କରିପାରେ ବୋଲି ଏହି ରାଙ୍କିଙ୍ଗରୁ ସ୍ପଷ୍ଟ ହୋଇଛି।

କିଟ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଏହି ସଫଳତା ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ପାଇଁ ସମ୍ଭବ ହୋଇପାରିଛି। ଏହା ଓଡିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସଫଳତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି।

## ଟ୍ରିବ୍ୟୁନାଲ୍‌ରେ ମହାନଦୀ ଜଳ ବିବାଦ ମାମଲା

# ନଭେମ୍ବର ୧୫ ତାରିଖରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର, ୧୧।୧୦(ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା, ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଥିବା ବେଳେ ଶନିବାର ଟ୍ରିବ୍ୟୁନାଲରେ ମାମଲାର ୪୬ତମ ଶୁଣାଣି ଅନୁଷ୍ଠିତ ହୋଇଛି। ଆଜିର ଶୁଣାଣିରେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମାମଲାର ସମାଧାନ ଦିଗରେ ଅଗ୍ରସର ହେଉଛନ୍ତି ବୋଲି ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଥିଲେ। ଏହାସହ ଉଭୟ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା ନେଇ ଯାହା ଅଗ୍ରଗତି ଘଟିଛି,

**୨୮ରେ ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ**

ସେନେଇ ସେ ବିଶଦ୍ ବିବରଣୀ ଉପସ୍ଥାପନ କରିଥିଲେ। ଟ୍ରିବ୍ୟୁନାଲ ଆସନ୍ତା ନଭେମ୍ବର ୧୫କୁ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୮ ତାରିଖରେ ଦୁଇ ରାଜ୍ୟରେ ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ସେଥିରେ ଜଳବିଭାଜନ ଏବଂ ପ୍ରକଳ୍ପ ଅନୁମୋଦନ ନେଇ ଚର୍ଚ୍ଚା ହେବ। ବିଶେଷକରି ଲୋୟର୍ ସୁକତେଲ ଜଳ ପ୍ରକଳ୍ପ ଅଗ୍ରସର କରିବା ନେଇ ଉଭୟ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଟ୍ରିବ୍ୟୁନାଲରେ ବିଚାରଧୀନ ରହିଥିଲା।

# ସଂଗଠନର କର୍ମୀଙ୍କୁ କୋର୍ଟ ହଲରୁ ବାହାର କରିଦେବା ସମ୍ବିଧାନ ବିରୋଧୀ

## ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ନିକଟରେ ଫେରାଦ ହେଲା ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂଗଠନ

**ଭୁବନେଶ୍ୱର, ୧୧।୧୦ (ସମିସ):** ଶନିବାର ନୂଆଦିଲ୍ଲୀରେ ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ଶୁଣାଣି ଚାଲୁଥିବା ବେଳେ ଏକ ଅପ୍ରୀତିକର ଘଟଣା ଘଟିଛି। ଶୁଣାଣି ସମୟରେ ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମୀମାନଙ୍କୁ କୋର୍ଟ ହଲରେ ରହିବାକୁ ବାରଣ କରାଯିବା ସହ ସେଠାରୁ ସେମାନଙ୍କୁ ବାହାର କରିଦିଆଯାଇଥିବା ନେଇ ଆନ୍ଦୋଳନର କର୍ମକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ଓଡ଼ିଶା ଓ ଛତିଶଗଡ଼ ସରକାର ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆଗଭର ହେଉଥିବା ବେଳେ ଟ୍ରିବ୍ୟୁନାଲର ଆଭିମୁଖ୍ୟ କ'ଣ ରହିଛି, ତାହା ଜାଣିବା ଆମର ଉଦ୍ଦେଶ୍ୟ ଥିଲା। ସେଥିପାଇଁ ଆମେ କୋର୍ଟ ରୁମରେ ଉପସ୍ଥିତ ଥିଲୁ। ମାତ୍ର କେଉଁ ସତ୍ୟକୁ ଲୁଚାଇ ରଖିବା ପାଇଁ ଆମକୁ ବାହାର କରି ଦିଆଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାସହ ଏହା ସମ୍ବିଧାନବିରୋଧୀ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି।

ସଂଗଠନର ଅଭିଯୋଗ ଅନୁଯାୟୀ, ଶନିବାର ଶୁଣାଣି ଆରମ୍ଭ ପୂର୍ବରୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ସହ ଆବାହକ ବାସୁଦେବ ଭଟ୍ଟ ଏବଂ ଅନ୍ୟ ସଦସ୍ୟମାନେ କୋର୍ଟ ରୁମରେ ଉପସ୍ଥିତ ଥିଲେ। ମାତ୍ର ଟ୍ରିବ୍ୟୁନାଲର ପ୍ରବନ୍ଧକ ଚନ୍ଦନ ମୁଖାର୍ଜୀ ଆନ୍ଦୋଳନର କର୍ମୀମାନଙ୍କୁ ସେଠାରୁ ବାହାରି ଯିବାକୁ କହିଥିଲେ। କିଛି ସମୟ ପାଇଁ ପ୍ରବନ୍ଧକ ଓ ଆନ୍ଦୋଳନର କର୍ମୀଙ୍କ ଭିତରେ ବଚସା ହେବା ପରେ ଆନ୍ଦୋଳନର କର୍ମୀ ସେଠାରୁ ବାହାରି ଆସି ଲବିରେ ଅପେକ୍ଷା କରିଥିଲେ। ସେହି ସମୟରେ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଓ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସେଠାରେ ପହଞ୍ଚିଥିଲେ। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଘଟଣା ନବୁଝି ବା ଆନ୍ଦୋଳନର କର୍ମୀମାନଙ୍କ କଥା ନଶୁଣି ସେମାନଙ୍କ ଉଦ୍ଦେଶ୍ୟରେ କିଛି ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏପରିକି, ଜନୈକ କର୍ମୀଙ୍କୁ ଏନ୍‌ଏସ୍‌ଏରେ ଭର୍ତ୍ତି କରିଦେବେ ବୋଲି ଶ୍ରୀ ଆଚାର୍ଯ୍ୟ ଧମକ ଦେଇଥିବା ନେଇ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ବି) ସୂଚନା ପାଇବାର ଅଧିକାର ସମେତ ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁନିଶ୍ଚିତ କରୁଛି। ମାତ୍ର କୋର୍ଟ ପରିସରରୁ ମହାନଦୀ ଆନ୍ଦୋଳନର କର୍ମୀମାନଙ୍କୁ ଆଜି ଏଥିରୁ ବଞ୍ଚିତ କରାଯାଇଛି ଏବଂ ଏହା ସମ୍ବିଧାନବିରୋଧୀ ବୋଲି ସଂଗଠନ କହିଛି। ଏ ସଂକ୍ରାନ୍ତରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରି ଏକ ଅଭିଯୋଗ ଦାଖଲ କରାଯାଇଛି ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ବାଲେଶ୍ୱରରେ ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି




**ବାଲେଶ୍ୱର, ୧୧।୧୦(ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ବିରୋଧରେ ଆଜି ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ 'ଯୁବ-ଛାତ୍ର ନ୍ୟାୟ ଆନ୍ଦୋଳନ' ପରିପ୍ରେକ୍ଷୀରେ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଯୋଗଦେଇ କହିଲେ, ଯୁବ ଓ ଛାତ୍ର ସମାଜର ଭବିଷ୍ୟତକୁ ନେଇ ବିଜେପି ସରକାର କରୁଥିବା ରାଜନୀତିର ଖୁବ୍‌ଶୀଘ୍ର ଅନ୍ତ ହେବ। ପରୀକ୍ଷା ବାତିଲ ଏବଂ କେଳେଙ୍କାରୀର ପର୍ଦ୍ଦାଫାସ ହେବ। ଓଡ଼ିଶାର ଭବିଷ୍ୟତ ପାଇଁ ଏ ଲଢ଼େଇ ବଜାୟ ରହିବ ବୋଲି ସେ କହିଥିଲେ। ସେହିପରି ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଈପସିତା ସାହୁ କହିଥିଲେ, ସିବିଆଇ ତଦନ୍ତ, ଓପିଆର୍‌ବି ଚେୟାରମ୍ୟାନ୍ ଯେପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି, ସେପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ବିଜେପିର ବଡ଼ ପଣ୍ଡାମାନେ ଖସିଯିବାକୁ ଯେଉଁ ବ୍ୟବସ୍ଥା କରୁଛନ୍ତି, ବିଜେଡି ତାହାର ପର୍ଦ୍ଦାଫାସ କରିବ।

ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସଦର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଯୋଗଦେଇ ରାଜ୍ୟ ବିଜେପି ସରକାର ଉପରେ ଭୀଷଣ ବର୍ଷିଥିଲେ।

ସିନେମା ଛକସ୍ଥିତ ସହିଦ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବା ପରେ ହଜାର ହଜାର କର୍ମୀ ଏକ ବିଶାଳ ପଟୁଆରରେ ସହର ପରିକ୍ରମା କରି ଫକୀର ମୋହନ କଲେଜ ଛକରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଯୋଗଦେଇ ରେମୁଣା ଏନ୍‌ଏସି ଅଧ୍ୟକ୍ଷା ତନୁଜା ଗିରି, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ରଞ୍ଜନ ବାଗ, ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ଭରତ ଭୂଷଣ ଦାସ, ଧୀରେନ ନାୟକ, ସେକ ଅନସର, ଉମାଶଙ୍କର ତିଆଡି, ସେକ ଆୟୁବ, ଛାତ୍ରନେତା ବିଭୁଦତ୍ତ ପରିଡା ପ୍ରମୁଖ ସରକାରଙ୍କ ଦୁର୍ନୀତିଗ୍ରସ୍ତ ଶାସନ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା।

# ମନ୍ତ୍ରୀ ଗୋକୁଳାନନ୍ଦଙ୍କ ବଡ଼ଭାଇଙ୍କ ପରଲୋକ



**ପୋଲସରା, ୧୧।୧୦(ସମିସ):** ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ତଥା ଗଂଜାମ ଜିଲ୍ଲା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକଙ୍କ ବଡ଼ ଭାଇ ଗୋପାଳକୃଷ୍ଣ ମଲିକ (୭୦)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପୋଲସରା ନିର୍ବାଚନମଣ୍ଡଳୀରେ ସେ ବହୁ ବିକାଶମୂଳକ କାର୍ଯ୍ୟରେ ଜଡ଼ିତ ରହିବା ସହ ଲୋକଙ୍କ ସୁଖଦୁଃଖରେ ଛିଡ଼ା ହେଉଥିଲେ। ତାଙ୍କ ବିୟୋଗରେ ପୋଲସରା ନିର୍ବାଚମଣ୍ଡଳୀରେ ଶୋକର ଛାୟା ଖେଳିଯାଇଛି। ମନ୍ତ୍ରୀଙ୍କ ପରିବାର ସହ ଜଡ଼ିତ ଥିବା ନେତା, କର୍ମୀ ଓ ବିଭିନ୍ନ ସଂଗଠନ କର୍ମକର୍ତ୍ତାମାନେ ବୁଗୁଡ଼ାସ୍ଥିତ ତାଙ୍କ ବାସଭବନକୁ ଯାଇ ସ୍ୱର୍ଗତ ଗୋପାଳକୃଷ୍ଣଙ୍କ ପବିତ୍ର ଆତ୍ମାର ସଦଗତି କାମନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଓଡ଼ିଶା ଛାତ୍ରୀଙ୍କୁ...

ମୁଖ୍ୟମନ୍ତ୍ରୀ ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ନିନ୍ଦନୀୟ ଓ ପୀଡ଼ାଦାୟକ ଦର୍ଶାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟୁଇଟ୍ କରି ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ପଶ୍ଚିମବଙ୍ଗ ସରକାରଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ବାପା ଗଣମାଧ୍ୟମରେ କହିଛନ୍ତି ଯେ ଝିଅର ସାଙ୍ଗଠାରୁ ମୁଁ ଏ ବାବଦରେ ଜାଣିବା ପରେ ହସ୍ପିଟାଲରେ ପହଞ୍ଚିଥିଲି। ।।ସେତେବେଳେ ମୋ ଝିଅର ଅବସ୍ଥା ଗୁରୁତର ଥିଲା ଏବଂ ହସ୍ପିଟାଲ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିଲା।। ସେ କହିଛନ୍ତି ଯେ ତାଙ୍କ ଝିଅଙ୍କ ପୁରୁଷବନ୍ଧୁ ୱାସିଫ ଅଲ୍ଲୀ ତାଙ୍କୁ ଭେଟିବାକୁ ଡାକିଥିବାରୁ ସେ କ୍ୟାମ୍ପସ ବାହାରକୁ ଗୁପଚୁପ୍ ଖାଇବାକୁ ଯାଇଥିଲେ। କ୍ୟାମ୍ପସ ଗେଟ୍ ପାଖରେ ପ୍ରାୟ ଚାରିରୁ ପାଞ୍ଚଜଣ ବ୍ୟକ୍ତି ଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଝିଅକୁ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତମାନେ ଝିଅର ମୋବାଇଲ୍ ଛଡ଼ାଇ ନେଇଥିଲେ ଏବଂ ଫେରସ୍ତ କରିବା ପାଇଁ ୩ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ପରେ ତାଙ୍କ ଝିଅ ସହ ଥିବା ତାଙ୍କ ପୁରୁଷବନ୍ଧୁ ଜଣକ ତାଙ୍କୁ ଫେରାଇ ଆଣିଥିଲେ। ମୋ ଝିଅକୁ ଡାକ୍ତର କରିବା ପାଇଁ ଉକ୍ତ କଲେଜରେ ନାମ ଲେଖାଇଥିଲି। ମୁଁ ମୋ ଝିଅ ପାଇଁ ନ୍ୟାୟ ଚାହୁଁଛି। ଏଭଳି ଘଟଣା ଅନ୍ୟ କୌଣସି ଝିଅ ସହିତ ନ ଘଟୁ। କ୍ୟାମ୍ପସରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଭଳି ଘଟଣା ଘଟିଲା ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ଓଡ଼ିଶା ପୁଲିସ ପଶ୍ଚିମବଙ୍ଗ ପୁଲିସ ସହ ଯୋଗାଯୋଗ କରିଛି। ଏପରିକି ଓଡ଼ିଶାର ପୁଲିସର ଏକ ସ୍ୱତନ୍ତ୍ର ମହିଳା ଟିମ୍ ପଶ୍ଚିମବଙ୍ଗ ଖୁବ୍‌ଶୀଘ୍ର ଯାଇ ପୀଡ଼ିତାଙ୍କୁ ଭେଟିବା ସହ ସ୍ଥାନୀୟ ପୁଲିସର ତଦନ୍ତର ଅଗ୍ରଗତି ନେଇ ଆଲୋଚନା କରିବ ବୋଲି ସୂଚନା ମିଳିଛି। ଆହୁରି ମଧ୍ୟ ପରିବାର ଲୋକଙ୍କୁ ଭେଟି କିଭଳି ଚିକିତ୍ସା ସଠିକ୍ ହୋଇପାରିବ ସେନେଇ ଆଲୋଚନା କରିବାର ରହିଛି। ପୁଲିସ ମହାନିର୍ଦ୍ଦେଶକ ଛୁଟିରେ ଥିବାରୁ ଅତିରିକ୍ତ ଡିଜି ଏନେଇ ପଶ୍ଚିମବଙ୍ଗ ପୁଲିସ ଡିଜି ସହ ଆଲୋଚନା କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାସ୍ଥଳକୁ ଯାଇ ତଦାରଖ କରିଛନ୍ତି।

### ନବୀନ ନିବାସରେ...

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ନିର୍ବାଚନକୁ ଦଳ କିପରି ସଫଳ ଭାବେ ଲଢ଼ିବ ସେନେଇ ଆଲୋଚନା ହୋଇଛି। ସଭାପତି ସମ୍ଭାବ୍ୟ ପ୍ରାର୍ଥୀତ୍ୱ ନେଇ ତର୍ଜମା କରୁଛନ୍ତି। ଖୁବଶୀଘ୍ର ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଏବେବି ନବୀନ ବାବୁଙ୍କ ଉପରେ ପୂର୍ବବତ୍ ଲୋକଙ୍କ ଆସ୍ଥା ଅତୁଟ ରହିଛି। ତେଣୁ କିଏ କୋଉଠି ମିଶିବେ ତାହା ଦଳ ଉପରେ ସାମାନ୍ୟତମ ପ୍ରଭାବ ପକାଇବ ନାହିଁ। ନବୀନ ବାବୁ ଯାହାକୁ ଦଳୀୟ ପ୍ରାର୍ଥୀ କରିବେ, ସେ ବହୁ ଭୋଟରେ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'...

ଏ ସମସ୍ତ କ୍ରୀଡ଼ାବିତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ପାଇବା ସହ ଓଡ଼ିଶା ତଥା ଭାରତର ଗୌରବ ବୃଦ୍ଧି କରିଛନ୍ତି। ୧୯୯୩ରୁ ପ୍ରତ୍ୟେକ ବର୍ଷ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ ବା ଇମ୍ପାକ୍ଟ ପକ୍ଷରୁ ଏହି ପୁରସ୍କାର ରାଜ୍ୟର ୨୫ ବର୍ଷରୁ କମ୍ ବୟସର ଶ୍ରେଷ୍ଠ ପ୍ରଦର୍ଶନକାରୀ କ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରାଯାଏ। ଏକଲବ୍ୟ ପୁରସ୍କାର କମିଟ ଅଧ୍ୟକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ଜୁରୀ କମିଟି ବିଜେତାଙ୍କ ନାମ ଚୟନ କରିଛି। ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଇମ୍ପାକ୍ଟ ପକ୍ଷରୁ ସୂଚନା ଦିଆଯାଇଛି।


**AFFIDAVIT**

I, Subhashis Mohanty, aged about 41 years, S/o- Madhabananda Mohanty, resident of At/Po- Uttamapur, PS- Cuttack Sadar, Dist- Cuttack, Odisha, PIN- 753011 declared by this affidavit No. 2052, dtd- 10/10/2025 that now onwards I shall be known as **SUBHASISH MOHANTY** for all future purposes.

O-878

E-Mail ID: eerw_titilagarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: TITILAGARH

e Procurement Notice

IFB IDENTIFICATION NO. EETIG-online-05/2025-26

| | | | |
|---|---|---|---|
| 1. | Name of work | : | Road works |
| 2. | Total no of works | : | 01(One) no. |
| 3. | Approximate Estimated Cost | : | Varies from Rs 10.04 lakh |
| 4. | Time for completion | : | 01 (One) calendar month |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | | As per TCN No. EETIG-online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Titilagarh | EETIG-online-05/2025-26 | 13.10.2025 at 11.00 A.M | 23.10.2025 upto 5.00PM | 22.10.2025 to 11.00AM | 24.10.2025 at 11.30A.M |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

OIPR-25078/11/0024/2526

Executive Engineer
R.W. Division, Titilagarh

**AFFIDAVIT**

By virtue of an affidavit, S.L. No.1163, dated 01.10.2025, before the Notary Public, Deogarh, I, Swami Nigamananda, resident of Station Road, Po/Ps.- Paralakhemundi, Dist.- Gajapati have changed my name from Brahmachari Surya Chaitanya to Swami Nigamananda for all purposes.

**ଶପଥପତ୍ର**

ଏହି ଶପଥପତ୍ର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ଧରିତ୍ରୀ ରାଣା, ସ୍ୱାମୀ - ରଞ୍ଜନ କୁମାର ରାଣା, ଗ୍ରାମ : ରାଇସୁଆଁ, ଥାନା - ବସ୍ତା, ଜିଲ୍ଲା - ବାଲେଶ୍ୱର, ଓଡ଼ିଶା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିଭୁକ୍ତ ବିକ୍ରୟ ଦଲିଲ୍ ନଂ. ୧୦୦୮୨୦୦୧୦୬୬, ତା - ୦୭.୦୯.୨୦୨୦, ଖାତା ନଂ. ୫୭୩/୯୩, ମୁଁ ତା ୧୪.୦୭.୨୦୨୫ରିଖରେ ରାଇସୁଆଁରେ ଥିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍‌ଟିକୁ ପାଇଥାଆନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋବାଇଲ୍ ନଂ.- ୮୪୨୦୦୧୧୯୮୫, ନାମ : ସୋମନାଥ ପଟ୍ଟନାୟକ

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an Affidavit before Notary Public, Malkangiri, I, **Jagamaya Ghoshal**, aged about 27 years, W/o.: Samrat Ghosal, D/o.: Benumadhab Chakraborty resident of Village: M.V-23, PO.: Mariwada, P.S.: Korukonda, Dist.: Malkangiri, Odisha, declare by this Affidavit No.: 1429/2025, Dated: 09.10.2025 that I have changed my name from Jagamaya Chakraborty to **Jagamaya Ghoshal**, Henceforth I shall be known as **Jagamaya Ghoshal** for all future purposes.

**ଦଲିଲ ହଜିଛି**

ମୁଁ **ସ୍ୱର୍ଣ୍ଣମୟୀ ଦାସ,** ସ୍ୱାମୀ: ସନ୍ତୋଷ କୁମାର ଦାସ, ଘୋଷଣା କରୁଛି କି, ମୂଳ ବିକ୍ରୟ ଦଲିଲ ନଂ.: ୧୪୨୮, ତା.୧୧.୦୯.୨୦୦୦, ମୌଜା: ଗୋଡିପୁଟ, ମାଟିଆପଡା, ତହସିଲ: ପିପିଲି, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୧୨୮୦/୧୧୭, ପ୍ଲଟ୍ ନଂ.: ୧୪୭୩/୪୫୮୨ କୁ ୧୫.୦୩.୨୦୨୪ ଅପରାହ୍ନ ୧୨.୪୫ରେ କେଉଁଠାରେ ହଜିଯାଇଛି ମୁଁ ଏହାକୁ ଖୋଜି ପାଉନାହିଁ । ଉପରୋକ୍ତ ସମ୍ପତ୍ତି ଉପରେ ଯଦି କାହାର କୌଣସି ଅଭିଯୋଗ ଥାଏ ତେବେ ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ- ଆଡଭୋକେଟ ପ୍ରଭାକର ପଟ୍ଟନାୟକ, ମୋ.: ୯୭୭୮୦୭୦୫୯୦

**AFFIDAVIT**

By virtue of an affidavit No. 10654, Dtd.08.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./ Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as Ashish Kumar Biswal for all purposes.

**LOST**

ମୁଁ ଶ୍ରୀ ରତିକାନ୍ତ ନନ୍ଦ, ଗ୍ରାମ: କୃଷ୍ଣପଲ୍ଲୀ ପାଟଣା ଜି: କଟକ ସର୍ବସାଧାରଣଙ୍କୁ ଅବଗତ କରୁଅଛି । ଗତ ୦୭/୧୦/୨୦୨୫ ରିଖ ଅପରାହ୍ନ ୩ଟା ସମୟରେ ମୋର ଏକ୍ଟିଭା ସ୍କୁଟର ( OD 33-Z-9725) ନମ୍ବର ଥିବା ପଛ ପାଖ ପ୍ଲେଟ ଟି ଖଣ୍ଡଗିରି -ଢୁମ୍ ଢୁମା ରାସ୍ତାରେ କେଉଁଠି ଖସିପଡ଼ିଛି । ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ବା ଦୃଷ୍ଟିରେ ପଡ଼ିଥାଏ ତେବେ ୯୪୩୯୯୭୭୨୯୨ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ନମ୍ବର୍ ପ୍ଲେଟକୁ ଯଦି କେହି ଅସତ୍ ବିନିଯୋଗ କରନ୍ତି ତେବେ ଆମ୍ଭେ ଦାୟୀ ରହିବୁ ନାହିଁ।

**AFFIDAVIT**

By virtue of an affidavit, S.L. No.2579, dated 10.10.2025, in the court of the Executive Magistrate, Phulbani, Dist.- Kandhamal, I, Basanti Kanhar have changed my minor daughter's name from Banki Kanhar to Banaki Kanhar. Henceforth she will be known as **Banaki Kanhar** for all purposes.

**Sd/- Basanti Kanhar**

**AFFIDAVIT**

I Devi Debashisha Sahu, S/o- Parsuram Sahu, resident of Vill- Nuabandha Sahi, Jilundi, Dist- Ganjam, , PIN-761133, Odisha declare by this affidavit No-757 dated- 06.08.2025, that now onwards I shall be known as **DEVI DEBASISH SAHU** for all future purposes.

**AFFIDAVIT**

By virtue of an affidavit, S.L. No.2578, dated 10.10.2025, in the court of the Executive Magistrate, Phulbani, Dist.- Kandhamal, I, Gunduri Mallick have changed my minor daughter's name from Baijanti Mallick to Kumari Baijayanti Mallick. Henceforth she will be known as **Kumari Baijayanti Mallick** for all purposes.

**Sd/- Gunduri Mallick**

**AFFIDAVIT**

I, Harshvardan Pal S/o Shri Sampat Singh Pal presently residing at Qtr No B/ 295, Heavy Water Colony, FCI Township, PS- Vikrampur, Dist-Angul, Odisha-759106 declare by this affidavit No.6109 dtd 08.10.2025 that now onwards I shall be known as **HARSHVARDHAN SINGH PAL** for all future purposes.

**AFFIDAVIT**

I, Kamlakanta , S/o- Raghunath Behera, resident of At/Po/Ps- Bhograi, District Balasore pin 756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

**AFFIDAVIT**

I, Munni Devi Pal W/o Shri Harshvardhan Singh Pal, presently residing at Qtr No B/295, Heavy Water Colony, FCI Township, PS- Vikrampur, Dist-Angul, Odisha-759106 declare by this affidavit No.6110 dtd 08.10.2025 that now onwards I shall be known as **MUNNI DEVI** for all future purposes.

**AFFIDAVIT**

By virtue of an affidavit, S.L. No.359, dated 10.10.2025, in the court of the Executive Magistrate, Semiliguda, Dist.- Koraput, I, Ritu Bagh, D/o- Jayadan Bagh, have changed my name from Rutu Bagh, D/o- Jighnadan Bagh and Date of Birth 03.02.1999 to Ritu Bagh, D/o- Jayadan Bagh and Date of Birth 13.05.2000 for all purposes.

**Sd/- Ritu Bagh**

**AFFIDAVIT**

By virtue of an affidavit sworn before Notary Public Bhubaneswar, dated- 10/10/2025. I, **Preeti Panigrahi,** W/o- Premananda Panigrahi, Address At- Shanti Niwas Angaradia, Satsang Colony, Po- Balasore, Dist- Balasore, Odisha, Pin- 756001 declare that I have changed my name from **Anima Dash** (old Name) to **Preeti Panigrahi** (new Name). Henceforth, I shall be known as **PREETI PANIGRAHI** for all purposes.

**PREETI PANIGRAHI**

**AFFIDAVIT**

By virtue of an affidavit before the Executive Magistrate, Dharakote, Sl. No-306/2025, I Sri Simanchala Gouda, Vill.: Bharatapalli, Po- Baradabilli, Ps.: Dharakote, Dist.- Ganjam have changed my minor son's name from Sibaprasad Gouda to Sibu Prasada Gouda, S/o- Simanchala Gouda. Henceforth he shall be known as **Sibu Prasada Gouda** for all purposes.

**Sd/- Simanchala Gouda**

**AFFIDAVIT**

By virtue of an affidavit before the Executive Magistrate, Affidavit NO-2406, dated 09-10-2025, I SK Tamijuddin, Resident of Vill- Aminabad, P.O- Gujidarada, P.S.: Bhadrak (R), Dist-Bhadrak, Odisha, Pin-756128, declare that, I have changed my name from SK Tamsuddin to SK Tamijuddin. Henceforth I shall be known as SK TAMIJUDDIN for all future Purposes.

**SD/- SK TAMIJUDDIN**

**AFFIDAVIT**

By virtue of an affidavit before the Executive Magistrate, Bhubaneswar, on dated- 13/09/2025. I, **Saibalini Nanda,** aged about 48 years, W/o- Raj Kishor Pattanaik, resident of Flat No. 002, Block-C, Vaisakha Enclave, Bomikhal, Rasulgarh, Bhubaneswar, Dist- Khordha, Odisha, PIN- 751010 have changed my minor daughter's name from **Omm Sree** (old name) to **Omm Sree Pattanaik** (new name). Henceforth, she shall be known as **Omm Sree Pattanaik** (new name) for all purposes.

**Saibalini Nanda**

# ଖଣ୍ଡା ଧରି ଗାଁରେ ଆତଙ୍କ ଖେଳାଇଲେ ଯୁବକ

ଜୟପୁର, ୧୧।୧୦(ସମିସ)



କୋରାପୁଟ ଜିଲ୍ଲା ଜୟପୁର ସହରର ବେଢ଼ାସାହି ଠାରେ ଜଣେ ମଦ୍ୟପ ଯୁବକ ଖଣ୍ଡା ଧରି ଗତ ଦୁଇଦିନ ହେଲାଣି ସାହିରେ ଉନ୍ମତ୍ତ କାଣ୍ଡ ଘଟାଇଥିବାବେଳେ ଆଜି ସାହିବାସିନ୍ଦାଙ୍କ ସହାୟତାରେ ପୁଲିସ କାବୁ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣାରେ ଗ୍ରାମର ଦୁଇଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଏହିପରି ସ୍ଥାନୀୟ ଗଙ୍ଗାମନ୍ଦିରର ଦେବୀଙ୍କ ପୂଜା କରାଯାଉଥିବା ଖଣ୍ଡା ବାହାର କରିବା ସହ ସାହିବାସିନ୍ଦା ଏବଂ ରାସ୍ତାରେ ଚାଲୁଥିବା ଲୋକ ମାନଙ୍କୁ ଆକ୍ରମଣ କରିଥିଲେ। ଆଜି ପୂର୍ବାହ୍ନରେ ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଦୀର୍ଘ ୧ ଘଣ୍ଟାର କସରତ ପରେ ପୁଲିସ ସହାୟତାରେ ସାହି ବାସିନ୍ଦା ଉକ୍ତ ଉନ୍ମତକାଣ୍ଡ କରୁଥିବା ଅଭିଯୁକ୍ତ ମଦ୍ୟପ ଯୁବକ ମୋହନ କୁମାର ନାୟକ (୪୪) ଙ୍କୁ ଧରିବା ସହ ମାଡ଼ ମାରିଥିଲେ। ଏହିପରି ପୁଲିସ ଲୋକଙ୍କ ଗହଳିରୁ ଉନ୍ମତକାଣ୍ଡ କରୁଥିବା ଆକ୍ରମଣକାରୀ ଯୁବକଙ୍କୁ ଉଦ୍ଧାର କରିବା ସହ ଥାନାକୁ ଆଣି ସନ୍ଧ୍ୟାରେ ହତ୍ୟା ଉଦ୍ୟମ ଏବଂ ମାରଣାସ୍ତ୍ରରେ ଆକ୍ରମଣରେ ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଉକ୍ତ ଯୁବକ ଗତକାଲି ଠାରୁ ଏହିପରି ସାହିବାସିନ୍ଦାଙ୍କ ସହ ଗଣ୍ଡଗୋଳ କରିବା ସହ ଆକ୍ରମଣ କରୁଥିଲେ। ଫଳରେ ସାହିବାସିନ୍ଦା ଏବଂ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ସାଧାରଣଲୋକଙ୍କୁ ଆକ୍ରମଣ କରିଥିଲେ। ଏହିପରି ଗତକାଲି ରାତିରେ ନିଜ ଗୃହରେ ପତ୍ନୀ ଏବଂ ଝିଅକୁ ମଧ୍ୟ ମାରଧର କରିଥିଲେ। ସାହିବାସିନ୍ଦାଙ୍କ ଠାରୁ ସୂଚନା ପାଇବା ପରେ ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ବୁଝାସୁଝା କରିବା ସହ ଫେରିଥିଲେ। ଆଜି ପୁଣି ଭୋରରୁ ଯୁବକ ଉଠି ସାହି ବାସିନ୍ଦାଙ୍କ ସହ ଗଣ୍ଡଗୋଳ କରିବା ସହିତ ସ୍ଥାନୀୟ ଖୋଲାରହିଥିବା ମନ୍ଦିର ଭିତରେ ପ୍ରବେଶ କରିବା ସହ ପୂଜା କରାଯାଉଥିବା ମନ୍ଦିର ଖଣ୍ଡା ବାହାର କରିବା ସହ ସାହିର ସିମାଞ୍ଚଳ ଗନ୍ତାୟତ ଏବଂ ଚିହ୍ନୟ ସାହୁଙ୍କୁ ଆକ୍ରମଣ କରିଥିଲେ। ଏହିପରି ରାସ୍ତାରେ ଯାତାୟାତ କରୁଥିବା ବିଦ୍ୟାଳୟଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ସାଧାରଣ ଲୋକଙ୍କୁ ଆକ୍ରମଣ କରିଥିଲେ। ଏହିପରି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ପରେ ସୂଚନା ପାଇ ଟାଉନଥାନା ପୁଲିସ ପକ୍ଷରୁ ଏସ.ଆଇ ରାଜେନ୍ଦ୍ର ପାଙ୍ଗୀ ଏବଂ ଏଏସଆଇ ସପନ ମିଶ୍ର ପୁଲିସ ଦଳକୁ ନେଇ ସେଠାରେ ପହଞ୍ଚିଥିଲେ। କିନ୍ତୁ ଉକ୍ତ ଉନ୍ମତକାଣ୍ଡ କରୁଥିବା ଯୁବକ ପୁଲିସକ ମଧ୍ୟ ଆକ୍ରମଣ କରିବାରେ ପଛାଇନଥିଲେ। ଏହିପରି ପୁଲିସର ବୁଝାସୁଝା ପରେ ନିଜ ଘରରୁ ବାହାରକୁ ଆସିବା ସହ ହାତରେ ଖଣ୍ଡା ଧରିଥିଲେ। କିନ୍ତୁ ପାଖକୁ ଗଲେ ଆକ୍ରମଣ କରିବାକୁ ଉଦ୍ୟତ ହେଉଥିଲେ। ଶେଷରେ ପୁଲିସ ଉପସ୍ଥିତରେ ସାହି ବାସିନ୍ଦା ଚାରି ଆଡରୁ ଘେରି ଏକ ଠେଙ୍ଗାରେ ତାଙ୍କ ହାତକୁ

- ୨ ଗୁରୁତର, ପୁଲିସ ସହାୟତାରେ କାବୁକଲେ ସାହିବାସିନ୍ଦା
- ଗାଁ ଠାକୁରାଣୀଙ୍କ ମନ୍ଦିରରୁ ଆଣିଥିଲେ ଖଣ୍ଡା

ମାଡ଼ ମାରିବାର ତାଙ୍କ ଖଣ୍ଡା ତଳେ ପଡ଼ିଯାଇଥିଲା ଏବଂ ଏହାର ସୁଯୋଗ ନେଇ ସାହି ବାସିନ୍ଦା ଅଭିଯୁକ୍ତ ଯୁବକଙ୍କ ଉପରେ ମାଡି ବସିଲେ। ଏହିପରି ମାଡ ମାରିବା ଆରମ୍ଭ କରିଥିଲେ, କିନ୍ତୁ ପୁଲିସ ଉକ୍ତ ଲୋକଙ୍କ ଠାରୁ ବହୁତ କଷ୍ଟରେ ଅଭିଯୁକ୍ତ ଯୁବକଙ୍କୁ ଉଦ୍ଧାର କରିବା ସହ ଥାନାକୁ ଆଣିଥିଲେ। ଅଭିଯୁକ୍ତ ଜଣେ ନିଶାଗ୍ରସ୍ତ ଯୁବକ ହୋଇଥିବା ବେଳେ ଗତ ଦୁଇଦିନ ହେଲାଣି ମଦ ପିଇନଥିବା ଯୋଗୁଁ ତାଙ୍କର ମାନସିକ ଅବସ୍ଥା ଠିକ ନଥିବା ନେଇ ପରିବାର ପକ୍ଷରୁ କୁହାଯାଇଛି।

- ଡେପୁଟେସନ ଯାଇଥିବା ଶିକ୍ଷୟିତ୍ରୀଙ୍କୁ ଫେରାଇ ଆଣିବାକୁ ଦାବି

## ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ



କୁନ୍ଦୁରା, ୧୧।୧୦(ସମିସ): କୁନ୍ଦୁରା ବ୍ଲକ କେରମେଟି ପଞ୍ଚାୟତ କଣ୍ଟାପଦର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଜୟନ୍ତୀ ଧାରୁଆଙ୍କୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରା ଯାଇଥିବା ପ୍ରତିବାଦରେ ଆଜି ସ୍କୁଲରେ ତାଲା ପକାଇଛନ୍ତି ପରିଚାଳନା କମିଟି ଓ ଗ୍ରାମବାସୀ। ଆଜିକୁ ୭ ମାସ ହେଲା ଅନ୍ୟ ସ୍କୁଲରେ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗିଙ୍କୁ ଦୁଇଥର ଲିଖିତ ଅଭିଯୋଗ ପରେ ବି ଡେପୁଟେସନ ଯାଇଥିବା ଶିକ୍ଷୟତ୍ରୀଙ୍କୁ ଫେରାଇ ଅଣାଗଲା ନାହିଁ। ଏହାର ପ୍ରତିବାଦରେ ଆଜି ସ୍କୁଲରେ ତାଲା ଦେଲେ ଗାଁ ଲୋକେ। ଖବର ପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପପେୟା ବେହେରା ଘଟଣା ସ୍ଥଳରେ ପହଞ୍ଚି ଗାଁ ଲୋକଙ୍କୁ ବୁଝାସୁଝା କରିବା ସହ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲିଥିଲା। ତାଲା ଖୋଲିବା ସମୟରେ ସ୍ଥାନୀୟ ସି ଆର୍ ସି ସି ସଞ୍ଜୟ ସାମନ୍ତରାୟ, ବ୍ଲକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ଉପ ସଭାପତି ରାକେଶ ଚନ୍ଦ୍ର ଗୁରୁ, ପ୍ରଧାନ ଶିକ୍ଷକ ଗୁପ୍ତ ଚନ୍ଦ୍ର ଭୁଏ, ପୂର୍ବତନ ସରପଞ୍ଚ ପୂର୍ଣ୍ଣ ସାନ୍ତା, ସ୍କୁଲ ସଭାପତି, ଭଜମନ ସାନ୍ତା, ଏବଂ ଗ୍ରାମବାସୀ ପ୍ରମୁଖ ଉପସ୍ଥିତି ଥିଲେ।

- ନିର୍ମାଣ ହେବାର ୬ ମାସ ଯାଇନି

## ବର୍ଷାରେ ଭୁଶୁଡ଼ିଗଲା ଗାର୍ଡୱାଲ; ଗ୍ରାମବାସୀ ଖପ୍ପା

ପୋଡ଼ାଗଡ଼, ୧୧।୧୦(ସମିସ): ନିର୍ମାଣ ହେବାର ୬ ମାସ ଯାଇନି, ବର୍ଷାରେ ଭୁଶୁଡ଼ିଗଲା ପୋଲର ଗାଡ୍‌ୱାଲ। ନିମ୍ନମାନର କାମ ଯୋଗୁଁ ବର୍ଷା ପାଣିରେ ନୂତନ ପୋଲର ଏହି ଗାଡ୍‌ୱାଲ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ କରି ଖପ୍ପା ହୋଇଛନ୍ତି ଗ୍ରାମବାସୀ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ନନ୍ଦି ଗାଁ ପଞ୍ଚାୟତ ଅଧୀନ ମଧୁବିଶାଳି ଗାଁକୁ ସଂଯୋଗ କରୁଥିବା ଚବେରି ନଦୀର ପୋଲ ପାଖରେ ଏଭଳି ଘଟଣା ଘଟିଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ୨୦୧୮ ଆର୍ଥିକ ବର୍ଷରେ ଏହି ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାଁ ଭଗବତୀ କନଷ୍ଟ୍ରକସନ ତଥା ଏନ୍ ବି ସି ସି ଏହି କାର୍ଯ୍ୟ ର ନିର୍ମାଣ ଦାୟିତ୍ୱ ନେଇଥିଲା। ଏହାର ଅଟକଳ ମୂଲ୍ୟ ୫ କୋଟି ଟଙ୍କା ବ୍ୟୟ ରେ ନିର୍ମାଣ ହୋଇ ଥିବା କୁହାଯାଉଛି। ଏହା ମଧ୍ୟ ବହୁତ ବିଳମ୍ବ ରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ବେଳେ ଗାର୍ଡୱାଲ ଗୁଡ଼ିକ ଅତି ନିମ୍ନମାନର ଭାବେ କାମ କରି ଚାଲି ଗଲେ। ନିର୍ମାଣ କାର୍ଯ୍ୟ ଶେଷ ହୋଇ ମାତ୍ର ୬ ମଧ୍ୟରେ କାନ୍ଥ ଗୁଡ଼ିକ ଭୁଶୁଡ଼ି ପଡ଼ିଥିବାରୁ ଅଞ୍ଚଳବାସୀ କ୍ଷୁବ୍ଧ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ନ ହେଲେ ନିମ୍ନମାନର କାର୍ଯ୍ୟ କୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରାସ୍ଥ ହେବେ ବୋଲି ଯୁବ ନେତା ସଞ୍ଜୀବ କୁମାର ମୁଦୁଲି, ସଦାଶିବ ଗଉଡ଼, ଲୋଚନ ମୁଦୁଲି, ପରମ ନାୟକ ସମେତ ଅଞ୍ଚଳ ବାସୀ ଚେତାବନୀ ଦେଇଛନ୍ତି। ଏହି ରାସ୍ତା ନନ୍ଦି ଗାଁ ଛକ ଠାରୁ ମଧୁବିଶାଳି କୁମୁଣ୍ଡା ଗୁଡା, ତେନ୍ତୁଳି ଗୁଡ଼ା, ସଲପ ଗୁଡା ପ୍ରଭୃତି ଗାଁ ସଂଯୋଗ କରିଛି। ଏହି ରାସ୍ତା ବ୍ୟତୀତ ଗାଁ ଲୋକଙ୍କୁ ଆଉ ଯିବା ଆସିବା ସୁବିଧା ନାହିଁ। ତେଣୁ ସେମାନେ ଏକ ପ୍ରକାର ଚିନ୍ତାରେ ପଡ଼ିଛନ୍ତି। ହାଟ ବଜାର ଠାରୁ ଆରମ୍ଭ କରି ଡାକ୍ତରଖାନା, ସ୍କୁଲ କଲେଜ ଏହି ପୋଲ ରାସ୍ତା ଦେଇ ଯାତାୟତ କରୁଥିବା କୁହାଯାଉଛି।

## ବୈପାରୀଗୁଡ଼ା ବିଡିଓ ଭାବେ ଯୋଗ ଦେବେ ସୁବ୍ରତ ସାହୁ

ବୈପାରୀଗୁଡ଼ା, ୧୧।୧୦(ସମିସ): ବୈପାରୀଗୁଡ଼ା ବିଡିଓ ଭାବେ ଯୋଗ ଦେବେ ସୁବ୍ରତ କୁମାର ସାହୁ। ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳବିଭଗ ବିଭାଗ ଚିଠି ନମ୍ବର - ୨୭୬୦୭ /ପିଆର୍/ଡିଡବ୍ଲ୍ୟୁ / ୧୦-୧୦-୨୦୨୫ ଅନୁଯାୟୀ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଚିଠିରେ କୋରାପୁଟ ଡେପୁଟି କଲେକ୍ଟର ସୁବ୍ରତ କୁମାର ସାହୁଙ୍କୁ ବୈପାରୀଗୁଡ଼ା ବିଡିଓ ଭାବେ ବଦଳି କରାଯାଇଥିବା




ଜଣାପଡ଼ିଛି। ଦୀର୍ଘ ଦିନର ଦାବୀ ପୂରଣ ହେବା ପରେ ବୈପାରୀଗୁଡା ଅଞ୍ଚଳର ଜନ ପ୍ରତିନିଧି ଏବଂ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି। ପୂର୍ବରୁ ବିଡିଓ ଅଭିମନ୍ୟୁ କବି ଶତପଥି ଗତ ମେ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବା ପରେ ଏଠାରେ ସ୍ଥାୟୀ ବିଡିଓ ନିଯୁକ୍ତି ହୋଇନାହାନ୍ତି। ଏଥିଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ପରେ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯଇଥିଲା। ତେବେ ସେ ଦୁଇ ଦୁଇଟି ଦାୟିତ୍ୱ ତୁଳାଉ ଥିବାରୁ ସେ ସମ୍ପୂର୍ଣ୍ଣ ସମୟ ଦେଇ ପାରୁନଥିଲେ। ଫଳରେ ଜନସାଧାରଣ ନାହିଁଥିବା ଅସୁବିଧାର ସମ୍ମଖୀନ ହେଉଥିଲେ।

## ବେକରେ ଓଢ଼ଣି ଦେଇ ନାବାଳିକାଙ୍କ ଆତ୍ମହତ୍ୟା

ବୈପାରିଗୁଡ଼ା, ୧୧।୧୦(ସମିସ): ବେକରେ ଓଢ଼ଣି ଦେଇ ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳିକା ହେଲେ ରେଶମ୍ମା ରାଣୀ ରାଉତ (୧୬)। ବୈପାରିଗୁଡା ସଦର ମହକୁମାସ୍ଥିତ ବୀରଖମ୍ବ ସାହିର ବୁଦ୍ଧୁ ରାଉତଙ୍କ ଝିଅ ରେଶମ୍ମା ରାଣୀ ବୈପାରିଗୁଡ଼ା ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ପ୍ରତିଦିନ ଭଳି ଗତକାଲି ମଧ୍ୟ ସେ ସ୍କୁଲରୁ ଘରକୁ ଫେରିଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଘର କବାଟ ବନ୍ଦ କରି ଘର ଭିତରେ ରହିଥିଲେ। କିନ୍ତୁ ବହୁ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକ କବାଟ ତାଡ଼ି ଦେଖିବା ବେଳକୁ ରେଶମ୍ମା ରାଣୀ ନିଜ ଓଢ଼ଣି ଦେଇ ଘରର ଲୁହା ଏଙ୍ଗଲେରରେ ଝୁଲି ପଡ଼ିଥିଲେ। ତୁରନ୍ତ ପରିବାର ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈପାରିଗୁଡ଼ା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶନିବାର ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କୋଲାବରେ ବୁଡ଼ି ମାଛ ଧରାଳିଙ୍କ ମୃତ୍ୟୁ

କୁନ୍ଦୁରା, ୧୧।୧୦(ସମିସ): କୁନ୍ଦୁରା ବ୍ଲକ ଫୁପୁଗାଁ ଗ୍ରାମ ପଞ୍ଚାୟତ ନିକଟସ୍ଥ କୋଲାବ ନଦୀରେ ବୁଡ଼ି ଜଣେ ମାଛ ଧରାଳିଙ୍କ ମୃତ୍ୟୁ ଘଟିଛି। ମୃତକ ଆସନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁରୁଗୁଡା ଗ୍ରାମର ସନା ଦୁରୁଆ (୧୯) ବୋଲି ଜଣାପଡ଼ିଛି। କୁନ୍ଦୁରା ଥାନା ତଦନ୍ତକାରି ଅଧିକାରୀ ସ୍ୱରୂପା ମଲ୍ଲିକଙ୍କ ସୂଚନା ପ୍ରକାରେ ପ୍ରତି ଦିନ ଭଳି ଆଜି ମଧ୍ୟ ସନା ନଦୀକୁ ମାଛ ଧରିବାକୁ ଯାଇଥିଲେ। ତାଙ୍କ ସହ ଅନ୍ୟ ୮ ଜଣ ମଧ୍ୟ ଥିଲେ। ହେଲେ ଆସାବଧାନତା ଯୋଗୁଁ ସନା ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ କରୁଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ଦେଇଛି।

## ପରିବା ଗାଡ଼ିରେ ଗଞ୍ଜେଇ ଚଲାଣ; ୩ ଗିରଫ

ବୈପାରିଗୁଡ଼ା, ୧୧।୧୦(ସମିସ): ବୈପାରୀଗୁଡ଼ା ବ୍ଲକ କୁରୁଲୁଗାଡ଼ ଛକରେ ପରିବା ବୋଝେଇ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ବେଳେ



ଧରିଛି ପୁଲିସ। ପୁଲିସ ଚଢ଼ଉ କରି ୧ କୁଇଣ୍ଟାଲ ୫୮ କିଲୋ ଗଞ୍ଜେଇ ସହ ଗାଡ଼ି ଜବତ କରିଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ତିନି ଜଣଙ୍କ ମଧ୍ୟରୁ ଜଣେ ନବରଙ୍ଗପୁର ଜିଲ୍ଲାର ରାଇଘର ଥାନା ଅଞ୍ଚଳର ରାଜୁ ମଣ୍ଡଳ ଏବଂ ଦୁଇଜଣ ଉତ୍ତରପ୍ରଦେଶର କ୍ରିଷ୍ଣା ସିଂ ଓ ହ୍ରିତିକ୍ ଚହ୍ୱାନ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର ବାଲିମେଳାରୁ ଗୋଟିଏ ପରିବା ବୋଝେଇ ଟାଟା ୨୦୭ ଗାଡ଼ିରେ ଭାୟା କୁଦୁମୁଲୁଗୁମ୍ମା, ବୈପାରିଗୁଡ଼ା ଦେଇ ଉତ୍ତରପ୍ରଦେଶ ଅଭିମୁଖେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଥାନା ଓଆଇସି ଡମ୍ବୁରୁଧର ବାତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଧୀରେନ୍ଦ୍ର ବାରିକ ଏକ ଟିମ୍ ଗଠନ କରି କୁରୁଲୁଗାଡ଼ ଛକରେ ମାଡି ବସିଥିଲେ। ଅଭିନବ ଉପାୟରେ ପରିବା ଗାଡ଼ିରେ ଏଭଳି ଗଞ୍ଜେଇ ଚୋରା ଚଲାଣ ହେଉଥିଲା। ବୈପାରୀଗୁଡା ଥାନା କେସ ନମ୍ବର ୨୧୩/୨୫ ଅନୁଯାୟୀ ଗିରଫ ଅଭ୍ରୁଯୁକ୍ତଙ୍କୁ କୋର୍ଟ ଚଲାଣ କରାଯାଇଛି।

## ଷ୍ଟେସନରୁ ଗଞ୍ଜେଇ ଚାଲାଣକାରୀ ଗିରଫ

ଜୟପୁର, ୧୧।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ରେଳଷ୍ଟେସନ ନିକଟରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ପକ୍ଷରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଭିଯୁକ୍ତଙ୍କ ନିକଟରୁ ୪ କିଲୋଗ୍ରାମ ୧ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ କେରଳ ରାଜ୍ୟର ତିରୁଅନ୍ତପୁରମର ଜିଲ୍ଲାର ପୁବାର ଥାନା କଲୁର ଗ୍ରାମର ବାସିନ୍ଦା ବାଇଜୁ ଜେମ୍ସ (୪୮)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ଏଠାରୁ କୌଣସି ସ୍ଥାନରୁ ବେଆଇନ ଗଞ୍ଜେଇ କ୍ରୟ କରିବା ପରେ ବ୍ୟାଗରେ ଭର୍ତ୍ତି କରିବା ସହ ରେଳ ଯୋଗେ ବିଶାଖପାଟଣା ଏବଂ ସେଠାରୁ କେରଳକୁ ଟ୍ରେନ ଯୋଗେ ଚାଲଣ କରିବା ଉଦ୍ଦେଶ୍ୟରେ ଆସିଥିବା ନେଇ ଚଢ଼ଉର ନେତୃତ୍ୱ ନେଇଥିବା ଜୟପୁର ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରୀ ହିରନ ସୂଚନା ଦେଇଛନ୍ତି।



## ଅବନୀ ତ୍ରିପାଠୀ ଓ ରାଜେନ୍ଦ୍ର ବିଷୋୟୀଙ୍କ ସ୍ମୃତି ଚାରଣ ସଭା

ନବରଙ୍ଗପୁର, ୧୧।୧୦(ସମିସ): ନବରଙ୍ଗପୁର ସହର ଅନ୍ତର୍ଗତ ତୃପ୍ତି ସମ୍ମିଳନୀ କକ୍ଷଠାରେ ନବରଙ୍ଗପୁର ଉତ୍କଳ ପରିଷଦ ଏବଂ ସମ୍ବାଦ ସାହିତ୍ୟ ଘର ମିଳିତ ଆନୁକୂଲ୍ୟରେ ସ୍ୱର୍ଗତ ଅବନୀ କୁମାର ତ୍ରିପାଠୀ ଓ ରାଜେନ୍ଦ୍ର କୁମାର ବିଷୋୟୀଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ପରିଷଦର ସଭାପତି ବିଜୟ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ପରିଷଦର ସମ୍ପାଦକ ତପନ କୁମାର ବିଷୋୟୀ ମଞ୍ଚ ସଂଯୋଜନା କରିଥିବାବେଳେ ଦୁଇ ଅନୁଷ୍ଠାନର ସମସ୍ତ ସଭ୍ୟ ସଭ୍ୟା ଯୋଗ ଦେଇ ଦୁଇ ସ୍ୱର୍ଗତ ସାହିତ୍ୟିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସର୍ବପ୍ରଥମେ ଦୁଇ ଦିବଂଗତ ସଭ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି କାମନା ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୁଇ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅବନୀ ତ୍ରିପାଠୀ ଜଣେ ଦକ୍ଷ ଶିକ୍ଷକ ହେବା ସହ ଶିକ୍ଷାନୁଷ୍ଠାନର ମୁଖ୍ୟ ଭାବେ ସେ’ ନିଜ ବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରି ରଖୁଥିଲେ ଓ ଅନୁଷ୍ଠାନ ର ପରିଚ୍ଛନ୍ନତା ପ୍ରତି ସବୁବେଳେ ଦୃଷ୍ଟି ଦେଉଥିଲେ। ସେ’ ନିଜ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଯଥେଷ୍ଟ ସମ୍ମାନ ଓ ଉତ୍ତମ ବ୍ୟବହାର କରୁଥିଲେ ଓ ଛାତ୍ର ଛାତ୍ରୀଙ୍କୁ ସବୁବେଳେ ସ୍ନେହ ଶ୍ରଦ୍ଧା କରିବାସହ ସେମାନଙ୍କ ଶିକ୍ଷା ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ ବୋଲି କହିଥିଲେ। ଶିକ୍ଷକ ଜୀବନରୁ ଅବସର ଗ୍ରହଣ ପରେ ସେ ସମାଜ ସେବା ରେ ନିଜକୁ ଜଡ଼ିତ କରି ରଖିଥିଲେ। ରାଜେନ୍ଦ୍ର ବିଷୋୟୀ ଜଣେ ନିଷ୍ଠାପର ବିଚାର ବିଭାଗ କର୍ମଚାରୀ ଥିଲେ, ଅବସର ପରେ ସେ ଆଇନଜୀବୀ ଭାବେ ପ୍ରାୟ ଦୁଇ ବର୍ଷ କାମ କରିଥିଲେ। ସେ ଜଣେ କବି ଭାବରେ ସାରସ୍ୱତ ସାଧନା ଜାରି ରଖିଥିଲେ। ଜଣେ ରାଷ୍ଟ୍ର ବାଦୀ, ହିନ୍ଦୁତ୍ୱ ବାଦୀ ଓ ସମାଜ ସେବୀ ଭାବେ ସେ ପରିଚିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନାଗରିକ କମିଟିର ସମ୍ପାଦକ ତଥା ଅଧିବକ୍ତା ରାମ ପ୍ରସାଦ ପାତ୍ର, ଯୁଗ୍ମ ସମ୍ପାଦକ ତଥା ଟେଲି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ରବିକାନ୍ତ ରଘୁରାମ, ଜଗନ୍ନାଥ ବେହେରା, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସିଦ୍ଧାର୍ଥ ଶଙ୍କର ବେହେରା, ଦାଶରଥି ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ।




- ଓଭରଟେକ ହେଲା କାଳ

## ଟ୍ରକ୍ ଚକତଳେ ପଡ଼ି ନାବାଳକ ସ୍କୁଟି ଚାଳକ ମୃତ

କୋରାପୁଟ, ୧୧।୧୦(ସମିସ): କୋରାପୁଟ ଟାଉନ ଥାନା ୨୬ ନଂ ଜାତୀୟ ରାଜପଥର ଭବାନୀ ନଗର ନିକଟରେ ଶନିବାର ସନ୍ଧ୍ୟାରେ ଟ୍ରକ୍ ଚକ ତଳେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ଜଣକ ସେମିଳିଗୁଡ଼ା ସହରର ପ୍ରତାପ ଚନ୍ଦ୍ର ପାତ୍ରଙ୍କ ୧୭ ବର୍ଷୀୟ ପୁଅ ତେଜସ ପାତ୍ର ବୋଲି ଜଣାପଡ଼ିଛି। କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ମୃତ ତେଜସ୍ ଶନିବାର ସନ୍ଧ୍ୟାରେ ସ୍କୁଟି ଚଳାଇ କୋରାପୁଟ ଠାରୁ ସେମିଳିଗୁଡା ଫେରୁଥିବା ବେଳେ ଭବାନୀ ନଗର ନିକଟରେ ଏକ ଟ୍ରକକୁ ଓଭରଟେକ୍ କରୁଥିବା ବେଳେ ଚକ ସ୍ଲିପ ହେବାରୁ ସେ ଟ୍ରକ ସମ୍ମୁଖରେ ପଡ଼ି ଯାଇଥିଲେ ଓ ଟ୍ରକ ଚକ ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତେଜସଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ନିଆ ଯାଇଥିଲା କିନ୍ତୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ କୋରାପୁଟ ଟାଉନ ଥାନାରେ ଏକ ମାମଲା (କେଶ ନଂ ୨୫୨/୨୫) ରୁଜୁ କରି ଏଏସଆଇ ବାଳକୃଷ୍ଣ ରଥ ତଦନ୍ତ ଚଳାଇ ଥିବା ବେଳେ ଟ୍ରକ ଡ୍ରାଇଭର ଥାନାରେ ଅଟକ ରହିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।




## ବଜ୍ରପାତରେ ଜଣେ ମୃତ, ୨ ଗୁରୁତର

ପୋଡ଼ାଗଡ଼, ୧୧।୧୦(ସମିସ): କୋରାପୁଟ ସଦର ଥାନା ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତର ସୁକୁରିଗୁଡ଼ା ଗ୍ରାମରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ସୁକୁରିଗୁଡ଼ା ଗ୍ରାମର ଲିଙ୍ଗୁ ଜାନି (୫୫), ତୁଳାବତି ସାଉଁତା (୬୦) ଓ ଜିରୀମଦିସାରି ମିଶି ଦାମନଯୋଡ଼ି କାଠ ବିକ୍ରି ନିମନ୍ତେ ଯାଉଥିଲେ। କାଠ ବିକ୍ରି କରି ସେଠାରୁ ପରିବାପତ୍ର ଆଣିଲେ ଘରେ ରୋଷେଇ ହୋଇଥାନ୍ତା। ମାତ୍ର ଆଲୁମିନିୟମ କାରଖାନାର ରେଡ୍‌ମଣ୍ଡ ଫଣ୍ଡ ନିକଟରେ ବଜ୍ରପାତ ହୋଇଥିଲା। ଫଳରେ ତିନିଜଣଯାକ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଜଣେ ଯୁବକ ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଗ୍ରାମର କିଛି ଲୋକ ଆସି ମାଥାଲ ପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ଲିଙ୍ଗୁ ଜାନିଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ନେଇ ଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରନ୍ତ ଖବର ପାଇ କୋରାପୁଟ ସଦର ପୁଲିସ ହସ୍ପିଟାଲରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛଦ ନିମନ୍ତେ ପଠାଇଥିବା ଜଣାପଡ଼ିଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ପୋଡ଼ାଗଡ଼, ୧୧।୧୦(ସମିସ): ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ ସଦର ମହକୁମାରେ ଏକତା ନାମକ ଏନ୍‌ଜିଓ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ପୋଡ଼ାଗଡ଼ ଅଞ୍ଚଳର ଅନେକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏକତା ଅନୁଷ୍ଠାନ ତରଫରୁ ଅଶୋକ ମିଶ୍ର, ଦୀପ୍ତିମୟୀ ଜେନା, ସରସ୍ୱତୀ ମହାରଣା, ବିବାଦ ବାଘ ପ୍ରମୁଖ ଯୋଗଦେଇ କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଡ଼ାଗଡ଼ ପଞ୍ଚାୟତର ନିର୍ବାହୀ ଅଧିକାରୀ ଗଣେଶ କୁଲଦୀପ ଓ ରଞ୍ଜିତ ଖୋସଲା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

ବାଲଡ଼ା ବକ୍ସାଇଟ ଖନନ ପ୍ରସଙ୍ଗ

# ଦୁଇ ପଞ୍ଚାୟତରେ ବସିଲା ପଲ୍ଲୀସଭା

ନନ୍ଦପୁର, ୧୧।୧୦(ସମିସ)





ଗୁରୁବାର ବାଲଡ଼ା ଓ ଅତାଣ୍ଡ ଗ୍ରାମ ପଞ୍ଚାୟତରେ ବାଲଡା ପାହାଡ଼ ବକ୍ସାଇଟ ଖଣି ଖନନ ଉପରେ ଜଙ୍ଗଲ କିସମ ନେଇ ପଲ୍ଲୀ ସଭା ଓ ଗ୍ରାମସଭା ବସିଥିଲା। ଶାନ୍ତି ଶୃଙ୍ଖଳା ସହ ସଭା ଶେଷ ହୋଇଥିବା ନେଇ ପ୍ରଶାସନ ପକ୍ଷରୁ କୁହାଯାଇଥିବା ବେଳେ ୨୪ ଘଣ୍ଟା ପରେ ତଥା ଶୁକ୍ରବାର ପ୍ରସଙ୍ଗ ଭିନ୍ନମୋଡ଼ ନେଇଥିବା କୁହାଯାଉଛି। ନାଗେଶ୍ୱରୀ ପାହାଡ଼ ସୁରକ୍ଷା କମିଟି ପକ୍ଷରୁ ଏହି ପଲ୍ଲୀ ସଭାକୁ ବିରୋଧ କରି ଉଭୟ ଗ୍ରାମ ପଞ୍ଚାୟତର ତଥା ଅତଣ୍ଡା ଗ୍ରାମ ପଞ୍ଚାୟତର ସମିତି ସହ ବାଲଡା ଗ୍ରାମ ପଞ୍ଚାୟତର ସରପଞ୍ଚ ବିକ୍ରମ ସୀସାଙ୍କୁ ଘେରିଥିଲେ ଶତାଧିକ ଲୋକ। ଏଥିସହିତ ଗତ ଗୁରୁବାର ଦିନ ଅନୁଷ୍ଠିତ ପଲ୍ଲୀ ସଭା ଓ ଗ୍ରାମସଭାକୁ ଅବୈଧ କହି ଘୋର ଚାପ ସୃଷ୍ଟି କରିବା ସହ ଏହି ସଭାକୁ ଅବୈଧ ଘୋଷଣା କରିବାକୁ ଏକ ଲିଖିତ ପତ୍ର ରେ ଦସ୍ତଖତ ସହ ପଞ୍ଚାୟତ ମୋହର ମାରିଥିଲେ। ଅନ୍ୟ ପଟେ ଶନିବାର ପାହାଡ଼ ସୁରକ୍ଷା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଗତ ୯ ତାରିଖରେ ଅନୁଷ୍ଠିତ ପଲ୍ଲୀ ସଭା ଓ ଗ୍ରାମସଭାକୁ ବାତିଲ କରିବା ସହ୍ ଏହା ଅବୈଧ ବୋଲି କହିଛନ୍ତି। ସେପଟେ ସରପଞ୍ଚ ବିକ୍ରମ ସୀସାଙ୍କ ପ୍ରତିକ୍ରିୟା ଆସିଛି। ସେ କହିଛନ୍ତି ଗ୍ରାମ ପଞ୍ଚାୟତ ପକ୍ଷରୁ ଗତ ୯ ତାରିଖ ରେ ଆୟୋଜିତ ପଲ୍ଲୀ ସଭା ଓ ଗ୍ରାମସଭା ବୈଧ। ଧାର୍ଯ୍ୟ ତାରିଖ ଓ ସମୟ ନିର୍ଘଣ୍ଟ ଅନୁସାରେ ଅନୁଷ୍ଠିତ ହୋଇ ଶାନ୍ତି ପୂର୍ଣ୍ଣ ଭାବେ ଏହା ଶେଷ ହୋଇଥିଲା। ହେଲେ

- ୨୪ଘଣ୍ଟା ପରେ ପୁଣି ବିରୋଧର ସ୍ୱର

ଶୁକ୍ରବାର ଦିନ ପାହାଡ଼ ସୁରକ୍ଷା କମିଟି ପକ୍ଷରୁ ବଳ ପୂର୍ବକ ଚାପ ସୃଷ୍ଟି କରି ତାଙ୍କ ଇଚ୍ଛାରେ ମୋର ଦସ୍ତଖତ ନେଇ ପଞ୍ଚାୟତ ସରପଞ୍ଚ ମୋହର ମାରିଛନ୍ତି ବୋଲି କହିଛନ୍ତି ବାଲ୍‌ଡ଼ା ସରପଞ୍ଚ ଶ୍ରୀ ସୀସା।

# କୋରୁକୋଣ୍ଡାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




**କୋରୁକୋଣ୍ଡା, ୧୧।୧୦(ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଅବସରରେ ସାରା ରାଜ୍ୟରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି ବିଜୁ ଜନତା ଦଳ। ଏହି ଅବସରରେ ଆଜି ଜନ ସମ୍ପର୍କ ପଦଯାତ୍ରାର ତୃତୀୟ ଦିବସରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ଠାରେ ବିଜେଡି ବ୍ଲକ ସଭାପତି ତ୍ରିଲୋଚନ ଚୌଧୁରୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ସହ ବିଜୁ ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଲୋକଙ୍କ ପାଖକୁ ପହଞ୍ଚାଇଛନ୍ତି। ପୂର୍ବ ସରକାରଙ୍କ ସଫଳତା ଏବଂ ବର୍ତ୍ତମାନ ସରକାରର ବିଭିନ୍ନ ବିଫଳତା ବିଷୟରେ ଲୋକଙ୍କୁ ଅବଗତ କରାଇଛନ୍ତି। ପୋଲାଭରମ ପ୍ରକଳ୍ପ ନେଇ ସରକାରଙ୍କ ଦୋମୁହାଁନୀତି, ମା'ମାନଙ୍କୁ ୫୦ହଜାର ଦେବାକୁ କହି ଭଣ୍ଡାଇବା, ପ୍ରତ୍ୟେକ ପାରିବାରକୁ ୩୦୦ୟୁନିଟ ବିଜୁଳି ମାଗଣା ଦେବାକୁ କହି ନଦେବା ଡବଲ ଇଞ୍ଜିନ ସରକାରର ଠକିବା ମନୋବୃତ୍ତି ବୋଲି ନେତାମାନେ କହିଥିଲେ। ଲୋକଙ୍କ ସୁଖ ଦୁଃଖରେ ଛିଡ଼ା ହେବା ସହ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ନବୀନ ପଟ୍ଟନାୟକ ଏବଂ ବିଜୁ ଜନତା ଦଳ ସବୁ ବେଳେ ଆଗେଇ ଆସିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହି ଅବସରରେ ବରିଷ୍ଠ ନେତା ଗୋପାଳ ପଣ୍ଡା, ଘନଶ୍ୟାମ ମାଡ଼କାମୀ, ବିଜେଡି ଜିଲ୍ଲା ମହିଳା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ପୂର୍ବତନ ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, ବଂଶୀଧର ମୁଦୁଲି, ଜିତୁ ବୁରୁଡ଼ି, ଲମ୍ବୋଦର ତୁରୁକ୍, ସର୍ବ କୁମାର ବିଶୋୟୀ, ରାଜେନ୍ଦ୍ର କୂଳଦୀପ, ଉମା ଶଙ୍କର ସାହୁ, ମାଧବ ସାବତଙ୍କ ସହ ଅଞ୍ଚଳର ବହୁ ଜନ ପ୍ରତିନିଧିଙ୍କ ସମେତ ଶତାଧିକ ଦଳୀୟ ନେତୃ ମଣ୍ଡଳୀ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ବର୍ଷାଦିନେ ଜଳକଷ୍ଟ

# ଗରାଏ ପାଣି ପାଇଁ ଚାଲିବାକୁ ପଡୁଛି ୨ କିମି ରାସ୍ତା

**ମାଲକାନଗିରି, ୧୧।୧୦(ସମିସ)**

ସାଧାରଣତଃ ଗ୍ରୀଷ୍ମ ଋତୁରେ ଜଳ କଷ୍ଟ ସ୍ୱାଭାବିକ କଥା। ମାତ୍ର ବର୍ଷାଦିନେ ଯେ ପାଣି ମୁନ୍ଦେ ପାଇଁ ମାଇଲ ମାଇଲ୍ ବାଟ ଚାଲିବାକୁ ପଡୁଛି, ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏପରିକି ଗାଁ ପୋଖରୀରୁ ପାନୀୟ ଜଳ ସଂଗ୍ରହ କରି ପିଇବାକୁ ପଡୁଛି। ବର୍ଷ ପରେ ବର୍ଷ ବିତୁଛି କିନ୍ତୁ ସାହିରେ ହୋଇପାରୁନି ପାନୀୟ ଜଳ ସୁବିଧା। ଅଚଳ ଜଳ ପ୍ରକଳ୍ପ ଏବଂ ନଳକୂପକୁ ମଧ୍ୟ ମରାମତି କରିବାରେ ନାଁ ଧରୁନି ପ୍ରଶାସନ। ବର୍ଷତମାମ ଜଳକଷ୍ଟ ଭୋଗୁଥିବା ଏମିତି ଏକ ଗ୍ରାମ ହେଉଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସିନ୍ଧାବେଡ଼ା କଲୋନୀସାହି। ଗାଁ ଠୁ




୨ କିଲୋମିଟର ଦୂର ଯାଇ ପୋଖରୀରୁ ଜଳ ସଂଗ୍ରହ କରି ପାଇବା ପାଇଁ ବ୍ରବହାର କରୁଛନ୍ତି। ଏହା ଗୋଟିଏ ଦିନର ନୁହଁ ବରଂ ବର୍ଷ ତମାମ ଗାଁର ବିଭିନ୍ନ ସ୍ଥାନରୁ ପାନୀୟ ଜଳ ସଂଗ୍ରହ କରନ୍ତି ଏମାନେ। ଉପାୟ ଶୂନ୍ୟ ଗାଁ ଲୋକଙ୍କ ଦୁଃଖ ଶିଣିବାକୁ କେହି ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାହିରେ ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଛି ଜଳ ପ୍ରକଳ୍ପ। ଯାହା ଫଳରେ ଲୋକଙ୍କ ପାଇଁ ଗ୍ରାମ ଠାରୁ ଦୁଇ କିମି ଦୂରରେ ଥିବା ପୋଖରୀ ହିଁ ସାଜିଛି ଭରସା। ମାଥିଲି ବ୍ଲକର କଲୋନୀସାହିରେ ଗୋଟିଏ ନଳକୂପ ହୋଇଥିବା ବେଳେ ତାହା ଏବେ ଅଚଳ ଅବସ୍ଥାରେ ପଡ଼ିରହିଛି। ଏପଟେ ସାହିର ଅଙ୍ଗନବାଡ଼ି କେନ୍ଦ୍ରରେ ହୋଇଥିବା ପାଣି ଟାଙ୍କି ମଧ୍ୟ ଅଚଳ ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଅଚଳ ହୋଇଥିବା ପ୍ରକଳ୍ପ ଗୁଡିକ ମରାମତି କରାଯାଉନାହିଁ। ଯାହା ଫଳରେ ବାଧ୍ୟ ହୋଇ ପୋଖରୀକୁ ଭରସା କରୁଥିବା ଅଭିଯୋଗ କରିଛନ୍ତି ଗାଁ ଲୋକେ। ତେବେ ଏହି ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ପୂର୍ବତନ ବିଇଓଙ୍କ ଅବସରକାଳୀନ ସମାରୋହକୁ ନେଇ ଦ୍ୱନ୍ଦ୍ୱ

**ମାଲକାନଗିରି, ୧୧।୧୦(ସମିସ):** ମାଲକାନଗିରି ପୂର୍ବତନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ଧରଙ୍କ ଅବସରକାଳୀନ ସମାରୋହକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କିଛି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଶ୍ରୀ ଧର ବିଇଓ ଥିବାବେଳେ ହଇରାଣ କରିଥିବା, ଯଥା ବିନା କାରଣରେ ଦରମା ବନ୍ଦ କରିବା, ଇନ୍‌କ୍ରିମେଣ୍ଟ ବନ୍ଦ କରିବା ଆଦି ଯୋଗୁଁ ସେମାନେ ଶ୍ରୀ ଧରଙ୍କ ଅବସର ସମାରୋହକୁ ବିରୋଧ କରୁଥିବା ସମୟରେ ଆଉ କିଛି ଶିକ୍ଷକଙ୍କୁ ଶ୍ରୀ ଧର ଅହେତୁକ ଅନୁକମ୍ପା ଦେଖେଇ ଡେପୁଟେସନରେ ପାଖ ସ୍କୁଲକୁ ଆଣିବା ଓ ହଷ୍ଟେଲ ସ୍କୁଲରେ ନିୟୋଜିତ କରିବା ହେତୁ ସେମାନେ ଅବସର ସମାରୋହ କରିବା ଜିଦ୍‌କୁ ନେଇ ଏକ ପ୍ରକାର ଟଣା ଓଟରା ତଥା ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ପ୍ରଥମେ ସ୍ଥାନୀୟ ଜିଲ୍ଲା ପରିଷଦ ହଲ୍‌କୁ ଗୋଟିଏ ଦଳ ବୁକ୍ କରିଥିବା ବେଳେ ସେହି ଏକ ଦିନରେ ଅନ୍ୟ ଏକ ଦଳ ବିରୋଧ କରି ସେହି ଜିଲ୍ଲା ପରିଷଦ ହଲ୍‌କୁ ବୁକ୍ ପାଇଁ ଆବେଦନ କରିଥିଲେ। ଫଳରେ ପ୍ରଶାସନ ଉଭୟ ଦଳର ଆବେଦନକୁ ନାକଚ କରିବା ଭଳି ଏକ ରୋଚକ ଘଟଣା ପଦାକୁ ଆସିଛି। କିନ୍ତୁ ଶ୍ରୀ ଧରଙ୍କ ଦ୍ୱାରା ଉପକୃତ ପାଇଥିବା ଶିକ୍ଷକ ବୃନ୍ଦ ନିଜ ଜିଦ୍ ରେ ଅଟଳ ରହି ଆଜି ସ୍ଥାନୀୟ ସଂସ୍କୃତି ଭବନରେ ଅବସର କାଳୀନ ସମାରୋହର ଆୟୋଜନ କରିଥିଲେ। ଏଠାରେ ପ୍ରକାଶ ଥାଉ କି ପୂର୍ବ ରୁ ଶ୍ରୀ ଧର ବିଇଓ ଥିବା ବେଳେ ବର୍ଷ ଶେଷ ହେବା ପରେ ଓ ସରକାରଙ୍କ ଦ୍ୱାରା ଛୁଟି ଘୋଷଣା ପରେ ମଧ୍ୟ ଭିନ୍ନକ୍ଷମ ପିଲାଙ୍କୁ ପରିଭ୍ରମଣରେ ନେବା, ଡିଇଓ ଏବଂ ଜିଲ୍ଲପାଳଙ୍କ ସ୍ୱୀକୃତି ନ ନେଇ କିଛି ଶିକ୍ଷକଙ୍କୁ ଡେପୁଟେସନ କରିବା, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ମେଳା ପାଇଁ ଆସିଥିବା ଅର୍ଥ ହେର ଫେର କରିବା ଆଦି ଅଭିଯୋଗ ହୋଇଥିଲା।

# ନାଗାବଳୀରେ ଭାସି ବୃଦ୍ଧ ନିଖୋଜ



**ରାୟଗଡ଼ା, ୧୧।୧୦(ସମିସ):** ନାଗାବଳି ନଦୀରେ ଭାସି ଜଣେ ବୃଦ୍ଧ ନିଖୋଜ ହୋଇଥିବା ଜଣାପଡ଼ିଛି। ନିଖୋଜ ବୃଦ୍ଧଜଣଙ୍କ ହେଲେ ପେଣ୍ଟେୟା ଜିଲ୍ଲାକାରା (୭୦)। ତାଙ୍କ ଘର ରାୟଗଡ଼ା ବ୍ଲକ ମାଲିଗାଁ ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ, ପେଣ୍ଟୟା ଗତକାଲି ଅପରାହ୍ଣରେ ମଇଁଷି ଚରାଇବାକୁ ଯାଇଥିଲେ ଓ ମଇଁଷି ଦଳ ନଦୀ ଭିତରକୁ ଯିବାରୁ ପେଣ୍ଟୟା ମଧ୍ୟ ନଦୀ ମଧ୍ୟକୁ ଯାଇଥିଲେ। ମାତ୍ର ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଇଥିଲେ। ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଅଗ୍ନିଶମ କର୍ମଚାରୀ ଖୋଜା ଖୋଜି କରିଥିଲେ। ଆଜି ପୁଣି ଅଗ୍ନିଶମ ବିଭାଗ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରିନାହିଁ।

# ଦୋକାନରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ, ଜଣେ ଗିରଫ



**କୋରୁକୋଣ୍ଡା, ୧୧।୧୦(ସମିସ):** ମାଲକାନଗିରି ଜିଲ୍ଲା ଓର୍କେଲ ପୁଲିସ ବାଲିମେଲା ସହରର ଦୈନିକ ବଜାରରେ ଥିବା ଏକ ପୂଜା ଦୋକାନରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ବାଲିମେଲା ସହରର ଦୈନିକ ବଜାରର ଜଣେ ବ୍ୟବସାୟୀ ତଥା ଡାଇକ-୩ ଅଞ୍ଚଳରେ ଗ୍ରାମୀଣ ଡାକ ସେବକ ଭାବେ କାର୍ଯ୍ୟରତ ଥିବା କେ. ପ୍ରଶାନ୍ତ କୁମାର ମହାପାତ୍ର। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଡାକ ସେବକ ପ୍ରଶାନ୍ତଙ୍କର ବାଲିମେଲା ଦୈନିକ ବଜାରରେ ଏକ ପୂଜା ଦୋକାନ ରହିଛି। ସେ ବିନା ଲାଇସେନ୍ସରେ ଓ ବିଲରେ ବେଆଇନ ଭାବେ ନିଜ ଦୋକାନରେ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡ ଗୁଟ୍‌ଖା ରଖି ବିକ୍ରି କରିବା ସହିତ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ସେଗୁଡ଼ିକୁ ନିଜ ବାଇକ୍‌ରେ ନେଇ ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ବିକ୍ରି କରୁଥିଲେ। ଏ ନେଇ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ସୂଚନା ମିଳିଥିଲା। ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମୀଣ ଡାକ ସେବକ ପ୍ରଶାନ୍ତଙ୍କ ଦୋକାନ ଓ ଘରେ ମହିଳା ପୋଲିସଙ୍କ ସହ ଚଢ଼ଉ କରିଥିଲେ। ତାଙ୍କ ଠାରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ବ୍ରାଣ୍ଡର ଗୁଟ୍‌ଖା ଜବତ କରିଥିଲେ। ଜବତ ହୋଇଥିବା ଗୁଟଖା ବିକ୍ରି କରିବା ପାଇଁ ଆବଶ୍ୟକ ହେଉଥିବା ଲାଇସେନ୍ସ କିମ୍ବା ଅଣାଯାଇଥିବା ଗୁଟ୍‌ଖାଗୁଡିକର କୌଣସି ବିଲ୍ ପ୍ରଶାନ୍ତଙ୍କ ନିକଟରେ ନଥିଲା ବୋଲି ପୁଲିସ କହିଛି। ଏ ନେଇ ପୁଲିସ ପକ୍ଷରୁ ଥାନାରେ କେସ ନମ୍ବର -୨୭୨/୨୦୨୫ରେ ଏକ ମାମଲା ରୁଜୁ କରାଯିବା ସହିତ ଡାକ ସେବକ ପ୍ରଶାନ୍ତଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ମନୋହର ସାହୁ ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆଗାମୀ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ପଦଯାତ୍ରା ଆରମ୍ଭ

**ମାଲକାନଗିରି, ୧୧।୧୦(ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକର ରାମ ମନ୍ଦିର ପଡ଼ିଆ ଠାରେ ଆଗାମି ଟ୍ରଷ୍ଟ ପକ୍ଷରୁ ଏକ ରାଜ୍ୟସ୍ତରୀୟ ପଦଯାତ୍ରା ଆରମ୍ଭ ହୋଇଛି। ଯାହା ୯ ଅକ୍ଟୋବର ୨୦୨୫ ଗୋପବନ୍ଧୁ ଜୟନ୍ତୀରେ ପଡ଼ିଆ ବ୍ଲକ ରୁ ଆରମ୍ଭ ହୋଇଛି। ଏହି ପଦଯାତ୍ରା ୩୦ଟି ଜିଲ୍ଲା ଏବଂ ୩୧୪ଟି ବ୍ଲକ ଅତିକ୍ରମ କରିବା ପରେ ଶେଷରେ ପୁରୀ ସଦର ବ୍ଲକ, ପୁରୀ ଜିଲ୍ଲାରେ ସମାପ୍ତ କରାଯିବ ବୋଲି ଆଗାମୀ ଟ୍ରଷ୍ଟ ସଂସ୍ଥାପକ ବିମଲ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନକୁ ଆଶେକ୍ତି ଟ୍ରଷ୍ଟ, ମହିଳା ଶ୍ରମଜୀବୀ ମଞ୍ଚ, ଓଡ଼ିଶା ଶ୍ରମଜୀବୀ ମଞ୍ଚ, ଏମ୍‌ଡିଡିପିପିଏ ଓ ଜିଲ୍ଲାସ୍ତରୀୟ ଅନେକ ସାମାଜିକ ସଂଗଠନ, ସାମାଜିକ କର୍ମୀମାନେ ସହଯୋଗ କରୁଛନ୍ତି। ତେବେ ଏହି କ୍ରମରେ ଆଜି ପଦଯାତ୍ରାଟି ମାଲକାନଗିରି ଜିଲ୍ଲା ସଦରରେ ପହଞ୍ଚି ଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା, ଯୁବ ଶକ୍ତି ସଜାଗତା: ଗ୍ରାମାଞ୍ଚଳ ଯୁବମାନେ ସାମାଜିକ ଓ ଅର୍ଥନୈତିକ ବିକାଶରେ ଭାଗ ନେବାକୁ ପ୍ରେରିତ ହେବା। ନୀତିମୂଲ୍ୟ ଭିତ୍ତିକ ସମାଜ ଗଠନ: ମାନବତା, ପରସ୍ପର ସମ୍ମାନ ଓ ନୈତିକ ଶିକ୍ଷା ଉପରେ ଆଧାରିତ




ଚେତନା ଗଢ଼ିବା। ରୋଜଗାର ସଚେତନତା: ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଟିର ଉଦ୍ୟୋଗ ସ୍ଥାପନ ଦ୍ୱାରା ବେରୋଜଗାରି ଓ ପ୍ରବାସନ କମାଇବା ପାଇଁ ଉଦ୍ୟମକ୍ଷ ଜୈବିକ କୃଷି ପ୍ରଚାର, ବିଷମୁକ୍ତ ଚାଷ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ। ଜୀବନ ରକ୍ଷା ପାଇଁ ରକ୍ତ ଦାନ କ୍ୟାମ୍ପ ଓ ଅଭିଯା। ପ୍ରତ୍ୟେକ ବ୍ଲକରେ ଗଛ ରୋପଣ ଅଭିଯାନ। ଏହି ପଦଯାତ୍ରା ସହିତ ଏକ ନୂଆ ପ୍ରୟାସ ହେଉଛି ଗ୍ରାମ ଓ ବ୍ଲକ ଯୁବ ମାନଙ୍କ ପାଇଁ ଅର୍ଥନୈତିକ ସ୍ୱାବଲମ୍ବନର ସୁଯୋଗ ସୃଷ୍ଟି କରିବା। ଆଗାମୀ ଟ୍ରଷ୍ଟ ଡିଜିଟାଲ ବ୍ୟାଙ୍କିଂ ସେବା ଓ ଜୈବିକ ଉଦ୍ୟୋଗ ସହିତ ଜଡ଼ିତ ହୋଇ ଏହି ଯାତ୍ରାକୁ ସ୍ଥାୟୀ ପ୍ରଭାବ ଦେବା ଦିଗରେ ଗତି କରୁଛି। ଏହି ପଦଯାତ୍ରାରେ ମହିଳା ଶ୍ରମଜୀବୀ ସଂଗଠନ ଓ ଶ୍ରମଜୀବୀ ସଂଗଠନ, ମାଲକାନଗିରିର ସଦସ୍ୟା ସଦସ୍ୟ ଯଥା ରାମ ବଡ଼ନାୟକ, ମୁକୁନ୍ଦ ମାଡ଼କାମୀ, ତ୍ରିନାଥ ବଡ଼ନାୟକ, ଶ୍ରୀନୁ ସେଲବମ, ଶୁକ୍ରା ଗୁରୁତେଲି, ଜିତେନ୍ଦ୍ର ଖିଲ, କୃଷ୍ଣ ସିସା, ସନ୍ତୁର ମାଢି, ସାଲିନା ପାଙ୍ଗି, ମୁକୁନ୍ଦ ମାଝୀ, ଚମ୍ପା ଗଠନ, ଶୁଭଶ୍ରୀ ମାଢି, ଅନିତା ପୁନେମ, ସୋମନାଥ ମାଡ଼କାମୀ, ଚିତ୍ତରଞ୍ଜନ ସାହୁ ଓ ସ୍ଥାନୀୟ ମହିଳା, ଯୁବପିଢ଼ି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ ଏବଂ ଯୁବ ସମାଜ ସମ୍ପର୍କିତ ସଚେତନତା କର୍ମଶାଳା




**ରାୟଗଡ଼ା, ୧୧।୧୦(ସମିସ):** ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ୨୦୨୫ ଅବସରରେ ନାଗାବଳୀ ଲାୟନ୍ସ କ୍ଲବ ଓ ମହିଳା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଶାଖା ମିଳିତ ସହଯୋଗରେ ମାନସିକ ସ୍ୱାସ୍ଥ୍ୟ ଏବଂ ଯୁବ ସମାଜ ସମ୍ବନ୍ଧିତ ସଚେତନତା କର୍ମଶାଳା ମହିଳା ମହାବିଦ୍ୟାଳୟ ପାଠଚକ୍ର ଗୃହରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ବକ୍ତା ଭାବେ ଡଃ ରାକେଶ କୁମାର ପାଢ଼ୀ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ଓ ଶାରୀରିକ ସ୍ୱାସ୍ଥ୍ୟ ବିଭିନ୍ନ ଦିଗ, ମାନସିକ ସ୍ୱାସ୍ଥ୍ୟ ଓ ଯୁବ ସମାଜ, ମାନସିକ ଅବସାଦର ବିଭିନ୍ନ ଦିଗ ଓ କିପରି ପରିଚାଳନା କରାଯିବ ଉପରେ ବିସ୍ତୃତ ଭାବେ ଆଲୋଜପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଡଃ ଭି. ଲୋକନାଥ ରାଜୁ, ଲାଏନ୍ସ କ୍ଲବ ଜିଲ୍ଲା ଉପ ଗଭର୍ଣ୍ଣର ଇଂ ଅଶ୍ୱିନୀ କୁମାର ଦାସ, ଜୋନାଲ ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ଗନ୍ତାୟତ, ପ୍ରତିଷ୍ଠାତା ସଭାପତି ଡଃ ଦୁଷ୍ମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଛାତ୍ରୀଙ୍କୁ ମାନସିକ ଚାପର କିପରି ପରିଚାଳନା କରାଯାଇପାରିବ ସମ୍ପର୍କରେ ବିଶଦ ଭାବେ ବୁଝାଇ ଥିଲେ। କର୍ମଶାଳା ପ୍ରାରମ୍ଭରେ ନାଗାବଳୀ ଲାଏନ୍ସ କ୍ଲବ ସଭାପତି ଶୁଭ୍ରା ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ସୁଦର୍ଶନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ପରିଚାଳନାରେ ସହଯୋଗ କରିଥିଲେ।

# ପ୍ଲାଷ୍ଟିକ ମୁକ୍ତ ସଚେତନତା ପଦଯାତ୍ରା




**ସୁନାବେଡ଼ା, ୧୧।୧୦(ସମିସ):** ହାଲ ସହରାଞ୍ଚଳସ୍ଥିତ ଏରୋନେଟିକ୍ସ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦ ନାଲି ରିବନ କାଟି ଶୁଭାରମ୍ଭ କରିଥିଲେ। ପ୍ଲାଷ୍ଟିକ ବର୍ଜନ ଆମର ଶପଥ ହେଉ ବୋଲି ପିଲାମାନଙ୍କୁ ପରାମର୍ଶ ଦେବାସଙ୍ଗେ ସମସ୍ତଙ୍କୁ ସଚେତନ କରିବାନିମନ୍ତେ ଉତ୍ସାହିତ କରିଥିଲେ। ଏହି ପଦଯାତ୍ରାର ଆୟୋଜନ ଯୁବ ରେଡ କ୍ରସର କାଉନସିଲର ଡକ୍ଟର ଶାନ୍ତନୁ କୁମାର ନାୟକ ଓ ସହଯୋଗୀ କାଉନସିଲର ଅଧ୍ୟାପିକା ଚିନ୍ମୟୀ ପଣ୍ଡା କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ସଞ୍ଜୟ ପୁରୋହିତ, ଗୌରୀଶଙ୍କର ରଥ, ହିରଣ୍ମୟୀ ତ୍ରିପାଠୀ, ସଞ୍ଜୟ ଲେଙ୍କା ଆଦି ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲାବେଳେ ଦିଲ୍ଲୀପ ସାମଲ, ମଦନ ହରିଜନ, ମଗ୍ନେଶ୍ୱର ନାଗ, ସତ୍ୟବ୍ରତ ସାହୁ, ଶ୍ରୀଲତା ଜେନା ଆଦି ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗ କରିଥିଲେ। ଏହି ପଦଯାତ୍ରାରେ ୱାଇ ଆର ସି ର ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟରୁ ବାହାରି ହାଲ ସହରାଞ୍ଚଳରେ ପରିଭ୍ରମଣ କରି ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ବିନା ଜନଶୁଣାଣିରେ କ୍ରସର୍ ସ୍ଥାପନ; ଅଞ୍ଚଳବାସୀଙ୍କ ବିରୋଧ

**କଲ୍ୟାଣସିଂହପୁର, ୧୧।୧୦(ସମିସ)**

ଦୀର୍ଘ ଦୁଇ ବର୍ଷ ହେଲା କ୍ରସର୍ ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇଛି। ଆରମ୍ଭ ହେବା ପୂର୍ବରୁ ରାଜସ୍ୱ, ଖଣି, ବନ ବିଭାଗ ଓ ପ୍ରଦୂଷଣ ବିଭାଗ ପକ୍ଷରୁ ପଞ୍ଚାୟତବାସୀଙ୍କୁ ନେଇ ଜନଶୁଣାଣି ହେବାର ନିୟମ ରହିଛି। ଦୀର୍ଘ ଦୁଇ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ କେମିତି କେହି ଜାଣି ପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏମିତି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସିଙ୍ଗାରି ଓ ଧାମୁଣିପାଙ୍ଗ ପଞ୍ଚାୟତ ସୀମାନ୍ତ ମଧ୍ୟରେ। ଏହି କ୍ରସର ସରକାରୀ ଗୋଚର ଜେମିରେ ହୋଇଥିବାରୁ ପ୍ରବଳ ବିରୋଧ ଆରମ୍ଭ ହୋଇଥିଲା। ଏହି ଗୋଚର ଜମିରେ କାଙ୍ଗସେରି ଗ୍ରାମର କିଛିଲୋକ ପୂର୍ବ ପୁରୁଷରୁ ବିଭିନ୍ନ ଚାଷ କରି ଆସୁଥିଲେ। ସେହି ଜମିରେ ହାତୀମୁଣ୍ଡା, କାଙ୍ଗସେରି ଓ ଆଖପାଖ ଗ୍ରାମର ଲୋକେ ଛେଳି ମେଣ୍ଢା, ଗାଈ ଗୋରୁ ଚରାଉ ଥିଲେ। କ୍ରସରକୁ ବନ୍ଦ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ ପୂର୍ବରୁ କରିଥିଲେ। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କଲେନି। ଚାରିଆଡୁ ନିରାଶ ହୋଇ ଶେଷରେ ନିର୍ମାଣାଧୀନ କ୍ରସର ଆଗରେ ଧାରଣାରେ ବସି ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ଦୁଇ ପଞ୍ଚାୟତର



ଶତାଧିକ ଲୋକଙ୍କ ସହ କନ୍ଧ କୁଳ ସମର୍ଥନ କରିଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାଙ୍ଗସେରୀ ଗାଁ ରହିଛି ଏକ ପାହାଡ଼ ପାଖରେ ଥିବା ସରକାରୀ ଜମିରେ। ଗତ ଦୁଇ ବର୍ଷ ହେଲା ଏହା ନିକଟରେ ଏକ ପଥର କ୍ରସର ନିର୍ମାଣ ଚାଲିଛି। ଏହାକୁ ଖୋଲିବା ପୂର୍ବରୁ ପଲ୍ଲୀସଭାର ଅନୁମତି ଅନୁଯାୟୀ କାର୍ଯ୍ୟକାରୀ ହେବା କଥା। କିନ୍ତୁ ରାଜସ୍ୱ, ଖଣି, ବନ, ପ୍ରଦୂଷଣ ବିଭାଗ କିପରି ଏହା ନକରି ନିର୍ମାଣ କାର୍ଯ୍ୟକୁ ଅନୁମତି ଦେଇଛି ତାହା ଆଶ୍ଚର୍ଯ୍ୟ କରିଛି। କ୍ରସର ଯୋଗୁଁ ଆଖାପାଖ ଅଞ୍ଚଳରେ ପଥର ଗୁଣ୍ଡ ଉଡ଼ିବା ଆଶଙ୍କା ଓ ନିକଟରେ ଚିରସ୍ରୋତା ନାଗାବଳି ନଦୀ ରହିଛି। ନିକଟରେ ଥିବା ଜଙ୍ଗଲରେ ବନ୍ୟଜନ୍ତୁ ରହୁ ଥିବାରୁ ସେମାନେ ପ୍ରଭାବିତ ହେବା ଆଶଙ୍କା ରହିଛି। କରଲାପଟ ଓ କଲ୍ୟାଣସିଂହପୁର ବନାଞ୍ଚଳକୁ ହାତୀ କରିଡ଼ର ଥିବାରୁ କ୍ରସର ନିର୍ମାଣ ହେଲେ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାରମ୍ବାର ତହସିଲଦାର ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ମଧ୍ୟ ସୁଫଳ ମିଳି ନଥିବାରୁ ଧାମୁଣିପଙ୍ଗା ଓ ସିଙ୍ଗାରି ପଞ୍ଚାୟତବାସୀ ଏହି କ୍ରସର୍‌କୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏଥିଲାଗି କ୍ରସର୍ ଆଗରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କ୍ରସର ଦ୍ୱାରା ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରତି ବିପଦ ଅଛି ବୋଲି ଆଲୋଚନା କରିଥିଲେ। ପରେ ଧାରଣା ଆରମ୍ଭ ହୋଇଥିଲା। କନ୍ଧକୁଳ ସଭାପତି ଯୋଗେନ୍ଦ୍ର ୱ୍ୱାଡାକା, ସିପିଆଇଏମ୍ ଜିଲ୍ଲା ସଭାପତି ଦୋରା କାଣ୍ଡଗରି, ଆଦିବାସୀ ଅଧିକାର ମଞ୍ଚର ସଭାପତି ରବି ସୁନା, ଚାଷୀ ମୁଲିଆ ସଙ୍ଘ ସଭାପତି ଯୋଗେନ୍ଦ୍ର ନାଏକ, ମାନୁ ଶିକକାଙ୍କ ସମେତ ଅଞ୍ଚଳବାସୀ ଏଥିରେ ସାମିଲ୍ ହୋଇଥିଲେ। ଏନେଇ କ୍ରସର ମାଲିକଙ୍କୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ତହସିଲଦାର ରଞ୍ଜନ କୁମାର ମାନସେଠ୍ କହିଛନ୍ତି, କ୍ରସର ସରକାରୀ ଜମିରେ ଥିବା ସମ୍ପର୍କରେ ମୁଁ ଜାଣି ନାହିଁ। ବେଆଇନ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ। ମାଲିକଙ୍କୁ ପଚାରିବାରୁ କୁଆଡ଼େ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ନିୟମ ଅନୁଯାୟୀ ଏବଂ ଅନୁମତି ନେଇ କ୍ରସର ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି ବୋଲି କହିଥିଲେ। ବାର୍ଷିକ ଖଜଣା ମଧ୍ୟ ପୈଠ କରୁଛନ୍ତି ବୋଲି ଆମ ପ୍ରତିନିଧିଙ୍କୁ କହିଥିଲେ। ପ୍ରକୃତରେ ରାଜସ୍ୱ, ବନ, ଖଣି, ପ୍ରଦୂଷଣ ବିଭାଗ ଜାଣତରେ ହେଉଛି ନା ବେଆଇନ ଭାବେ ନିର୍ମାଣ ହେଉଛି ଜିଲାପାଳ ଓ ଭିଜିଲାନ୍ସ ତଦନ୍ତ କଲେ ପ୍ରକୃତ ସତ୍ୟା ସତ୍ୟ ପଦାକୁ ଆସିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ବଜ୍ରପାତରେ ଗୋଟିଏ ପରିବାରର ୩ ଗୁରୁତର



**ମାଲକାନଗିରି, ୧୧।୧୦(ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ସହ ବଜ୍ରପାତ ହେବାରୁ ଗୋଟିଏ ପରିବାରର ତିନି ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ତାମସା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚମ୍ପାଖାରି ଗ୍ରାମରେ। ସୂଚନା ଅନୁଯାୟୀ ଚମ୍ପାଖାରି କଲନୀ ଗ୍ରାମର ଶଙ୍କର ଗୋଲାରୀଙ୍କ ପରିବାର ଖାଇସାରି ରାତିରେ ଘରେ ଶୋଇଥିଲେ। ଗତକାଲି ବିଳମ୍ବିତ ରାତିରେ ସ୍ୱାମୀ, ସ୍ତ୍ରୀ ଓ ୨ବର୍ଷର ଛୁଆକୁ ଧରି ଶୋଇଥିବାବେଳେ ଘର ଉପରେ ବଜ୍ରପାତ ପଡ଼ିଥିଲା। ଫଳରେ ଗୋଟିଏ ପରିବାରର ତିନିଜଣ ଗୁରୁତର ଆହତ ହୋଇ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଗୁରୁତରମାନଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିବା ଜଣାପଡ଼ିଛି। ସ୍ୱାମୀ ସ୍ତ୍ରୀ ଓ ଦୁଇ ବର୍ଷର ଛୁଆଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ବଜ୍ରପାତ ପ୍ରବଣ ଅଞ୍ଚଳଗୁଡ଼ିକରେ ସଚେତନତା ଓ ସୁରକ୍ଷା ଉପାୟ ନେଇ ତତ୍କାଳ ଅଭିଯାନ ଆରମ୍ଭ କରିବା ଆବଶ୍ୟକ ରହିଛି। ସେହିପରି ଆହତ ପରିବାରକୁ ଜିଲ୍ଲା ପ୍ରଶାସନ ତରଫରୁ ତତ୍କାଳ ସରକାରୀ ସହାୟତା ଯୋଗାଇବାକୁ ଦାବି ଉଠିଛି।

# ‘ମଧ୍ୟସ୍ଥତା’ ଯୋଗୁଁ ବଳି ପଡ଼ିଲେ କି ପୀତବାସ

■ କେଉଁ ଦିଗରୁ ତଦନ୍ତ କରିବ, ଦ୍ୱନ୍ଦ୍ୱରେ ପୁଲିସ
■ ବଜାରରେ ପଡ଼ିଥିବା ବହୁକୋଟି ଟଙ୍କାକୁ ନେଇ ଅନେକ ଚିନ୍ତାରେ
■ ଅଟକ ୭ଜଣଙ୍କ ମଧ୍ୟରୁ ମୁକୁଳିଲେ ୪

ବ୍ରହ୍ମପୁର, ୧୧।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ପଛରେ ‘ମଧ୍ୟସ୍ଥତା’ ଏକ ପ୍ରମୁଖ କାରଣ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେ ଆଇନଜୀବୀ ଥିଲେ ମଧ୍ୟ ସୁଧ କାରବାର ଓ ଜମିବାଡ଼ି ବିବାଦରେ ମଧ୍ୟସ୍ଥତା କରୁଥିଲେ। ଯେଉଁଥିପାଇଁ ତାଙ୍କର ବନ୍ଧୁ ଯେତିକି, ଶତ୍ରୁ ମଧ୍ୟ ସେତିକି। ଅନ୍ୟଠାରୁ କମ୍ ସୁଧରେ ଟଙ୍କା ଆଣି ଅଧିକ ସୁଧରେ ବଜାରରେ ନିବେଶ କରିଥିଲେ ପୀତବାସ। ଯାହାର ହିସାବ ତାଙ୍କ ଛଡ଼ା ଅନ୍ୟ କାହା ପାଖରେ ନାହିଁ। ପୀତବାସଙ୍କ ଅନ୍ତେ ବଜାରରେ ପଡ଼ିଥିବା କୋଟିକୋଟି ଟଙ୍କା କିପରି ଆଦାୟ ହେବ, ତାକୁ ନେଇ ବ୍ୟବସାୟୀଙ୍କ ଆଖିକୁ ନିଦ ନାହିଁ।

ଛାତ୍ର ଜୀବନରୁ ପୀତବାସ ଗାଁରୁ ବ୍ରହ୍ମପୁରକୁ ଆସି ଭଡ଼ା ଘରେ ରହୁଥିଲେ। ସେତେବେଳୁ ଛୋଟକାଟିଆ ବ୍ୟବସାୟରେ ମନୋନିବେଶ କରି ଅର୍ଥ ଉପାର୍ଜନ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଓକିଲାତି କରିବା ସହ କଂଗ୍ରେସରେ ଯୋଗଦେଇ ଦୀର୍ଘ ବର୍ଷ ଧରି ଟ୍ରେଡ୍ ୟୁନିଅନ୍‌ର ନେତା ହୋଇଥିଲେ। ପେସାରେ ଜଣେ ଓକିଲ ଭାବେ ଉଭୟ ଦେୱାନୀ ଓ ଫୌଜଦାରୀ ମାମଲାର ପରିଚାଳନା କରୁଥିଲେ। ଏହାସହ ସହର ଏବଂ ଉପକଣ୍ଠ ଜମିବାଡ଼ି ବିବାଦ ଓ ପାରିବାରିକ ବିବାଦର ସମାଧାନ କରି ଭଲ ଅର୍ଥ ଉପାର୍ଜନ କରିଥିଲେ।

ଗତ ନିର୍ବାଚନରେ ସେ ହଠାତ୍ ବିଜେପିରେ ଯୋଗଦେଇ ଗୋପାଳପୁର ନିର୍ବାଚନମଣ୍ଡଳୀରେ ବିଭୂତି ଭୂଷଣ ଜେନାଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଥିଲେ। ବିଧାୟକ ନିର୍ବାଚିତ ସହ କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇବା ପରେ ବିଭୂତିଙ୍କ ସହ ପୀତବାସଙ୍କ ସମ୍ପର୍କ ଅତି ଘନିଷ୍ଠ ହୋଇଥିଲା।

ବିଜେପି ସରକାର କ୍ଷମତାକୁ ଆସିବା ପରେ ବାଲି, ମୋରମ ଓ ପଥର ଭଳି ଲଘୁ ଖଣିଜ ସମ୍ପଦ ସବୁ କିଛି ରାଜସ୍ୱ ପରିବର୍ତ୍ତେ ଖଣି ବିଭାଗ ଅଧୀନକୁ ଆସିଥିଲା ଏବଂ ଖୋଦ୍ ବିଭୂତି ଜେନାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଖଣି ବିଭାଗର ଦାୟିତ୍ୱ ମିଳିଥିଲା। ପୀତବାସଙ୍କୁ ଏହା ସୁହାଇଥିଲା। ପୂର୍ବରୁ ଚାଲିଥିବା ବିଭିନ୍ନ ବାଲିଘାଟକୁ ନିଜ ଅକ୍ତିଆରକୁ ଆଣିବା ଅଥବା ସେଥିରେ ଅଂଶୀଦାର ହେବାକୁ ବିଭିନ୍ନସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। କିଛି କ୍ଷେତ୍ରରେ ସଫଳତା ମିଳିଥିବା ବେଳେ ଆଉ କେତେକରେ ବିଫଳ ହେବା ପରେ ବଢ଼ିଥିଲା ତିକ୍ତତା ଓ ଶତ୍ରୁଙ୍କ ସଂଖ୍ୟା। ସେପଟେ ବିବାଦୀୟ ଜମିରେ ମୁଣ୍ଡ ପୂରାଇ ତାକୁ ଶାଗମାଛ ଦରରେ ବିକିବା ଓ ନିଜ ଅକ୍ତିଆରରେ ରଖିବାରେ ସିଦ୍ଧହସ୍ତ ଥିଲେ ପୀତବାସ। ଯେଉଁଥିପାଇଁ ସେ ଅନେକଙ୍କ ଚକ୍ଷୁଶୀଳ ହୋଇଥିଲେ। ତଦନ୍ତ ବେଳେ ପୁଲିସକୁ ଏପରି କିଛି ତଥ୍ୟ ମିଳିଛି।

ଇତିମଧ୍ୟରେ ପୀତବାସଙ୍କ ମୃତ୍ୟୁକୁ ସପ୍ତାହେ ବିତିଥିଲେ ମଧ୍ୟ ପୁଲିସ ନିର୍ଦ୍ଦିଷ୍ଟ କେଉଁ ଦିଗରୁ ତଦନ୍ତ କରିବ, ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ତେଣୁ ପୁଲିସ ଅନ୍ଧାରରେ ବାଡ଼ି ବୁଲାଉଥିବା ଆଲୋଚନା ହେଉଛି। ସାମାନ୍ୟତମ ସନ୍ଦେହକୁ ମଧ୍ୟ ନଜରଅନ୍ଦାଜ ନକରି ବହୁ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ସିସିଟିଭି ଫୁଟେଜ ଆଧାରରେ ୨ଯବାନଙ୍କ ସମେତ ୭ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବା ବେଳେ ସେଥିମଧ୍ୟରୁ ୪ ଜଣଙ୍କୁ ଶନିବାର ପୁଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। ତେବେ ଅଟକ ୨ ଯବାନ ଓ ଅନ୍ୟ ଜଣେ ଯୁବକଙ୍କ ତଥ୍ୟ ଓ ବୟାନରେ ତାଳମେଳ ରହୁ ନ ଥିବାରୁ ସେମାନଙ୍କୁ ଅଟକ ରଖାଯାଇଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍‌ପିଡା. ସର୍ବଣା ବିବେକ ଏମ୍। ହତ୍ୟାକାଣ୍ଡ ଭଳି ଏକ ସ୍ପର୍ଶକାତର ଘଟଣାରେ ଯେଭଳି ସଠିକ ତଦନ୍ତ ହେବ ଏବଂ ଜଣେ ନିରୀହ ଯେମିତି ଅଯଥାରେ ଛନ୍ଦି ନହୁଏ, ସେଥିପ୍ରତି ଧ୍ୟାନ ଦିଆଯାଉଥିବା ଏସ୍‌ପି କହିଛନ୍ତି।

## ଖଣିମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ଡମ୍ବରୁ

■ ନିରପେକ୍ଷ ତଦନ୍ତ ପାଇଁ ମନ୍ତ୍ରିମଣ୍ଡଳରୁ ହଟାଇବାକୁ ଦାବି
■ ମୁଖ୍ୟମନ୍ତ୍ରୀ ଓ ପୁଲିସ ଡିଜିଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ

ବ୍ରହ୍ମପୁର, ୧୧।୧୦ (ସମିସ): ହତ୍ୟାକାଣ୍ଡର ନିରପେକ୍ଷ ଓ ଚାପମୁକ୍ତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଦାବି କରିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏରୟ. ଡମ୍ବରୁ ରେଡ୍ଡୀ। ଡମ୍ବରୁଙ୍କ କହିଛନ୍ତି, ଏହି ହାଇପ୍ରୋଫାଇଲ୍ ହତ୍ୟା ମାମଲାର ତଦନ୍ତରେ ନିରପେକ୍ଷତା ଆଣିବାକୁ ହେଲେ ମନ୍ତ୍ରୀ ବିଭୂତି ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ପ୍ରଥମେ ହଟାଇ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ନିର୍ବାଚନ ସମୟରୁ ପୀତବାସ ଓ ବିଭୂତିଙ୍କ ସମ୍ପର୍କ ଅତି ଘନିଷ୍ଠ। ପୀତବାସଙ୍କ ମୃତ୍ୟୁକୁ ନେଇ ବାଲିମାଫିଆ ଓ ଖଣି ଖାଦାନ ଭଳି ଦିଗ ଆସୁଥିବାରୁ ଏହାର ନିରପେକ୍ଷ ତଦନ୍ତ ଜରୁରୀ। ତେଣୁ, ବିଭୂତିଙ୍କୁ ତଦନ୍ତ ପରିସରଭୁକ୍ତ କରି ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା କରାଯାଉ। ଏଥିପାଇଁ ତଦନ୍ତକାରୀ ପୁଲିସକୁ ପ୍ରଥମେ ଚାପମୁକ୍ତ ହେବାକୁ ପଡ଼ିବ। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିଲେ ହେଁ ସାଧାରଣରେ ବହୁ ଆଲୋଚନା ହେଉଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ବିଭୂତି ଜେନା ନିଜର ବେଆଇନ ସ୍ୱାର୍ଥ ହାସଲ ପାଇଁ ପୀତବାସଙ୍କୁ ବ୍ୟବହାର କରୁଥିଲେ। ସରକାର ଗଠନ ପରେ ଖଣି, ଇସ୍ପାତ ଓ ପରିବହନ ବିଭାଗର ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ ବିଭୂତି। ଜଣେ ଅତ୍ୟନ୍ତ ବିଶ୍ୱସ୍ତ ଓ ନିକଟତମ ଉପଦେଷ୍ଟା ଭାବେ ପୀତବାସ ବିଭିନ୍ନ ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ବିଭୂତିଙ୍କୁ ସୁରକ୍ଷା ଦେଉଥିଲେ। ମନ୍ତ୍ରୀ ନିଜର ସ୍ୱାର୍ଥ ହାସଲ ପାଇଁ ପୀତବାସଙ୍କୁ ନିଜ ବିଭାଗ ଅଧୀନ ବିଭିନ୍ନ ବେନିୟମ ଖଣି କାରବାର କ୍ଷେତ୍ରରେ ବ୍ୟବହାର କରୁଥିଲେ ବୋଲି ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଗଞ୍ଜାମରେ ଚାଲିଥିବା ବେଆଇନ ଖଣି କାରବାରରେ ପୀତବାସଙ୍କ ହସ୍ତକ୍ଷେପ ଯୋଗୁଁ ସେ ହତ୍ୟାର ଶିକାର ହୋଇଥାଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ସେପଟେ ବ୍ରହ୍ମପୁର ପୁଲିସ ଉପରେ ବିଭୂତି ଜେନାଙ୍କ ବାରମ୍ବାର ହସ୍ତକ୍ଷେପ ଯୋଗୁଁ ପୁଲିସ ଚାପରେ ରହି ଆସିଛି। ଏଣୁ ତଦନ୍ତକାରୀ ଟିମ୍ ବିଭୂତିଙ୍କୁ ଜେରା କରି ପୀତବାସଙ୍କ ଜରିଆରେ ମଧ୍ୟସ୍ଥତା ସମ୍ପର୍କରେ ତଥ୍ୟ ସଂଗ୍ରହ କଲେ ବହୁ ଭିତିରି ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ଡମ୍ବରୁ ଦାବି କରିଛନ୍ତି।

# ମାତିଛି ମହାବଳ

ଢେଙ୍କାନାଳ/କାମାକ୍ଷାନଗର,୧୧।୧୦(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବନାଞ୍ଚଳରେ ଏକ ମହାବଳ ବାଘର ଉପସ୍ଥିତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଦୁଇଦିନ ପୂର୍ବରୁ ବାଘଟି ଏକ ଗାଈକୁ ଆକ୍ରମଣ କରିଥିବା ବେଳେ ଶୁକ୍ରବାର ପୂର୍ବାଞ୍ଚଳ ରେଞ୍ଜ୍ ଜିରିଡ଼ାମାଳି ବନାଞ୍ଚଳ କନ୍ତାରିପାଟ ଜଙ୍ଗଲରେ ଏକ ଷଣ୍ଢକୁ ମାରି ଖାଇଛି। ବନ ବିଭାଗ କ୍ୟାମେରା ଏବଂ ଡ୍ରୋନ୍ ସାହାଯ୍ୟରେ ବାଘକୁ ଠାବ କରିବାକୁ ଉଦ୍ୟମ ଜାରି ରହିଛି। କନ୍ତାରିପାଟ ଗାଁ ପାଖ ଜଙ୍ଗଲରେ ବାଘଟି ଏକ ଷଣ୍ଢକୁ ମାରି ଖାଇଛି। ଶୁକ୍ରବାର ରାତିରେ ବାଘ କାନପୁରା ଗାଁ ପାଖରେ



## ଷଣ୍ଢକୁ ମାରି ଖାଇଗଲା; ସଞ୍ଜ ନଇଁଲେ ପଡୁଛି ତାଟିକବାଟ

ଚଳପ୍ରଚଳ କରୁଥିବା ଗ୍ରାମବାସୀ କହିଛନ୍ତି। ବନ ବିଭାଗର ସ୍ୱତନ୍ତ୍ର ଟିମ୍ ବାଘର ଗତିବିଧି ଉପରେ ନଜର ରଖିବା ସହ ଲୋକଙ୍କୁ ଜଙ୍ଗଲକୁ ନଯିବାକୁ ବାରଣ କରାଯାଇଛି। ଏପରିକି ଗାଈଗୋରୁ, ଛେଳିମେଣ୍ଢା ଆଦିକୁ ଜଙ୍ଗଲକୁ ନଛାଡ଼ିବା ପାଇଁ ପରାମର୍ଶ ଦିଆଯାଇଛି। ଗତ ୪ ଦିନ ଧରି ବାଘ ଆତଙ୍କ ଲାଗି ରହିଥିବା ବେଳେ ବନ ବିଭାଗ ଆଜି ପର୍ଯ୍ୟନ୍ତ ବାଘକୁ ଠାବ କରି ନପାରିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସେପଟେ, ବାଘ ଜଙ୍ଗଲ ନିକଟ ଗାଁଗୁଡ଼ିକରେ ଗାଈ, ଗୋରୁଙ୍କୁ ଶିକାର କରିବାରେ ଲାଗିଛି। ପ୍ରାୟ ୪ ଦିନ ତଳେ ବାଘଟି ମହାବିରୋଡ୍ ରେଞ୍ଜ ମଦରଙ୍ଗାମୁଣ୍ଡା ଗାଁରେ ଏକ ଗାଈକୁ ଘୋଷାଡ଼ି ନେଉଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଟିମ୍ ଓ ରେସ୍କ୍ୟୁ ଟିମ୍ ପହଞ୍ଚି ବାଘର ପାଦଚିହ୍ନ ଚିହ୍ନଟ କରିବା ସହ ତା’ର ଗତିବିଧି ଉପରେ ନଜର ରଖିଥିଲା। ମାତ୍ର ବନ ବିଭାଗକୁ ଚକ୍‌ମା ଦେଇ ବାଘଟି ମହାବିରୋଡ୍ ରେଞ୍ଜରୁ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କାଦବସନ୍ତ ଗାଁରେ ଆଉ ଏକ ଗାଈକୁ ଜଙ୍ଗଲ ଭିତରକୁ ଘୋଷାଡ଼ି ନେଇଥିଲା। ଶୁକ୍ରବାର ବାଘକୁ କାମାକ୍ଷାନଗର ସହରଠାରୁ ୪କିଲୋମିଟର ଦୂର କଙ୍କଡ଼ାହାଡ଼ ପୂର୍ବ ବିଭାଗ ରାସ୍ତାର ଭାଲୁମୁଣ୍ଡା ନିକଟରେ ଦେଖିବାକୁ ମିଳିଥିଲା।

## କର୍ପୋରେଟରଙ୍କୁ ଥାନାରେ ପୁଲିସର ପଚରାଉଚରା

# ‘ଶିବା’ଙ୍କ ସମେତ ୩ଜଣଙ୍କୁ ଉଠାଇଲା

ବ୍ରହ୍ମପୁର,୧୧।୧୦(ସମିସ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୁଲିସ ତଦନ୍ତ ଜାରି ରହିଛି। ଶୁକ୍ରବାର ପୁଲିସର ୩ଟି ଟିମ ଜିଲ୍ଲାର ଖଲ୍ଲିକୋଟ, କବିସୂର୍ଯ୍ୟ ନଗର, ପୋଲସରା ଓ ପାଟପୁର ଥାନା ଇଲାକାରେ ଚଢ଼ଉ କରିଥିଲା। ପାଟପୁର ଅଞ୍ଚଳରେ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ କରି କିଛି ବ୍ୟକ୍ତିଙ୍କୁ ପୀତବାସଙ୍କ ହତ୍ୟା ଘଟଣାରେ ପଚରାଉଚୁରା କରିଛି। ଖଲ୍ଲିକୋଟ ଅଞ୍ଚଳରୁ ଜଣେ ଅପରାଧୀଙ୍କୁ ପୁଲିସ ଉଠାଇ ଆଣିଥିବା ବେଳେ ଶନିବାର ବ୍ରହ୍ମପୁର ଓ ଉପକଣ୍ଠ ଲଙ୍ଗଳଦେଇରୁ ଆଉ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଉଠାଇ ଆଣି ପଚରାଉଚରା କରାଯାଉଛି। ୩ଜଣ ଦୁର୍ଦ୍ଦାନ୍ତ ତଥା ପୁରୁଣା ଅପରାଧୀଙ୍କୁ ପୁଲିସ ଉଠାଇ ଆଣି ଜେରା କରୁଥିବା ଜଣାପଡିଛି। ବର୍ତ୍ତମାନ ପୁଲିସ ପୀତବାସ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ନିକଟରେ ପହଁଚିବା ପାଇଁ କିଛି ଜେଲ ଫେରାନ୍ତଙ୍କ ଠାରୁ ତଥ୍ୟ ସଂଗ୍ରହ କରୁଥିବା ଜଣାପଡିଛି। ଜେଲ ଫେରାନ୍ତଙ୍କ ସୂଚନା ଆଧାରରେ ପୁଲିସ ଏକାଧିକ ସ୍ଥାନରେ ଚଢ଼ଉ କରୁଛି। ଅନ୍ୟପକ୍ଷରେ ପୁଲିସ କିଛି ଆଇନଜୀବୀ ଓ ଜଣେ କର୍ପୋରେଟରଙ୍କୁ ଥାନାକୁ ଡାକି ପୀତବାସ ହତ୍ୟା ଘଟଣା ସମ୍ପର୍କରେ ପଚାରାଉଚରା କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ୧୨କୋଟି ଟଙ୍କାର ଜମିଜମା ବିବାଦକୁ ନେଇ କାହାସହ ପୀତବାସଙ୍କ ଯୁକ୍ତିତର୍କ ହୋଇଥିଲା। କେଉଁ କେଉଁମାନେ ଉକ୍ତ ବିବାଦରେ ସାମିଲ ହୋଇଥିଲେ। ସେ ନେଇ କିଛି ଅଟକ ବ୍ୟକ୍ତିଙ୍କ ଠାରୁ ପୁଲିସ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ଏହି ବିବାଦରେ ପ୍ରତିଷ୍ଠିତ ବ୍ୟବସାୟୀ, ଜନପ୍ରତିନିଧି, ନେତା ଓ କର୍ମୀ ସାମିଲ ଥିବାନେଇ ଆଲୋଚନା ହେଉଛି।

ପୁଲିସ ସ୍କାନରେ ରହିଛନ୍ତି ପୁରୁଣା ତଥା ହାଇପ୍ରୋଫାଇଲ ମର୍ଡର କେସର ଅଭିଯୁକ୍ତ। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଉଠାଇ ଆଣି ଜେରା କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରୁଥିବା ଜଣାପଡିଛି। ଶନିବାର ସହରର କମାପଲ୍ଲୀ, ମେଡ଼ିକାଲ ରୋଡ଼, ସିଦ୍ଧାର୍ଥ ନଗର ରୋଡ଼ ଓ ଇଞ୍ଜିନିୟର ସ୍କୁଲ ରୋଡ଼ ଆଦି ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି।

# ନବୀନଙ୍କୁ ଭେଟିଲେ ୫୦ରୁ ଅଧିକ ପଞ୍ଚାୟତ ସମିତି ଅଧ୍ୟକ୍ଷ



■ ପ୍ରତିନିଧିମାନଙ୍କ କ୍ଷମତା ସଂକୋଚନ ପାଇଁ ସରକାର କରୁଛନ୍ତି ଉଦ୍ୟମ
■ ନବୀନଙ୍କ ନିନ୍ଦା, ଅଧିକାରର ସୁରକ୍ଷା ପାଇଁ ବିଜେଡି ଜାରି ରଖିବ ଲଢ଼େଇ

ଭୁବନେଶ୍ୱର,୧୧।୧୦(ସମିସ): ଶନିବାର ନବୀନ ନିବାସଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ୫୦ରୁ ଅଧିକ ପଞ୍ଚାୟତ ସମିତିର ଅଧ୍ୟକ୍ଷ ସାକ୍ଷାତ କରିଛନ୍ତି। ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ପ୍ରଶାସନିକ ଓ ଆର୍ଥିକ କ୍ଷମତା ସଂକୋଚନ ପାଇଁ ରାଜ୍ୟ ସରକାରଙ୍କ ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୁଦ୍ଧରେ ଅଧ୍ୟକ୍ଷମାନେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ନିନ୍ଦା କରିଥିବା ବେଳେ ନିର୍ବାଚିତ ପ୍ରତିନିଧିଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ବିଜେଡିର ଲଢେଇ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନ ଏ ବିଷୟ ହାଇକୋର୍ଟଙ୍କ ବିଚାରାଧୀନ ରହିଛି। ଆବଶ୍ୟକ ପଡ଼ିଲେ, ବିଜେଡି ଏଥିପାଇଁ ସୁପ୍ରିମକୋର୍ଟ ଯିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିନିଧିଦଳଙ୍କୁ କହିଥିଲେ। ଏହି ଆଲୋଚନା ସମୟରେ ପଞ୍ଚାୟତ ସମିତି ଚେୟାରମ୍ୟାନ୍‌ମାନଙ୍କ ସହ ବିଧାୟକ ସାରଦା ଜେନା, ନବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ସର୍ବଶ୍ରୀ ଉମା ସାମନ୍ତରାୟ, ପ୍ରଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଗଛ କାଟୁଥିବା ବେଳେ ଚାପି ହୋଇ ଯୁବକ ମୃତ

କପ୍ତିପଦା, ୧୧।୧୦ (ସମିସ): କାଳ ହେଲା ଗଛ କାଟିବା। ଗଛ ଉପରେ ଚଢ଼ି ଡାଳ କାଟିବା ବେଳେ ଉପରେ ଆଉ ଏକ ଗଛ ଲଦି ହୋଇଗଲା। ଫଳରେ, ଗଛ ସନ୍ଧିରେ ଚାପି ହୋଇ ପ୍ରାୟ ୩ ଘଣ୍ଟା ଧରି ୩୦ଫୁଟ୍ ଉପରେ ଝୁଲି ରହିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କପ୍ତିପଦା ଥାନା ବିଶୋଳ ଗ୍ରାମରେ। ମୃତକ ହେଲେ, ଗ୍ରାମର ସୋମନାଥ ବେହେରା। ସୂଚନାନୁସାରେ, ଗ୍ରାମର ରତ୍ନାକର ପୃଷ୍ଟିଙ୍କ ଘର ବାଡ଼ିରେ ଥିବା ଏକ ବଡ଼ ଆମ୍ବ ଗଛ ଥିଲା। ତାହାକୁ କାଟିବା ପାଇଁ ସୋମନାଥ ଗଛରେ ଚଢ଼ିଥିଲେ। ପ୍ରାୟ ୩୦ ଫୁଟ୍ ଉପରେ ସେ ଗଛର ଡାଳ କାଟିବା ବେଳେ ପାଖରେ ଥିବା ଏକ ତେନ୍ତୁଳି ଗଛ ଡାଳ ତାଙ୍କ ଉପରେ ପଡ଼ିଥିଲା। ଫଳରେ ସୋମନାଥ ଦୁଇ ଗଛ ସନ୍ଧିରେ ଚାପି ହୋଇଯାଇଥିଲେ। ଏହା ଦେଖି ଗ୍ରାମବାସୀ ଦମକଳ ବିଭାଗକୁ ଖବର ଦେଇଥିଲେ। ପାଖାପାଖି ୩ ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କପ୍ତିପଦା ପୁଲିସ ଏହି ଘଟଣାର ତଦନ୍ତ କରୁଛି।

■ ବାହାଘର ପ୍ରସ୍ତାବ ନେଇ ଯାଇଥିଲେ

# ଏକାକୀ କଥା ହେବା ବେଳେ କନିଆର ଗଳା କାଟିଦେଲା

ରାଜକନିକା, ୧୧।୧୦ (ସମିସ): ବାହାଘର ପ୍ରସ୍ତାବ ନେଇ ଆସିଥିଲେ ପୁଅଘର। ଦେଖାଚାହାଁ ପରେ କଥା ଆଗକୁ ବଢ଼ିଥିଲା। ଏପରିକି, ଦୁହିଁଙ୍କ ପରିବାରଲୋକଙ୍କ ସ୍ୱୀକୃତି ପରେ ପୁଅ-ଝିଅ ଏକାକୀ କଥା ହେବାକୁ ଗୋଟିଏ ରୁମ୍‌କୁ ଯାଇଥିଲେ। କିନ୍ତୁ କିଛି ସମୟ ଭିତରେ ସବୁ ଓଲଟପାଲଟ ହୋଇଗଲା। ଭିତରୁ କବାଟ ଦେଇ କନିଆକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଗଳା କାଟିଦେଲା ଯୁବକ। ରାଜକନିକା ଥାନା ଅନ୍ତର୍ଗତ କୁଜିପୁର ଗ୍ରାମରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।



ରାଜକନିକା ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ପଚରାଉଚରା କରୁଛି। ସେ ହେଲା, ଗାରଡ଼ପୁର ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସୁବ୍ରତ ନାୟକ (୨୬)। ଆସନ୍ତାକାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୧୦ଟାରେ ସୁବ୍ରତ ଓ ତାଙ୍କ ମାଆ ମନୋରମା ନାୟକ (୫୫) ଯୁବତୀଙ୍କ ମାମୁଘର କୁଜିପୁର ଗ୍ରାମକୁ ବିବାହ ପ୍ରସ୍ତାବ ନେଇ ଆସିଥିଲେ। ସୁବ୍ରତ ଏକାନ୍ତରେ ଯୁବତୀଙ୍କ ସହ କଥା ହେଉଥିବା ବେଳେ ଭିତରପଟୁ କବାଟ ଦେଇ ତାଙ୍କୁ ମାଡ଼ ମାରିବା ସହ ଛୁରିରେ ଗଳା କାଟି ଦେଇଥିଲା। ଚିତ୍କାର ଶୁଣି ଯୁବତୀଙ୍କ ମାମୁ କବାଟ ଭାଙ୍ଗି ଭାଣିଜୀକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏପଟେ, ଏହି କଥା ଜଣାପଡ଼ିବା ପରେ ଗାଁଲୋକେ ତାତି ଯାଇଥିଲେ। ସେମାନେ ସେଠାରେ ପହଞ୍ଚି ସୁବ୍ରତକୁ ବାନ୍ଧି ରାଜକନିକା ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ସୁବ୍ରତକୁ ଗିରଫ କରିଥିଲା। ସୁବ୍ରତ ଥାନା ଅଧିକାରୀଙ୍କ ଆଗରେ ସ୍ୱୀକାର କରିଛି ଯେ, ସେ ଝିଅର ମୋ’ ସହ ବିବାହ ପ୍ରସ୍ତାବ ପଡ଼ିବା ପରେ ଅନ୍ୟ ପୁଅ ସହ କାହିଁକି କଥା ହେଉଛି। ତେଣୁ ମୋର ରାଗ ହେଲା ତାକୁ ମାରି ନିଜେ ନିଜକୁ ମାରି ଦେଇଥା’ନ୍ତି।

## ମାଛ ଖାଇବାକୁ ପୋଖରୀରେ ପଶିଗଲା କୁମ୍ଭୀର



ମହାକାଳପଡ଼ା, ୧୧।୧୧(ସମିସ): ମହାକାଳପଡ଼ା ବ୍ଲକ୍ ସୁନୀତି ପଞ୍ଚାୟତ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଦଉପୁର ଗ୍ରାମର ପୋଖରୀରୁ ଏକ ବିରାଟକାୟ କୁମ୍ଭୀରକୁ ଉଦ୍ଧାର କରାଯାଇଛି। ପୋଖରୀରେ କୁମ୍ଭୀର ଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଜଗରିଯୋର ଫରେଷ୍ଟର ପ୍ରଦୀପ ସ୍ୱାଇଁ ଓ କର୍ମଚାରୀ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିଥିଲେ। ଗୋବରୀ ନଦୀ କୂଳରେ ଥିବା ଏହି ଗ୍ରାମ ପୋଖରୀକୁ କୁମ୍ଭୀରଟି ଅନେକଥର ମାଛ ଖାଇବାକୁ ଆସିଥାଏ ବୋଲି ଗ୍ରାମବାସୀ କହିଛନ୍ତି।

■ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ସାଂସଦଙ୍କୁ ଅଣଦେଖା ଅଭିଯୋଗ

# ବ୍ଲକ୍ ପରିସରରେ ଉତ୍ତେଜନା, ବିଡିଓଙ୍କ ନାମରେ ଏତଲା ଦେଲେ ବିଜେପି କର୍ମୀ

ଜଗତସିଂହପୁର,୧୧।୧୦(ସମିସ): ଜଗତସିଂହପୁର ସଦର ବ୍ଲକ୍ ପରିସରରେ ଆୟୋଜିତ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମକୁ ସାଂସଦ ବିଭୂପ୍ରସାଦ ତରାଇଙ୍କୁ ଡକା ନଯିବା ଘଟଣାକୁ କେନ୍ଦ୍ର କରି ବ୍ଲକ୍ ପରିସରରେ ବିଡିଓ ଓ ବିଜେପି କର୍ମୀଙ୍କ ମଧ୍ୟରେ କଥା କଟାକଟି ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ବିଜେପି କର୍ମୀ ବିଡିଓଙ୍କ ନାମରେ ଏତଲା ଦେଇଥିବା ଜଣାପଡ଼ିଛି।




ସୂଚନା ମୁତାବକ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା ଓ ବିଡିଓ ଆଶୁତୋଷ ମିଶ୍ରଙ୍କ ଉପସ୍ଥିତିରେ ଅନ୍ତ୍ୟୋଦୟ ଗୃହ ବଣ୍ଟନ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ସରିବା ପରେ ବିଡିଓ ଶ୍ରୀ ମିଶ୍ର ନିଜ ପ୍ରକୋଷ୍ଠରେ ବସିଥିବା ବେଳେ ସାଂସଦଙ୍କ ପ୍ରତିନିଧି ଶିଶିର ପାତ୍ର ଓ ଅନ୍ୟ କେତେକ ବିଜେପି କର୍ମୀ ସେଠାରେ ପହଞ୍ଚିଥିଲେ। ସାଂସଦଙ୍କୁ କାହିଁକି ଏହି କାର୍ଯ୍ୟକ୍ରମକୁ ଡକାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ବିଡିଓଙ୍କଠାରୁ ସନ୍ତୋଷଜନକ ଉତ୍ତର ନମିଳିବାରୁ ଯୁକ୍ତିତର୍କ ଓ କଥା କଟାକଟି ଆରମ୍ଭ ହୋଇଥିଲା। ଏପରିକି, ପ୍ରତ୍ୟେକ ସରକାରୀ ଯୋଜନାରେ ପିସି କାରବାର ଚାଲିଥିବା ଅଭିଯୋଗ ଉଠାଇଥିଲେ ବିଜେପି କର୍ମୀ। ଏହାକୁ ନେଇ ବ୍ଲକ୍ ପରିସରରେ ବେଶ୍ କିଛି ସମୟ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ସାଂସଦଙ୍କ ପ୍ରତିନିଧି ଶ୍ରୀ ପାତ୍ର, ମଣ୍ଡଳ ସଭାପତି ପବିତ୍ର ଜେନା, ମଣ୍ଡଳ ପ୍ରଭାରୀ ନୀହାର ପତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମିତ୍ରା ଜେନା, ଯୁବମୋର୍ଚ୍ଚା ସଭାପତି ନୀହାର ରଞ୍ଜନ ମହାପାତ୍ର ଏବଂ କୃଷକ ମୋର୍ଚ୍ଚାର ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ବିଜେପି ନେତା ଓ କର୍ମୀମାନେ ବିଡିଓଙ୍କ ବିରୋଧରେ ଜଗତସିଂହପୁର ସଦର ଥାନାରେ ଏତଲା ଦେଇଥିଲେ। ବିଡିଓଙ୍କ ପକ୍ଷରୁ ମଧ୍ୟ ବିଜେପି କର୍ମୀଙ୍କ ବିରୋଧରେ ପାଲଟା ଏତଲା ଦିଆଯାଇଛି। ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି। ତେବେ ବିଡିଓ ଆଶୁତୋଷ ମିଶ୍ର ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।


# ଓପିଜିସିରେ ମିଶ୍ରଣ ହେବ ଓସିପିଏଲ୍

## ମିଶ୍ରଣ ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥର ପରିପନ୍ଥୀ, ହେବ ବ୍ୟାବସାୟିକ କ୍ଷତି: ଶକ୍ତି ସମୀକ୍ଷକ

ଭୁବନେଶ୍ୱର,୧୧।୧୦(ସମିସ): ରାଜ୍ୟ ସରକାର ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍)କୁ ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍(ଓପିଜିସି) ସହ ମିଶ୍ରଣ କରିବା ପାଇଁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଗତ ୮ ତାରିଖରେ ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ନିଷ୍ପତ୍ତି ସମ୍ପର୍କିତ ଏକ ନୋଟସିଟ ପ୍ରେରଣ କରିଛନ୍ତି। ଓପିଜିସିରେ ଓପିସିଏଲ ମିଶ୍ରଣ ନିଷ୍ପତ୍ତି ହୋଇଥିବାରୁ ଓସିପିଏଲର ସିଇଓ ପଦବୀ ପୂରଣ ପାଇଁ ବର୍ତ୍ତମାନ ଜାରି ରହିଥିବା ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରିବା ପାଇଁ ଏହି ନୋଟସିଟ୍‌ରେ ଉଲ୍ଲେଖ ରହିଛି। ଏହି ନୋଟସିଟ୍‌କୁ ନେଇ ଶକ୍ତି ସମୀକ୍ଷକ ତଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମିଶ୍ରଣ ନିଷ୍ପତ୍ତି କାହାର ଏବଂ କାହା ସ୍ୱାର୍ଥ ପୂରଣ ପାଇଁ ଉଦ୍ଦିଷ୍ଟ ବୋଲି ଶକ୍ତି ସମୀକ୍ଷକମାନେ ପ୍ରଶ୍ନ କରିବା ସହ ଏହାଦ୍ୱାରା ବ୍ୟାବସାୟିକ କ୍ଷତି ହେବ ବୋଲ ଆଶଙ୍କା ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଅଗଷ୍ଟ ମାସରେ ଓପିଜିସି ବୋର୍ଡ ମିଟିଂରେ ଏହାର ସହଯୋଗୀ ସଂସ୍ଥା ଓସିପିଏଲକୁ ଏହା ସହିତ ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ମିଶ୍ରଣ ପଛର କାରଣରେ କୁହାଯାଇଥିଲା ଯେ ଏହି ମିଶ୍ରଣ ସମ୍ଭବ ହେଲେ ମନୋହରପୁର କୋଇଲା ଖଣିରୁ ଉତ୍ପାଦିତ କୋଇଲା ଉପରେ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଆଉ ଦେବାକୁ ପଡିବ ନାହି। ଯାହାଫଳରେ ଓପିଜିସିର ବିଦ୍ୟୁତ୍ ମୂଲ୍ୟ କମିଯିବ। ସେହିପରି ଗତ ବିଧାନସଭା ଅଧିବେଶନରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ୍ଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ବର୍ତ୍ତମାନ ମୁଖ୍ୟ ଶାସନ ସଚିବଙ୍କ ଅଧୀନରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ପ୍ରସ୍ତାବର ପ୍ରଭାବ ସମସ୍ତ ଦିଗରୁ ବିଶ୍ଳେଷଣ କରାଯାଉଅଛି।

ଅପରପକ୍ଷରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଯେଉଁ ଉଦ୍ଦେଶ୍ୟରେ ଓପିଜିସି ବୋର୍ଡରେ ମିଶ୍ରଣ ପ୍ରସ୍ତାବ ଅନୁମୋଦନ ହୋଇଥିଲା, ତାହା ଇତିମଧ୍ୟରେ ସମାଧାନ ହୋଇଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଅନୁଷ୍ଠିତ ଜିଏସଟି ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ କୋଇଲା ଉତ୍ପାଦନ ଉପରେ ଜିଏସଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ଗତ ସେପ୍ଟେମ୍ବର ୨୨ ତାରିଖରୁ ଆଉ ଲାଗୁ କରାଯିବ ନାହିଁ। ତଦନୁଯାୟୀ କେନ୍ଦ୍ର ଜିଏସଟି ପରିଷଦ ଜିଏସଟି କ୍ଷତିପୂରଣ ସେସ୍‌କୁ ରଦ୍ଦ କରିଦେଇଛନ୍ତି। ତେଣୁ ଓସିପିଏଲ ଏବେ ଓପିଜିସିରେ ମିଶ୍ରଣ ନ ହେଲେବି ଜିଏସଟି କ୍ଷତିପୂରଣ ସେସ୍ ବାବଦରେ ଆଉ ଟନ୍ ପିଛା ୪୦୦ ଟଙ୍କା ଦେବାକୁ ପଡିବ ନାହି। ସେହିପରି ଭାବେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତ


NOTE SHEET
UOI No. 22 /PRSCM
Date: 08.10.2025
Sub: Recruitment for the post of CEO, OCPL
Considering the latest decision of the State Government to merge OCPL with OPGC, you are requested to cancel the ongoing recruitment process for the post of CEO, OCPL.
Issued with approval of Hon'ble Chief Minister.
08.X.2025
(Saswat Mishra)
Principal Secretary to Chief Minister, Odisha
Principal Secretary
Energy Department

ଅଗଷ୍ଟ ୨୨ ତାରିଖରେ ଓସିପିଏଲକୁ ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲା ଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ଓସିପିଏଲକୁ ପୂର୍ବରୁ ଆବଣ୍ଟିତ ହୋଇଥିବା ମନୋହରପୁର କୋଇଲା ଖଣି ସମ୍ପୂର୍ଣ୍ଣ ରୂପେ ଓପିଜିସି ବିଦ୍ୟୁତ ଉତ୍ପାଦନ ପାଇଁ ସମର୍ପିତ ରହିଛି। ଇତିମଧ୍ୟରେ ଓସିପିଏଲ ମନୋହରପୁର କୋଇଲା ଖଣିରୁ ଗତ ୬ ବର୍ଷ ଧରି କୋଇଲା ଉତ୍ପାଦନ କରି ଏହି ବିଭାଗରେ ଆବଶ୍ୟକୀୟ ଦକ୍ଷତା ଓ ଅଭିଜ୍ଞତା ହାସଲ କରିଛି। ତେଣୁ ଓସିପିଏଲ ନିଲାମ ପ୍ରକ୍ରିୟାରେ ମିଳିଥିବା ଟାଙ୍ଗରଡିହି କୋଇଲା ଖଣିକୁ ଉତ୍ତମ ପରିଚାଳନା କରିବା ପାଇଁ ସକ୍ଷମ। ଏପରି ସମୟରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ରାଜ୍ୟର ପ୍ରବଳ ବ୍ୟାବସାୟିକ ଓ ଅର୍ଥନୈତିକ କ୍ଷତି ହେବ ବୋଲି ଶ୍ରୀ ମହାପାତ୍ର ଯୁକ୍ତି ବାଢ଼ିଛନ୍ତି।

ଓପିଜିସି ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ଗଠନ ହୋଇଥିଲା। ଓସିପିଏଲକୁ ଓପିଜିସିରେ ମିଶ୍ରଣ କରି ଯଦି ଟାଙ୍ଗରଡିହି ଖଣିରୁ କୋଇଲା ବ୍ୟବସାୟ କରିବାପାଇଁ ରାଜ୍ୟ ସରକାର ଓପିଜିସିକୁ ଅନୁମତି ଦିଅନ୍ତି, ତେବେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଦକ୍ଷତା ବୃଦ୍ଧି ପାଇଁ ନୂତନ କୋଇଲା କମ୍ପାନୀ ଏନ୍‌ଏମ୍‌ଏଲ୍‌କୁ ଏନ୍‌ଟିପିସି କୋଇଲା ଖଣି ହସ୍ତାନ୍ତର କରୁଥିବାବେଳେ ରାଜ୍ୟ ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବୋଲି ଶକ୍ତି ସମୀକ୍ଷକମାନେ ଯୁକ୍ତି ବାଢ଼ିଛନ୍ତି।



# ଦୀପାବଳିରେ 'ଲଢ଼େଇ'

ଦୀପାବଳିରେ ଆସୁଛି 'ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍' ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଢ଼େଇ'। ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି। ଏଥିରେ ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ତାଙ୍କୁ ଦେଖିବାକୁ ମିଳିବ। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନବାଗତା ଅଭିଲିପ୍ସା ନଜର ଆସିବେ। ଏହାର ସଙ୍ଗୀତ ଦେଇଛନ୍ତି ଗୌରବ-ସୋମେଶ। ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ରଚିତ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ। ରାପର ଆଡିକ୍ସନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। 'ଲଢ଼େଇ' ଏକ ବଳିଷ୍ଠ ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ। ତେବେ ପ୍ରଯୋଜନା ସଂସ୍ଥା ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ■

# ଅକ୍ଟୋବର ୧୩ ରୁ 'ଭାଗ୍ୟରେଖା'ର ନୂଆ କାହାଣୀ

ଏକ ନୂତନ ମୋଡ଼ ନେଇଛି ଜୀ ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'। ଏହି ମେଗା ଧାରାବାହିକରେ ଆସୁଛି ନୂଆପିଢ଼ିର ନୂଆ କାହାଣୀ। କାହାଣୀର ନାୟିକା ସ୍ମୃତିରେଖା ଜଣେ କଲେଜ ଛାତ୍ରୀ। ବାପା ବିଜୟ ହେଉଛନ୍ତି ରଘୁରାଜପୁର ଗାଁର ଜଣେ ପ୍ରସିଦ୍ଧ ପଟ୍ଟଚିତ୍ରକାର। ପରିବାରର ଭରଣପୋଷଣ ପାଇଁ ସ୍ମୃତିରେଖା ମଧ୍ୟ ବାପାଙ୍କୁ ପଟ୍ଟଚିତ୍ର କଳାରେ ସାହାଯ୍ୟ କରନ୍ତି। ଜୀବନରେ ଦୃଢ଼ ସଙ୍କଳ୍ପ ରଖିଥିବା ସ୍ମୃତିରେଖା ଛୋଟବେଳୁ ନିଜ ମା'ଙ୍କୁ ହରାଇ ନିଜ ବାପା, ସାବତ ମା' ଓ ଭାଇ ଭଉଣୀ ସହ ଜୀବନ କାଟୁଥାନ୍ତି। ଏହିପରି ଏକ ସଂଘର୍ଷମୟ ଜୀବନରେ ଆସନ୍ତି ନାୟକ ସୌଭାଗ୍ୟ, ଯିଏ ପେଷାରେ ଜଣେ ପ୍ରତିଷ୍ଠିତ ଚଳଚ୍ଚିତ୍ର ନାୟକ ଭାବରେ ଲୋକପ୍ରିୟ, କିନ୍ତୁ ସୌଭାଗ୍ୟ ପ୍ରକୃତ ପ୍ରେମରେ ବିଶ୍ୱାସ କରନ୍ତି ନାହିଁ। ଏପଟେ ସ୍ମୃତିରେଖା ହେଉଛନ୍ତି ସୌଭାଗ୍ୟଙ୍କର ଜଣେ ବଡ଼ ପ୍ରଶଂସକ। ତେବେ ସୌଭାଗ୍ୟ କ'ଣ ନିଜର ଜଣେ ବଡ଼ ପ୍ରଶଂସକ ସ୍ମୃତିରେଖାଙ୍କ ପ୍ରେମରେ ପଡ଼ିବେ? ସ୍ମୃତିରେଖାଙ୍କ ସଂଘର୍ଷମୟ ଜୀବନରେ ଆସିବ କି ନୂଆ ପରିବର୍ତ୍ତନ? ଏମିତି ବହୁ ପ୍ରଶ୍ନର ଉତ୍ତର ନେଇ ଆସୁଛି ଜୀ-ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'। କାହାଣୀରେ ଆସୁଥିବା ପରିବର୍ତ୍ତନ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେବ ବୋଲି ଆଶା କରାଯାଉଛି। ■



ଟେଲିଭିଜନ ପ୍ରିମିୟର

# 'କବିତା ବନିତା ଲତା-୨'

ଅକ୍ଟୋବର ୧୨ ତାରିଖ ସନ୍ଧ୍ୟା ୬ଟା ୩୦ରେ ତରଙ୍ଗରେ ଟେଲିଭିଜନ ପ୍ରିମିୟର ହେବ 'କବିତା ବନିତା ଲତା-୨'। ବର୍ଷକ ତଳେ ତରଙ୍ଗ ଟିଭିରେ ପ୍ରଦର୍ଶିତ ହୋଇଥିଲା 'କବିତା ବନିତା ଲତା'ର ପ୍ରଥମ ଭାଗ। ଯାହା ଖୁବ୍ ଦର୍ଶକୀୟ ଆଦୃତି ପାଇଥିଲା। ଏଥିରେ ସିମ୍ରନ, ଶୁଭଶ୍ରୀ, ଆଦିତି ଅଭିନୟ କରିଥିଲେ। ଏଥର 'କବିତା ବନିତା ଲତା-୨'ରେ ସିମ୍ରନଙ୍କୁ ରିପିଟ୍ କରାଯାଇଥିବାବେଳେ କବିତା ବନିତା ଚରିତ୍ରରେ ହିତୈଷା ଓ ସୁଲଗ୍ନା ନଜର ଆସିବେ। ଏଥର ବି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ଥିବାବେଳେ ଲେଖକ ଅଛନ୍ତି ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ। ବିଭୂତି ସ୍ୱାଇଁ ଓ ଦେବୀଦତ୍ତ ମହାନ୍ତି ଗୀତ ରଚନା କରିଛନ୍ତି ଓ ଦୀପକ ସଂଗୀତ ନିର୍ଦ୍ଦେଶନା ଏବଂ ଲୁବନ ଟୁବୁନ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। 'କବିତା ବନିତା ଲତା-୨'କୁ ଦର୍ଶକ ଭଲପାଇବା ଦେବେ ବୋଲି ଆଶାବାଦୀ ଅଛି ପ୍ରଯୋଜନା ସଂସ୍ଥା। ■





# ଆଓ ନେକ୍ସଟ୍‌ରେ 'ଭାବାନ୍ତର'

ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଭର-ଦି-ଟପ୍ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଅକ୍ଟୋବର ୧୨ ରେ ଉପଲବ୍ଧ ହେବ ଫିଲ୍ମ 'ଭାବାନ୍ତର'। ପୂର୍ବରୁ ବଡ଼ ପରଦାରେ ଏହି ଫିଲ୍ମ ଓଡ଼ିଆ ଦର୍ଶକଙ୍କ ମନ ଜିତିଥିଲା। ଶ୍ରୀତମ, ଶ୍ରାବଣୀ ଓ ମିଲନଙ୍କ ତିନୋଟି ଚରିତ୍ର ଅତ୍ୟନ୍ତ ଅସାଧାରଣ ପରିସ୍ଥିତିରେ ଗୋଟେ ତ୍ରିଭୁଜର ତିନି କୋଣରେ ଅବସ୍ଥାନ କରିବା ପରି ମନେ ହୁଏ। ଶ୍ରୀତମ ନିଜ ଭାଗ୍ୟକୁ ଆଦରି ନିଅନ୍ତି ଆଉ ସେ କ'ଣ ପୁଣି ଫେରିବେ? ଶ୍ରୀତମ, ଶ୍ରାବଣୀ ଏକାଠି ହେବେ? ବାକି କାହାଣୀ ଦର୍ଶକ ଦେଖିବା ପରେ ଜାଣିପାରିବେ। 'ଭାବାନ୍ତର' ଏକ ଭିନ୍ନ ସ୍ୱାଦର କାହାଣୀ। ଯେଉଁଥିରେ ତ୍ୟାଗ, ଭଲ ପାଇବା, ପ୍ରେମ ଓ ବିରହର ବେଦନା ସହିତ କାହାଣୀରେ ପ୍ରେମର ଏକ ନୂତନ ପରିଭାଷା ଦର୍ଶକ ଦେଖିବାକୁ ପାଇବେ ବୋଲି କହିଛନ୍ତି ଆଓ ନେକ୍ସଟ୍‌ର ପ୍ରତିଷ୍ଠାତା ତଥା ସିଇଓ କୌଶିକ ଦାସ। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନେତା ଅଭିଷେକ ଗିରି ରହିଥିବା ବେଳେ ତାଙ୍କ ବିପକ୍ଷରେ ରହିଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଅନ୍ୟାନ୍ୟ ଭୂମିକାରେ ସରୋଜ ନନ୍ଦ, ରବି ତ୍ରିପାଠୀ, ବିନାୟକ ମିଶ୍ର, ମମତା ସାହୁ ଓ ପ୍ରିୟା ବିଶୋଇ ରହିଛନ୍ତି। ତେବେ ଇମାଜିନେସନ୍ ଅନଲିମିଟେଡ୍ ବ୍ୟାନରରେ ଫିଲ୍ମଟି ପ୍ରସ୍ତୁତ ହୋଇଛି। ଏହାର କାହାଣୀ, ଚିତ୍ରନାଟ୍ୟ ସଂଳାପ, ପ୍ରଯୋଜକ ଓ ନିର୍ଦ୍ଦେଶନାରେ ଅନନ୍ତ ମହାପାତ୍ର ଥିବା ବେଳେ ସହ ନିର୍ଦ୍ଦେଶକ ରହିଛନ୍ତି ଅଜୟ ରଥ। ସଂଗୀତରେ ରହିଛନ୍ତି ଶକ୍ତି ପ୍ରସାଦ ମିଶ୍ର। ■

ପରଦା ପଛର କାହାଣୀ

# ଆମିଷ ପାଇଁ ଅଧାରୁ ଫିଲ୍ମ ଛାଡ଼ିଥିଲେ ଅଭିନେତ୍ରୀ

ସାଧାରଣତଃ ଫିଲ୍ମରେ ସ୍ୱଳ୍ପ ସମୟ ଅଭିନୟ କିମ୍ବା ମନପସନ୍ଦ ଚରିତ୍ର ନ ମିଳିଲେ ଅନେକ ଅଭିନେତା ଅଭିନେତ୍ରୀ ଅଧାରୁ ଫିଲ୍ମ ଛାଡ଼ିଥାନ୍ତି। ତେବେ ନବେ ଦଶକରେ ଜଣେ ଅଭିନେତ୍ରୀ ରାତ୍ରିଭୋଜନରେ ଆମିଷ ନ ମିଳିବାରୁ ଫିଲ୍ମ ଅଧାରୁ ଛାଡ଼ି ଥିଲେ। ସେଇ ଅଭିନେତ୍ରୀ ଜଣକ ହେଉଛନ୍ତି 'ଦିୱାନା ଆଶିକ୍' ଫିଲ୍ମର ଅଭିନେତ୍ରୀ ଫରାହ ନାଜ। ତତ୍କାଳୀନ ଏକାଧିକ ହିଟ୍ ଫିଲ୍ମରେ ସେ ଅଭିନୟ କରିଥିଲେ। ଫରାହ ଖୁବ୍ କମ୍ ବଜେଟ୍‌ରେ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ। କାରଣ ଏହି ଫିଲ୍ମରେ ତାଙ୍କ ବୟଫ୍ରେଣ୍ଡ



ବିନ୍ଦୁ ଦାରା ସିଂଙ୍କୁ ଏଣ୍ଟ୍ରି କରାଯାଉଥିଲା। ବିନ୍ଦୁ ହେଉଛନ୍ତି ଦାରା ସିଂଙ୍କ ପୁଅ। ବିନ୍ଦୁଙ୍କ ପାଇଁ ଫରହା ଖୁବ୍ କମ୍ ଟଙ୍କାରେ ନିର୍ଦ୍ଦେଶକ ଗୁଲସନ୍ ଅରୋଡ଼ାଙ୍କ ଫିଲ୍ମ କରିବାକୁ ରାଜି ହୋଇଥିଲେ। ଗୁଜୁରାଟର ଏକ ଗାଁରେ ଫିଲ୍ମର ସୁଟିଂ କାର୍ଯ୍ୟ ଜୋରସୋରରେ ଚାଲିଥିଲା। ସୁଟିଂରେ ସକାଳ ଜଳଖିଆ ହେଉ ଅବା ଦ୍ୱିପ୍ରହର କିମ୍ବା ରାତ୍ରିଭୋଜନରେ କେବଳ ଶୁଦ୍ଧ ଶାକାହାରୀ ଖାଦ୍ୟ ପରଷା ଯାଉଥିଲା। ଆମିଷ ପ୍ରିୟ ଫରହା ଡାଲି, ଭାତ, ଭେଣ୍ଡି ଖାଦ୍ୟ ଖାଇ ବିରକ୍ତ ହୋଇଯାଇଥିଲେ। ଫଳରେ ସେ ପ୍ରଡକ୍‌ସନ୍ ମ୍ୟାନେଜରଙ୍କୁ ରାତ୍ରିଭୋଜନରେ ଚିକେନ୍ ଆଣିବା ପାଇଁ କହିଥିଲେ। ହେଲେ ପ୍ରଡକ୍‌ସନ୍ ମ୍ୟାନେଜର ତାଙ୍କ କଥା ଶୁଣି ଟାଳି ଦେଇଥିଲେ। ଖାଇବାରେ ଆମିଷ ନ ମିଳିବାରୁ ଫରାହ ଦ୍ୱିତୀୟଥର ପୁଣି ମ୍ୟାନେଜରଙ୍କୁ କହିଲେ। ହେଲେ ପ୍ରଡକ୍ସନ ମ୍ୟାନେଜର୍ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଏହାପରେ ତୃତୀୟ ଦିନ ମଧ୍ୟ ଆମିଷ ଖାଇବାକୁ ନ ମିଳିବାରୁ ଫରାହ ରାଗି ଯାଇଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ କାହିଁକି ଚିକେନ୍ ଦେଉ ନାହାନ୍ତି ବୋଲି ସେ ପ୍ରଡକ୍ସନ୍ ମ୍ୟାନେଜରଙ୍କୁ ପ୍ରଶ୍ନ କଲେ। ଉତ୍ତରରେ ମ୍ୟାନେଜର କହିଥିଲେ, "ଫିଲ୍ମ ସୁଟିଂ ଚାଲିଥିବା ଗାଁଟି ସମ୍ପୂର୍ଣ୍ଣ ଶାକାହାରୀ। ଏଠାରେ ଆମିଷ ମିଳେନି।" ଏହାଶୁଣି ଫରାହ ରାଗି ଯାଇଥିଲେ। ସେ ସଙ୍ଗେ ସଙ୍ଗେ ନିଜ ସେକ୍ରେଟେରୀଙ୍କୁ ନେଇ ଆମିଷ ଖୋଜିବାକୁ ଯାଇଥିଲେ। ଗାଁରୁ ବାହାରିବା ମାତ୍ରେ ତାଙ୍କୁ ଏକ ରେଷ୍ଟୋରାଁରେ ଚିକେନ୍ ଖାଇବାକୁ ମିଳିଥିଲା। ସେଠାରେ ସେ ଚିକେନ୍ ଖାଇଥିଲେ। କିନ୍ତୁ ପ୍ରଡକ୍ସନ ମ୍ୟାନେଜର୍ ମିଛ କହିବାରୁ ତାଙ୍କ ରାଗ ଦ୍ୱିଗୁଣା ହୋଇଯାଇଥିଲା। ଏହି ମାମଲା ଏତେ ବଢ଼ିଗଲା ଯେ ଶେଷରେ ରାଗରେ ଏହି ଫିଲ୍ମ ଅଧାରୁ ଛାଡ଼ି ଦେଇଥିଲେ। ■

ସାକ୍ଷାତକାର

# "ଶିଖିବାର ମନୋବୃତ୍ତି ହିଁ ସଫଳତାର ସ୍ୱାଦ ଚଖାଏ"

**ଅଙ୍କିତ କୁମାର, ଅଭିନେତା**

ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ଓଡ଼ିଆ ଫିଲ୍ମ ଜଗତକୁ। ଜିମ୍‌ରେ ବ୍ୟାୟାମ କରୁଥିଲେ। ଓଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ତାଙ୍କର ସାକ୍ଷାତ ହେଲା। ସେ ତାଙ୍କୁ ଅଭିନୟ ଜଗତରେ କାମ କରିବାକୁ ସୁଯୋଗ ଦେଲେ। କଟକର ଅଙ୍କିତ କୁମାର ଏକାଧିକ ଧାରାବାହିକ ଓ ଓଡ଼ିଆ ସିନେମାରେ କାମ କରିଛନ୍ତି। 'ପରୀ' ତାଙ୍କର ଡେବ୍ୟୁ ଧାରାବାହିକ। 'ଭୋକ' ଚଳଚ୍ଚିତ୍ରରେ ବଳିଷ୍ଠ ଅଭିନୟ କରି ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛନ୍ତି। ଆଉ ଖୁବ୍‌ଶୀଘ୍ର ଅଙ୍କିତ ହରର ସିନେମା 'ଦର୍ପଣ'ରେ ନଜର ଆସିବେ। ଏହି ସିନେମାରେ ତାଙ୍କ ବିପକ୍ଷରେ ଅଛନ୍ତି ନାୟିକା ତୃପ୍ତି ମୀରାମ୍ବିକା। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ତାଙ୍କ ସଂଘର୍ଷ ବିଷୟରେ ଶୁଣିବା ତାଙ୍କ ମୁହଁରୁ।

**କଳାକାର ହେବାକୁ କାହିଁକି ମନ ବଳାଇଲେ?**

● ପିଲାଦିନୁ ମୁଁ ପାଠକୁ ଗୁରୁତ୍ୱ ଦେଉଆସୁଥିଲି। ଅଭିନେତା ହେବି ବୋଲି କେବେ ଭାବି ନଥିଲି। ଜାଣି ନଥିଲି ଦର୍ଶକଙ୍କ ସହ ସିଧାସଳଖ ମୋର ସମ୍ପର୍କ ହେବ। ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବାକୁ ଇଚ୍ଛା ଥିଲା। ମୁଁ ଜିମ୍ ଯାଉଥାଏ। ସୌଭାଗ୍ୟବଶତଃ ସିନେମା ଲାଇନ୍‌ର ଜଣେ ସାର୍‌ଙ୍କ ସହ ସାକ୍ଷାତ ହେଲା। ସେ ଏହି ଲାଇନ୍‌ରେ ଯିବାକୁ ସୁଯୋଗ ଦେଲେ। 'ପରୀ' ମୋର ପ୍ରଥମ ଡେବ୍ୟୁ ଧାରାବାହିକ। 'ଆମ ଘରର ଲକ୍ଷ୍ମୀ', 'ମୋ ଅଗଣାର ତୁଳସୀ ତୁ' ଆଦି ଅନେକ ଧାରାବାହିକରେ କାମ କରିଛି। 'ଭୋକ', 'ପ୍ରତ୍ୟାଘାତ', 'ମୋ ମମି ପାପାଙ୍କ ବାହାଘର', 'ପାଦେ ଆକାଶ', 'ପାପ', ଆଦି ସିନେମାରେ ଅଭିନୟ କରିବାକୁ ସୁଯୋଗ ପାଇଛି। ବିଜ୍ଞାପନ, ଟକ୍ ଶୋ, ମ୍ୟୁଜିକ୍ ଭିଡିଓରେ ବି କାମ କରିଛି।

**ପ୍ରଥମ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

● ପ୍ରଥମ ପ୍ରୋଜେକ୍ଟରେ ନର୍ଭସ ଥିଲି। ମାର୍କେଟରେ ସିନ୍ ଥାଏ, ଚାରିଆଡ଼େ ଲୋକ ଆଉ ଆମ ଟିମ୍ ମେମ୍ବର। ତେଣୁ କେମିତି ଅଭିନୟ ଭଲ କରିବି ତାହାକୁ ନେଇ ମନରେ ଆଶଙ୍କା ଥାଏ। ହେଲେ ନିର୍ଦ୍ଦେଶକ ସାର୍ ବହୁତ ମାପିଚୁପି ମୋର ସିନ୍ ନେଇଥିଲେ। ଏମିତି ଧୀରେ ଧୀରେ କାମ ଶିଖିଛି। ଆଜି ବି ଲାଗେ ମୋତେ ବହୁତ କିଛି ଶିଖିବାର ଅଛି। ତେଣୁ ପ୍ରତିଦିନ କିଛି ନୂଆ କରିବାକୁ ଚେଷ୍ଟା କରୁଛି। ଆଗକୁ ବି ଏହି ଶିଖିବା ମନୋବୃତ୍ତି ରହିବ। ଏହା ଦ୍ୱାରା ଜଣେ ତା ଜୀବନରେ ଆଗକୁ ବଢ଼ିପାରେ।

**ରିଲିଜ୍ ହେବାକୁ ଥିବା 'ଦର୍ପଣ' ସିନେମାକୁ ନେଇ କ'ଣ କହିବେ?**

● 'ଦର୍ପଣ' ଗୋଟିଏ ହରର ସିନେମା। ଏଥିରେ ଭୟଙ୍କର ଚେହେରା, ମଣିଷ ଭିତରର ରାକ୍ଷସ ଚରିତ୍ର ପଦାକୁ ଫୁଟି ଆସିବ। ସିନେମାରେ ଫ୍ୟାମିଲି ଡ୍ରାମା, ହରର୍, ସସପେନ୍ସ, କମେଡି, ରୋମାନ୍ସ, ଇମୋସନ୍ ଆଦି ରହିଛି। ଡ୍ରାମା ବି ଜବରଦସ୍ତ ରହିଛି। ଏମିତି ଏକ ନିଆରା ରହସ୍ୟଭରା କାହାଣୀ ଭିତରେ ଫଶି ଯାଉଥିବା ପିଲାଙ୍କୁ ମୁକୁଳାଇବା ଦାୟିତ୍ୱ ମୋର।



**ଆପଣଙ୍କ କେଉଁ ଫିଲ୍ମକୁ ଦର୍ଶକ ଅଧିକ ଭଲପାଇବା ଦେଇଛନ୍ତି?**

● 'ଭୋକ'ରେ ଅଭିନୟ କରିଥିଲି। ଏହା ଲକ୍‌ଡାଉନ୍ ଉପରେ ନିର୍ମିତ ଥିଲା। 'ଭୋକ' ଫିଲ୍ମ ପାଇଁ ମୁଁ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲି। ଏହା ମୋତେ ବହୁତ ଖୁସି ଦେଇଥିଲା। ଆଜି ବି ସେହି ଫିଲ୍ମର କାହାଣୀ ବହୁତ ଭଲ ଥିଲା ବୋଲି ଅନେକ ପ୍ରଶଂସକଙ୍କଠାରୁ ଶୁଣିବାକୁ ପାଏ।

**ସ୍ମରଣୀୟ ମୁହୂର୍ତ୍ତ?**

● 'ଦର୍ପଣ' ଫିଲ୍ମର ପ୍ରାୟତଃ ସୁଟିଂ ବିଳମ୍ବିତ ରାତିରେ ହେଉଥିଲା। ଜଙ୍ଗଲ ମଝିରେ ସିନ୍ ଥାଏ। ବହୁତ ଦୂରରୁ ମୁଁ ଆଉ ତୃପ୍ତି ଚାଲି ଚାଲି ଆସୁଥାଉ। ହଠାତ୍ ଏମିତି ଏକ ଶବ୍ଦ ଆସିଲା ଆମେ ଦୁହେଁ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଥିଲୁ। ବାସ୍ତବରେ ସେହି ସମୟର ଅନୁଭୂତି ନିଆରା। ଏହି ସିନେମା ସୁଟିଂ ପାଇଁ ବହୁତ ପରିଶ୍ରମ କରିଛୁ। ଏଥିରେ ବହୁତ ସୁନ୍ଦର ସୁନ୍ଦର ଗୀତ ଅଛି। ଆଶା କରୁଛୁ ଏହି ସିନେମା ଦର୍ଶକଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ।

**ଫିଟ୍‌ର ରାଜ୍ କ'ଣ?**

● ନିୟମିତ ୱାର୍କଆଉଟ୍ ଆଉ ଡାଏଟ୍।

**ଡ୍ରିମ୍ ରୋଲ୍?**

● ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଇଚ୍ଛା। ମୁଁ ଚାହେଁ, ଜୀବନରେ ଯେତେ ବି ଚରିତ୍ର ରହଛି ସେ ସବୁ ମୁଁ କରେ।

**ଅଙ୍କିତଙ୍କ ଆଗାମୀ ଯୋଜନା?**

● ବଡ଼ ପ୍ରୋଜେକ୍ଟର ସିନେମା 'ଜୟହିନ୍ଦ' ଓ 'ଅଧା ରହିଗଲା ଆମ କାହାଣୀ'ରେ ଦର୍ଶକ ଆଗକୁ ଦେଖିବାକୁ ପାଇବେ। ଏହାବାଦ୍ ଗ୍ରାମାଞ୍ଚଳର ପରିବେଶକୁ ନେଇ ବାସ୍ତବଧର୍ମୀ କାହାଣୀ ଓ ସାମାଜିକ ବାର୍ତ୍ତା ଥିବା ପରି ସିନେମାରେ ଅଭିନୟ କରିବାକୁ ମୋର ଇଚ୍ଛା।

**ରିଆଲିଟି ଶୋ' ମାଧ୍ୟମରେ ନୂଆ କରି ଆସୁଥିବା କଳାକାରଙ୍କୁ କ'ଣ କହିବେ?**

● ଆଗରୁ ବହୁତ କଷ୍ଟ କରି ପିଲାମାନେ ଏହି ଲାଇନ୍‌ରେ ଆସୁଥିଲେ। ଏବେ ସୋସିଆଲ୍ ମିଡିଆ ଯୁଗରେ ସବୁ ସହଜ ହୋଇଯାଇଛି। ତେଣୁ ସମସ୍ତଙ୍କୁ କହିବି କାମକୁ ଧ୍ୟାନ ଦେଇ କରିବା ଦରକାର। ନିଜକୁ ଗ୍ରୁମିଂ କରନ୍ତୁ। ସ୍କ୍ରିପ୍ଟକୁ ବୁଝି ଚରିତ୍ର ଭିତରେ ପଶନ୍ତୁ। ■



# କ୍ରୀଡ଼ା




ସକାଳ
THE SAKALA
www.sakalaepaper.com


## କୋହଲିଙ୍କ ରେକର୍ଡ ସହ ସମକକ୍ଷ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଏହି ଟେଷ୍ଟରେ ଶତକ ହାସଲ କରିଥିବା ଶୁବମନ ଗିଲ ଗୋଟିଏ ବର୍ଷରେ ଜଣେ ଅଧିନାୟକ ଭାବେ ୫ଟି ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ବିରାଟ କୋହଲିଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କୋହଲି ୨୦୧୭ ଓ ୨୦୧୮ରେ ଏହି ରେକର୍ଡ କରିଥିଲେ। ଅଧିନାୟକ ଭାବେ ଗିଲ ୮୪.୮୧ ହାରରେ ରନ୍ ସଂଗ୍ରହ କରିଛନ୍ତି। ଡନ୍ ବ୍ରାଡମ୍ୟାନ୍ ତାଙ୍କଠାରୁ ଅଧିକ ୧୦୧.୫୧ ହାରରେ ରନ୍ ସଂଗ୍ରହ କରିଥିଲେ।

ଏହି ଟେଷ୍ଟରେ ଭାରତ ସଂଗ୍ରହ କରିଥିବା ୫/୫୧୮ ରନ୍‌ରେ ଗୋଟିଏ ହେଲେ ବାଇ କିମ୍ବା ଲେଗ୍‌ବାଇରୁ ରନ୍ ସଂଗୃହୀତ ହୋଇ ନ ଥିଲା। ଟେଷ୍ଟ କ୍ରିକେଟରେ ଏଭଳି ସ୍କୋର ସଂଗ୍ରହରେ ଭାରତ ରେକର୍ଡ କରିଛି। ପୂର୍ବରୁ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ସଂଗ୍ରହ କରିଥିବା ୫୧୩ ରନ୍‌ରେ ଗୋଟିଏ ହେଲେ ବାଇ କିମ୍ବା ଲେଗ୍‌ବାଇରୁ ରନ୍ ନ ଥିଲା। ଏହି ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଏକଦା ୩୧୮ଟି ବଲ୍ ପକାଇ ମଧ୍ୟ ୱିକେଟ ପାଇ ନ ଥିଲା। ୱେଷ୍ଟଇଣ୍ଡିଜ୍ ପୂର୍ବରୁ ୨ଥର ୩୦୦ କିମ୍ବା ଅଧିକ ବଲ ବୋଲିଂ କରି ୱିକେଟ ପାଇ ନ ଥିଲା।

ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୨୪ ବର୍ଷ ପୂରିବା ପୂର୍ବରୁ ୭ଟି ଟେଷ୍ଟ ଶତକ ହାସଲ କରି ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି। ଏହା ମଧ୍ୟରେ ୫ଟି ୧୫୦ ପ୍ଲସ୍ ସ୍କୋର ରହିଛି। ୨୪ ବର୍ଷରେ ପହଞ୍ଚିବା ପୂର୍ବରୁ କେବଳ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍ ୮ଥର ୧୫୦ ପ୍ଲସ୍ ସ୍କୋର କରିଥିଲେ। ସେହିପରି ଏହି ସମୟରେ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗ୍ୟାରୀ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଜୟସ୍ୱାଲଙ୍କ ପୂର୍ବରୁ ମାତ୍ର ୨ଜଣ ଖେଳାଳି ସେମାନଙ୍କ ପ୍ରଥମ ୭ଟି ଟେଷ୍ଟ ଶତକରେ ୫ଥର ୧୫୦ ପ୍ଲସ୍ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସେମାନେ ହେଲେ ବବ୍ ସିମ୍ପସନ ଓ ବ୍ରାଏନ୍ ଲାରା।

■ ସୁଲତାନ ଅଫ୍ ଜୋହର କପ୍ ହକି

## ଭାରତର ବିଜୟ ଅଭିଯାନ

ଜୋହନ ବାହରୁ, ୧୧।୧୦ (ଏଜେନ୍ସି): ମାଲେସିଆରେ ଶନିବାରଠାରୁ ସୁଲତାନ ଅଫ୍ ଜୋହର କପ୍‌ର ତ୍ରୟୋଦଶ ସଂସ୍କରଣ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଭାରତୀୟ ଦଳ ୩-୨ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଗ୍ରେଟ୍ ବ୍ରିଟେନକୁ ହରାଇଦେଇଛି। ଏହି ମ୍ୟାଚରେ ଅଧିନାୟକ ରୋହିତ୍ ଏକାକୀ ଦୁଇଟି ଗୋଲ୍ ଦେଇ ଭାରତୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ରବନୀତ୍ ସିଂହ ଅନ୍ୟ ଗୋଲଟି ଦେଇଥିଲେ। ଗ୍ରେଟ୍ ବ୍ରିଟେନ ପକ୍ଷରୁ ମାଇକେଲ୍ ରୟଡେନ ଓ କାଡେନ ଡ୍ରାୟସୀ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ରୋହିତ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାରତ ଦ୍ୱିତୀୟ ମୁକାବିଲାରେ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ।



### ଗିଲ୍‌ଙ୍କ ୧୦ମ ଶତକ, ଜାଡେଜାଙ୍କ ଯାଦୁକରୀ ବୋଲିଂ

# ଭାରତ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ



ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):

ଅଧିନାୟକ ଶୁବମନ ଗିଲ୍‌ଙ୍କ ୧୦ମ ଶତକ ଓ ଜାଡେଜାଙ୍କ ଯାଦୁକରୀ ବୋଲିଂ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ରହିଛି। ଏହି ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଗିଲ୍ ଶତକ (ଅପରାଜିତ ୧୨୯) ହାସଲ କରିବା ପରେ ଭାରତ ୫ ୱିକେଟରେ ୫୧୮ ରନ୍ କରି ତାହାର ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୪୩ ଓଭର ବ୍ୟାଟିଂ କରି ୪ ୱିକେଟ ବିନିମୟରେ ୧୪୦ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲ୍‌ରାଉଣ୍ଡର ସାଇ ହୋପ୍ ୩୧ ଓ ୱିକେଟ ରକ୍ଷକ ତେଭିନ ଇମ୍‌ଲାଚ ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ। ୱେଷ୍ଟଇଣ୍ଡିଜ୍ ଆଜି ହରାଇଥିବା ୪ଟି ୱିକେଟ ମଧ୍ୟରୁ ଜାଡେଜା ୩ଟି ୱିକେଟ ଅକ୍ତିଆର କରି ବୋଲିଂ ସଫଳତା ପାଇଥିଲେ। ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଉଭୟ ଇନିଂସରେ ୯୦ ଓଭର ତିଷ୍ଠି ନ ଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଦଳ ୪ଟି ୱିକେଟ ହରାଇ ୪୩ ଓଭର ବ୍ୟାଟିଂ କରି ଖେଳରେ ଉନ୍ନତି ଆଣିଥିଲା। ପ୍ରଥମ ଟେଷ୍ଟରେ ଭାରତ ଇନିଂସ ବିଜୟ ହାସଲ କରି ୧-୦ରେ ଆଗୁଆ ରହିଛି।

ଶନିବାର ସକାଳେ ଏହି ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ ୨ ୱିକେଟରେ ୩୧୮ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଇଥିଲା। ଯାହା ଫଳରେ ଅନାବଶ୍ୟକ ଭାବେ ଯଶସ୍ୱୀ ଜୟସ୍ୱାଲ ପୂର୍ବଦିନର ସ୍କୋରରେ ଆଉ ୨ ରନ୍ ଯୋଗ କରି ୧୭୫ ରନ୍‌ରେ ରନ୍‌ଆଉଟ ହୋଇଥିଲେ। ସଟ୍ ମାରିବା ପରେ ଜୟସ୍ୱାଲଙ୍କ କଲ୍‌କୁ ଗିଲ ଗ୍ରହଣ କରି ନ ଥିଲେ, ଯାହା ଫଳରେ ଠିକଣା ସମୟରେ ସେ କ୍ରିଜ୍‌ରେ ପହଞ୍ଚିବାରେ ଅସମର୍ଥ ହୋଇଥିଲେ। ଘରୋଇ ଦଳ ୩୨୫ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଗିଲ ଭାରତୀୟ ବ୍ୟାଟିଂର ନେତୃତ୍ୱ ନେଇଥିଲେ। ସେ ଚତୁର୍ଥ ୱିକେଟରେ ଯୋଡିରେ ବ୍ୟାଟିଂରେ ଉନ୍ନତି ପାଇଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ (୪୩)ଙ୍କ ସହ ୧୦୩ ବଲ୍‌ରେ ୯୧ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ସହ ୧୫୫ ବଲ୍‌ରୁ ୧୦୨ ରନ୍ ଉଠାଇଥିଲେ। ତୃତୀୟ ୱିକେଟରେ ଜୟସ୍ୱାଲଙ୍କ ସହ ୭୪ ରନ୍ ଉଠାଇଥିବା ଗିଲ୍ ଏଠାରେ ଟେଷ୍ଟ କ୍ୟାରିୟରର ୧୦ମ ଶତକ ହାସଲ କରିଥିଲେ। ଜୁରେଲ ୪୪ ରନ୍‌ରେ ଆଉଟ ହେବା ପରେ ଗିଲ ଭାରତର ପ୍ରଥମ ଇନିଂସ ଘୋଷଣା କରିଥିଲେ। ଇନିଂସ ଘୋଷଣା ହେଲାବେଳକୁ ଗିଲ୍ ୧୨୯ ରନ୍‌ରେ ଅପରାଜିତ ରହିଥିଲେ। ଏହି ସ୍କୋର ହାସଲ ଲାଗି ତାଙ୍କୁ ୧୯୬ଟି ବଲ୍‌ର ସାମ୍ନା କରିବାକୁ ପଡ଼ିଥିଲା ଓ ଏଥିରେ ସେ ୧୬ ଚୌକା ଓ ୨ ଛକା ମାରିଥିଲେ। ଟେଷ୍ଟ କ୍ୟାରିୟରରେ ଏହା ତାଙ୍କର ୧୦ମ ଓ ଦଳର ନେତୃତ୍ୱ ନେବା ପରେ ୫ମ ଶତକ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ସର୍ବାଧିକ ୩ଟି ଓ ଅଧିନାୟକ ରୋଷ୍ଟୋନ ଚେଜ୍ ଗୋଟିଏ ୱିକେଟ ପାଇଥିଲେ। ଭାରତର ଜଣେ ଖେଳାଳି ଜୟସ୍ୱାଲ ରନ୍‌ଆଉଟ ହୋଇଥିଲେ।

### ସ୍ପିନ୍‌ରଙ୍କୁ ମୁକାବିଲା କରିବାରେ ୱେଷ୍ଟଇଣ୍ଡିଜ୍ ପୁଣି ବିଫଳ

ଭାରତର ୫୧୮ ରନ୍‌ର ବିଶାଳ ସ୍କୋର ପରେ ୱେଷ୍ଟଇଣ୍ଡିଜ୍ ବ୍ୟାଟିଂ ଆରମ୍ଭ କରି ଦୃଢ଼ତାର ସହ ଖେଳିଥିଲା। ଏପରିକି ପ୍ରଥମଥର ଲାଗି ଦଳ ପ୍ରଥମ ବୋଲିଂ ଚେଞ୍ଜରେ ୱିକେଟ ହରାଇ ନ ଥିଲା। ଉଭୟପଟୁ ସ୍ପିନ୍ ଆକ୍ରମଣକୁ ଦୁଇ ଓପନର ଯଥାସମ୍ଭବ ମୁକାବିଲା କରିଥିଲେ। କିନ୍ତୁ ଏହା ୮ମ ଓଭର ଯାଏ ତିଷ୍ଠି ରହିଥିଲା। ୮ମ ଓଭରର ଦ୍ୱିତୀୟ ବଲ୍‌ରେ ଓପନର ଜନ୍ କ୍ୟାମ୍ପବେଲଙ୍କୁ ଆଉଟ କରି ଜାଡେଜା ଭାରତକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। କ୍ୟାମ୍ପ୍‌ବେଲ ମାରିଥିବା ସଟ୍‌ରେ ସାଇ ସୁଦର୍ଶନ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ପାଭିଲିୟନର ବାଟ ଦେଖାଇଥିଲେ। ସେ ନିଜେ ମଧ୍ୟ ପଡ଼ିଆ ବାହାରକୁ ଯାଇଥିଲେ। ଦ୍ୱିତୀୟ ୱିକେଟ ଯୋଡିରେ ଭାରତୀୟ ସ୍ପିନ୍ ବନାମ ଟାଗେନାରିନ୍ ଚନ୍ଦରପଲ ଓ ଆଲିକ୍ ଆଥାନାଜେଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଏହି ଲଢ଼େଇ ୧୨୨ଟି ବଲ ପର୍ଯ୍ୟନ୍ତ ଚାଲିଥିଲା। ଜାଡେଜାଙ୍କ ଚକ୍ରବ୍ୟୁହରେ ହାର୍ ମାନିଥିଲେ ଚନ୍ଦରପଲ। ୬୬ ରନ୍‌ର ପାର୍ଟନରସିପ୍ ପରେ ଚନ୍ଦରପଲ ୩୪ ରନ୍‌ରେ ଆଉଟ ହୋଇଥିଲେ। ଏହା ପରେ କୁଲଦୀପ ଯାଦବ ଦଳର ଟପ୍ ସ୍କୋରର ଆଲିକ୍ ଆଥାନାଜେଙ୍କୁ ଜାଡେଜାଙ୍କ ହାତରେ କ୍ୟାଚ୍‌ଆଉଟ କରାଇ ପ୍ରଥମ ସଫଳତା ପାଇଥିଲେ। ତାଙ୍କ ପରେ ଖେଳିବାକୁ ଆସିଥିବା ଅଧିନାୟକ ଚେଜ୍‌ଙ୍କ ଇନିଂସ ୭ଟି ବଲଯାଏ ତିଷ୍ଠିଥିଲା। ସେ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇ ପାଭିଲିୟନ ଫେରିଯାଇଥିଲେ। ହୋପ୍ ୩୧ ଓ ଇମ୍‌ଲାଚ ୧୪ ରନ୍‌ରେ ମଙ୍ଗ ସମ୍ଭାଳିଥିଲେ। ଭାରତ ପକ୍ଷରୁ ଜାଡେଜାଙ୍କ ଯାଦୁକରୀ ବୋଲିଂ ସଫଳ ହୋଇଥିଲା ଓ ସେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ସେ ମଧ୍ୟ ସମସ୍ତ ୪ ଜଣ ଖେଳାଳିଙ୍କୁ ଆଉଟ କରାଇବାରେ ସହଯୋଗ ଦେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୫୧୮/୫, ୧୩୪.୨ ଓଭର**, ଘୋଷଣା (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/ ୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୦/୪, ୪୩ ଓଭର** (ଆଥାନାଜେ-୪୧, ଚନ୍ଦରପଲ-୩୪, ହୋପ୍-ବ୍ୟାଟିଂ-୩୧, ଜାଡେଜା-୩/୩୭)।

ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା

## ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧୪ ପଦକ

ଭୁବନେଶ୍ୱର,୧୧।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡ଼ିଶା ୧୪ ପଦକ ବିଜୟୀ ହୋଇଛି। ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଥିଲା। ଉତ୍ତରପ୍ରଦେଶର ସାହରଣପୁରଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହା ଫଳରେ ପ୍ରଥମ ଦୁଇ ଦିନ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୭ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ଟି କାଂସ୍ୟ ପଦକ ହାସଲ କରିଛି।

ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଅନୁପମା ସ୍ୱାଇଁ, ରଞ୍ଜନ ମଙ୍ଗରାଜ, ସ୍ୱରାଜ ଜାନି ଓ ୨୧ ବର୍ଷରୁ କମ୍ ବିଭାଗରେ ଓମ୍‌ପ୍ରକାଶ ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଅନୁପମାଙ୍କୁ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣ ମିଳିଛି। ନିରୁପମା ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ମହନ୍ତ, କାହ୍ନା ସାହୁ ଓ ସିଦ୍ଧାର୍ଥ ଭୂୟାଁଙ୍କୁ ରୌପ୍ୟ ପଦକ ମିଳିଛି। ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ଜୁ-ଜିତ୍‌ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ସିଭର-ବ୍ରଣ୍ଟଙ୍କ ଶତକରେ ଇଂଲଣ୍ଡର ହ୍ୟାଟ୍ରିକ ବିଜୟ

ମହିଳା ବିଶ୍ୱକପ୍: ଆଜିର ମ୍ୟାଚ୍
ଭାରତ - ଅଷ୍ଟ୍ରେଲିଆ
ଆରମ୍ଭ: ଅପରାହ୍ଣ ୩ଟା
ସ୍ଥାନ: ବିଶାଖାପାଟଣମ୍




କଲମ୍ବୋ, ୧୧।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୨ତମ ମ୍ୟାଚରେ ଶନିବାର ଇଂଲଣ୍ଡ ୮୯ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ୧୧୭ ରନ ବଲରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୯ ୱିକେଟ୍‌ରେ ୨୫୩ ରନର ସମ୍ମାନଜନକ ସ୍କୋର କରିଥିଲା। ବୋଲିଂରେ ଶ୍ରୀଲଙ୍କା ପକ୍ଷରୁ ଇନୋକା ରଣୱୀରା ୩ଟି ୱିକେଟ୍ ନେଇଥିଲେ। ଜବାବରେ ଘରୋଇ ଶ୍ରୀଲଙ୍କା ୪୫.୪ ଓଭରରେ ୧୬୪ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ହସିନୀ ପେରେରା ୩୫, ହର୍ଷିତା ସମରବିକ୍ରମା ୩୩ ରନ କରିଥିଲେ। ବିଜୟୀ ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଇକଲେଷ୍ଟୋନ ୪ଟି ୱିକେଟ ନେଇଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶକୁ ପରାସ୍ତ କରିଥିବା ଇଂଲଣ୍ଡ ଏଥିସହ ହ୍ୟାଟ୍ରିକ ବିଜୟ ହାସଲ କରି ୬ ପଏଣ୍ଟ ସହ ଶୀର୍ଷକୁ ଉଠିଛି। ଆସନ୍ତାକାଲି ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ଖେଳାଯିବ।

## ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍: ଭାରତକୁ କାଂସ୍ୟ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଇଣ୍ଡୋନେସିଆକୁ ହରାଇ ଚୀନ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଟିମ୍ ଚାମ୍ପିଅନସିପ୍ ଟାଇଟଲ ହାସଲ କରିଛି। ଏହା ଫଳରେ ଚୀନ୍ ୧୫ଥର ଲାଗି ସୁହାଦିନ୍ତା କପ୍ ହାସଲ କରିଛି। ସେମିଫାଇନାଲରେ ପରାଜିତ ଭାରତ ଓ ଜାପାନ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରଥମ ପଦକ ମିଳିଛି। ଶନିବାର ଫାଇନାଲରେ ଚୀନ୍ ସହଜରେ ବିଜୟୀ ହୋଇଥିଲା। ଚୀନ୍ ଦଳରେ ୩ଜଣ ଏସୀୟ ଚାମ୍ପିଅନ ଓ ୨ ଜଣ ରନର୍ସ ଅପ୍ ଖେଳୁଥିଲେ।

## ୨୦୪ ର୍‍ୟାଙ୍କ୍ ଖେଳାଳିଙ୍କଠୁ ହାରିଲେ ଜୋକୋଭିଚ୍

ସାଙ୍ଘାଇ, ୧୧।୧୦ (ଏଜେନ୍ସି): ସାଙ୍ଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ଶନିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ସେମିଫାଇନାଲରେ ବିଶ୍ୱ ମାନ୍ୟତାର ୨୦୪ତମ ସ୍ଥାନରେ ରହିଥିବା ମୋନାକୋର ଭାଲେଣ୍ଟିନ ଭାଚେରଟ୍‌ଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି। ଯୋଗ୍ୟତା ଅର୍ଜନକାରୀ ୨୬ ବର୍ଷୀୟ ଭାଲେଣ୍ଟିନ ଏହି ମ୍ୟାଚକୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟ ଇତିହାସରେ ସବୁଠୁ କମ୍ ର୍‍ୟାଙ୍କ ଖେଳାଳି ଭାବେ ଭାଲେଣ୍ଟିନ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି।

ଟି-୨୦ କ୍ରିକେଟରେ ବିପର୍ଯ୍ୟୟ

## ଦକ୍ଷିଣ ଆଫ୍ରିକାକୁ ହରାଇଲା ନାମିବ୍ୟା

ୱିଣ୍ଡୋହକ୍,୧୧।୧୦(ଏଜେନ୍ସି): ଟି-୨୦ ବିଶ୍ୱକପ୍ ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ନାମିବ୍ୟା ପରାସ୍ତ କରିଛି। ଏହା ଫଳରେ ନାମିବ୍ୟା ଟି-୨୦ କ୍ରିକେଟରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୧୩୪ ରନ୍ କରିଥିଲା। ଜବାବରେ ନାମିବ୍ୟା ୬ ୱିକେଟ ହରାଇ ଶେଷ ବଲ୍‌ରେ ଚୌକା ସହ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଏହା ଫଳରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟଥର ଲାଗି ଏକ ଆସୋସିଏଟ ଦେଶଠାରୁ (୨୦୨୨ ବିଶ୍ୱକପ୍‌ରେ ନେଦରଲାଣ୍ଡସଠାରୁ) ପରାଜିତ ହୋଇଛି। ସେହିପରି ଆୟର୍ଲାଣ୍ଡ, ଜିମ୍ବାୱେ ଓ ଶ୍ରୀଲଙ୍କା ପରେ ଚତୁର୍ଥ ଟେଷ୍ଟ ଖେଳୁଥିବା ଦେଶ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ନାମିବ୍ୟା ପକ୍ଷରୁ ୨୮ ରନ୍‌ରେ ୩ ୱିକେଟ ନେବା ସହ ୮ ବଲ୍‌ରୁ ଅପରାଜିତ ୧୧ ରନ୍ କରିଥିବା ରୁବେନ ଟ୍ରମ୍ପଲମ୍ୟାନ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ ଆରମ୍ଭ




ଭୁବନେଶ୍ୱର, ୧୧।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଆଇଟିଏଫ୍ ୱାର୍ଲ୍ଡ ଟେନିସ ମାଷ୍ଟର୍ସ ଟୁର୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଓଡ଼ିଶା ଟେନିସ ସଂଘ (ଓଟିଏ) ଆନୁକୂଲ୍ୟରେ ଏବଂ ଇଣ୍ଟରନ୍ୟାସନାଲ ଟେନିସ ମହାସଂଘ (ଆଇଟିଏଫ୍) ଓ ରାଜ୍ୟ କ୍ରୀଡ଼ା ବିଭାଗର ସହଯୋଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୧୫ ତାରିଖରେ ଉଦଯାପିତ ହେବ। କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡିସନାଲ ସେକ୍ରେଟାରୀ ବିଜୟ ସ୍ୱାଇଁ, ଓଟିଏ ସଭାପତି ଅସିତ ତ୍ରିପାଠୀ, ପରାମର୍ଶଦାତା ମଧୁସୂଦନ ପାଢ଼ୀ, ଉପସଭାପତି ସତ୍ୟଜିତ ମହାନ୍ତି, ସମ୍ପାଦକ ସଞ୍ଜୀବ ପଣ୍ଡା, ଓଟିଏର ସମ୍ବିତ ପଟ୍ଟନାୟକ ଓ ଆଇଟିଏଫ୍ ସୁପରଭାଇଜର ପ୍ରବୀଣ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଦେଶର ୧୨୦ଜଣ ପ୍ରଫେଶନାଲ ଖେଳାଳି ଓ ବିଦେଶର ୩ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି।

## ବିନୁ ମଙ୍କଡ ଟ୍ରଫି: ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର, ୧୧।୧୦ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଶନିବାର ଉତ୍ତରପ୍ରଦେଶର ଗୁରୁଗ୍ରାମ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୩ ୱିକେଟ୍‌ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ରପ୍ରଦେଶ ୪୮.୩ ଓଭରରେ ୨୨୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବୋଲିଂରେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ୩ଟି ଓ ସୟଦ ଟଫେଲ ଅହମ୍ମଦ ୨ଟି ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ଆଦିତ୍ୟ ଆନନ୍ଦଙ୍କ ଅପରାଜିତ ୫୭ ରନ ବଳରେ ୪୫.୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ପିୟୂଷ ମନ୍ତ୍ରୀ ମଧ୍ୟ ୧୫ ବଲରେ ୩୮ ରନର ଦ୍ରୁତ ପାଳି ଖେଳିଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୪ ୱିକେଟ୍‌ରେ ଗୁଜରାଟ ନିକଟରୁ ହାରିଯାଇଥିଲା।

## ପରାଜୟ ଓଡ଼ିଶାର ପିଛା ଛାଡୁନି

ଜାତୀୟ ସିନିଅର ମହିଳା ଟି-୨୦



ଭୁବନେଶ୍ୱର, ୧୧।୧୦ (ସମିସ): ଗ୍ୱାଲିୟରର କ୍ୟାପଟେନ ରୂପ ସିଂହ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ରେ ପରାଜୟ ଓଡ଼ିଶାର ପିଛା ଛାଡୁନି। ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଛତିଶଗଡ଼ ୪୭ ରନରେ ଓଡ଼ିଶାକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ୫ ୱିକେଟ୍‌ରେ ହାଇଦରାବାଦ୍ ଓ ୪୨ ରନରେ ହିମାଚଳ ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା। ଶନିବାର ଅନୁଷ୍ଠିତ ମ୍ୟାଚରେ ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୧୪ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ସୁଶ୍ରୀ ୪ ଓଭରରେ ୧୫ ରନ ବ୍ୟୟରେ ୫ଟି ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ଇନିଂସର ଶେଷ ବଲରେ ମାତ୍ର ୬୭ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା। ଓଡ଼ିଶା ପକ୍ଷରୁ ମାଧୁରୀ ମେହେଟା ୧୮ ଓ ସଙ୍ଗୀତା ଖାଡ଼ିଆ ୧୫ ରନ କରିଥିଲେ।

## ଜାତୀୟ ଜୁନିଅର ଆଥ୍‌ଲେଟିକ୍ସରେ ଆଲୋକିକାଙ୍କୁ କାଂସ୍ୟ


ଭୁବନେଶ୍ୱର, ୧୧।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୪୦ତମ ସଂସ୍କରଣର ଦ୍ୱିତୀୟ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ମଧ୍ୟ ଆୟୋଜକ ଓଡ଼ିଶାକୁ ପଦକ ସଫଳତା ମିଳିଛି। ଓଡ଼ିଶାର ଆଲୋକିକା ସ୍ୱାଇଁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୮ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଆଲୋକିକା ଏହି ସଫଳତା ପାଇଛନ୍ତି। ଫାଇନାଲ ରାଉଣ୍ଡରେ ଆଲୋକିକା ୪୭.୫୬ ମିଟର ଜାଭେଲିନ୍ ଫିଙ୍ଗି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏଥିରେ ହରିୟାଣାର ଭବ୍ୟା ପିଲାନିଆ (୫୩.୫୧ମି) ଓ ଝାଡ଼ଖଣ୍ଡର ସବିତା ମୁର୍ମୁ (୪୭.୯୭ମି) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାତେଇନେଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ରେସରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରେ ଚାଲିବାକୁ ଥିବାରୁ ଓଡ଼ିଶା ଆହୁରି ଅଧିକ ପଦକ ଜିତିବାର ସମ୍ଭାବନା ରହିଛି।



ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

## ଭାରତ-ହଂକଂ କ୍ୱାର୍ଟର ଫାଇନାଲ ଆଜି

ଭୁବନେଶ୍ୱର,୧୧।୧୦(ସମିସ):



ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୨୮ତମ ଏସୀୟ ଟେବଲ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଶନିବାର କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହା ମଧ୍ୟରୁ ପୁରୁଷ ବିଭାଗରେ ୧୬ଟି ଓ ମହିଳା ବିଭାଗରେ ୧୪ଟି ଦଳ ଭାଗ ନେଇଛନ୍ତି। ଏହି ଦଳଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବିଭାଗରେ ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ଏଲିଟ ଚାମ୍ପିଅନ୍ସ ଡିଭିଜନକୁ ଯୋଗ୍ୟତା ଅର୍ଜନ କରିବେ। ଏଲିଟ ଡିଭିଜନକୁ ୬ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ବିଭାଗରେ ଚୀନ୍ ଓ ମହିଳା ବିଭାଗରେ ଜାପାନ୍‌କୁ ଶୀର୍ଷ ମାନ୍ୟତା ମିଳିଛି। ଉଭୟ ବିଭାଗରେ ଭାରତକୁ ଚତୁର୍ଥ ମାନ୍ୟତା ମିଳିଛି। ଆସନ୍ତାକାଲି ଏଲିଟ ବା ଚାମ୍ପିଅନ ଡିଭିଜନର କ୍ୱାର୍ଟର ଫାଇନାଲ ମୁକାବିଲା ଆରମ୍ଭ ହେବ। ଏଥିରେ ଭାରତ ସହ ୬ଷ୍ଠ ସିଡ ହଂକଂର ମୁକାବିଲା ହେବ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ମ୍ୟାଚ୍ ହାରିଲେ ଟୁର୍ଣ୍ଣାମେଣ୍ଟରୁ ବିଦା ହେବାକୁ ପଡ଼ିବ। ପୁରୁଷ ଦଳ କ୍ୱାଲିଫାୟର-୧ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ୨ଟି ଲେଖାଏଁ ୪ଟି ଚାମ୍ପିଅନ ଡିଭିଜନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଜି ପୁରୁଷ ବିଭାଗ ଗ୍ରୁପ୍-୫’ରେ ଥାଇଲାଣ୍ଡ ଓ କତାର, ଗ୍ରୁପ୍-୧ରେ ଶ୍ରୀଲଙ୍କା ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଗ୍ରୁପ୍-୧ରେ ଶ୍ରୀଲଙ୍କା ୩-୧ରେ କିରଜୀଜସ୍ତାନକୁ ଓ ୩-୦ରେ ମଙ୍ଗୋଲିଆକୁ ପରାସ୍ତ କରିଛି। ପୁରୁଷ ବିଭାଗରେ ୫ଟି ଓ ମହିଳା ବିଭାଗରେ ୪ଟି ଗ୍ରୁପ୍ କରାଯାଇଛି। ପୁରୁଷ ବିଭାଗରେ ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଓ ଏହା ପରେ ୩ଟି ଦ୍ୱିତୀୟ ସ୍ଥାନିତ ଶ୍ରେଷ୍ଠ ଦଳ କ୍ୱାଲିଫାଇଂ କ୍ୱାର୍ଟରଫାଇନାଲକୁ ଉନ୍ନିତ ହେବେ। ମହିଳା ବିଭାଗରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଯିବେ। ଏମାନଙ୍କ ମଧ୍ୟରେ ନକ୍‌ଆଉଟ ମୁକାବିଲା ହେବ। ଦୁଇ ଫାଇନାଲିଷ୍ଟ ଦଳ ଏଲିଟ ବା ଚାମ୍ପିଅନ୍ସ ଡିଭିଜନକୁ ଉନ୍ନୀତ ହେବେ।


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS